# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com    Weekly (ସାପ୍ତାହିକ)    PRGI NO-ORORI/26/A0341

**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |

VOL-1 | ISSUE-5 | BHUBANESWAR | 22 to 28 March, 2026 | Rs--8/- | ବର୍ଷ-୧ | ସଂଖ୍ୟା-୫ | ଭୁବନେଶ୍ୱର | ୨୨ ରୁ ୨୮ ମାର୍ଚ୍ଚ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା

## ନିବେଶକଙ୍କ ୧୨ ଲକ୍ଷ କୋଟି ସ୍ୱାହା

ନୂଆଦିଲ୍ଲୀ, ୨୧/୦୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଗୁରୁବାର ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ଗୁରୁତର ପ୍ରଭାବ ପକାଇଛି। ସେନ୍‌ସେକ୍ସ ୨୦୦୦ ପଏଣ୍ଟ ଏବଂ ନିଫ୍ଟି ୪୫୩ ପଏଣ୍ଟ ହ୍ରାସ ପାଇଛି। ନିବେଶକାରୀ ଗୋଟିଏ ଦିନରେ ୧୨ ଲକ୍ଷ କୋଟି ଟଙ୍କା ହରାଇଥିବା କୁହାଯାଇଛି। ଇରାନ ପକ୍ଷରୁ କାତାରସ୍ଥିତ ବିଶ୍ୱର ବୃହତ୍ତମ ଗ୍ୟାସ୍ ଭଣ୍ଡାର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରାଯିବା ପରେ ଆନ୍ତର୍ଜାତିକ ମାର୍କେଟରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୦ ଡଲାରକୁ ବୃଦ୍ଧି ପାଇଛି। ଭାରତର ବିଭିନ୍ନ କମ୍ପାନୀର ଅଂଶଧନ ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକାରୀ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି।



# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ରାଜ୍ୟସଭା ନିର୍ବାଚନ ସରିଲା । ସପ୍ତାହ ସପ୍ତାହ ବ୍ୟାପୀ ଆଲୋଚନା, ଆକଳନ, ପୂର୍ବାନୁମାନ ଆଦିର ଅନ୍ତ ହୋଇଛି। ନବୀନ ବାବୁଙ୍କ ବିରୋଧୀ ମାନେ ଆନନ୍ଦିତ ଯେ ତାଙ୍କର ନିଜ ଦଳ ଉପରେ ପୂର୍ବ ଭଳି ନିରଙ୍କୁଶ କ୍ଷମତା ନାହିଁ । ଅତୃପ୍ତ ବ୍ୟକ୍ତିଙ୍କର ସ୍ୱର ଶାଣିତ ହେଲାଣି । କଂଗ୍ରେସ ଦଳର ରାଜ୍ୟ ସଭାପତିଙ୍କ ବିରୋଧୀମାନେ ଆନନ୍ଦିତ ଯେ ନୂଆପଡାର ବିପର୍ଯ୍ୟୟ ପରେ ଏହା ଆଉ ଏକ ବିପର୍ଯ୍ୟୟ। ଯେଉଁ କେତେକ ମୁଷ୍ଟିମେୟ ବିଧାୟକ ଦଳରେ ଅଛନ୍ତି ସେମାନେ ମଧ୍ୟ ଏକାଠି ନାହାନ୍ତି । ବିଜେପି ଦଳ ଉଲ୍ଲସିତ ଯେ, ସେମାନଙ୍କର "ଗୋଟି ଚାଳନା" ସଫଳ ହୋଇଛି, ରାଜ୍ୟସଭାରେ ସେମାନେ ତିନୋଟି ଆସନ ଅକ୍ତିଆର କରିପାରିଲେ ।

ଏ ସମସ୍ତ ଘଟଣାକୁ ଅନୁଧ୍ୟାନ କଲେ ମନେ ହୁଏ ଯେ, ରାଜ୍ୟସଭା ନିର୍ବାଚନ ଏକ ରାଜନୈତିକ ଆଇପିଏଲ ମ୍ୟାଚ୍। କଂଗ୍ରେସ ଦଳ ତାହାର ଆଠ ଜଣ ବିଧାୟକମାନଙ୍କୁ ନେଇ ବେଙ୍ଗାଲୁରୁ ପଳାଇ ଯାଇଥିବା ବେଳେ ବିଜେଡ଼ି ଦଳର ବିଧାୟକମାନେ ନବୀନ ନିବାସର ଲୁଙ୍ଗି ପରିହିତ ଅତିଥି । ବିଜେପି ବିଧାୟକମାନେ ପାରାଦୀପର ଏକ ନାମୀ ହୋଟେଲରେ ଅବସ୍ଥାପିତ । ଇତି ମଧ୍ୟରେ କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ ଆସିଲା ଯେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ କିଛି ଅପରିଚିତ ବ୍ୟକ୍ତିଙ୍କୁ ବେଙ୍ଗାଲୁରୁ ପଠାଇ ଚାରି ଜଣ କଂଗ୍ରେସ ବିଧାୟକଙ୍କୁ ପାଞ୍ଚ କୋଟି ଟଙ୍କା ଲେଖାଏ ଉତ୍କୋଚ ଯାଚିଥିଲେ । ସାଧାରଣରେ ଚର୍ଚ୍ଚା ଚାଲିଲା କେଉଁ ବିଧାୟକ କେତେ ଟଙ୍କାରେ ବିକ୍ରି ହେଲେ । କେଉଁ ରଣନୀତି ପ୍ରୟୋଗ କରି କେଉଁ ଦଳ ବିଜୟ ହାସଲ କରିଛି ତାହା ଦେଖି ଦର୍ଶକମାନେ ବିଭୋର ।

ଏ ସମସ୍ତ ରୋମାଞ୍ଚକର ଘଟଣାବଳୀ ମଧ୍ୟରେ ଗୋଟିଏ ବିଷୟ ସ୍ପଷ୍ଟ ହୋଇଯାଇଛି ଯେ, ଭୋଟ ପାଇଁ ଟଙ୍କା ଦେବା ବା ନେବାରେ ଜନସାଧାରଣ ଆମୋଦିତ ହୋଇପାରନ୍ତି କିନ୍ତୁ କ୍ଷୁବ୍ଧ ନୁହନ୍ତି । ଏହା ସ୍ୱିକାର୍ଯ୍ୟ ଯେ "ଘୋଡା ବେପାର" ରାଜନୀତି ପାଇଁ ନୂଆ ନୁହେଁ । ଏହା ଅନେକ ବର୍ଷ ହେଲା ଚାଲି ଆସୁଛି, ସମଗ୍ର ଭାରତ ବର୍ଷରେ । ପ୍ରାୟ ସବୁ ପ୍ରମୁଖ ଦଳ ଏଇ ଖେଳରେ ଅବତୀର୍ଣ୍ଣ ହୁଅନ୍ତି। ଯେଉଁ ଦଳ "ବେପାର"ରେ ହାରି ଯାଏ, ସେ ବିଜେତାକୁ ଦୋଷ ଦିଏ ଯେ ସେ ଅନୈତିକ କାର୍ଯ୍ୟ କରିଛି । ଭାରତ ସ୍ୱାଧୀନ ହେବାର ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ "ଘୋଡ଼ା ବେପାର"କୁ ଲୋକେ ଘୃଣା ଚକ୍ଷୁରେ ଦେଖୁଥିଲେ । ଯେଉଁ କିଛି ହାତ ଗଣତି ବ୍ୟକ୍ତି ଏ କାର୍ଯ୍ୟରେ ଲିପ୍ତ ଥିଲେ ସେମାନଙ୍କୁ "ଆୟାରାମ -ଗୟାରାମ" ବୋଲି ତାଚ୍ଛଲ୍ୟ କରାଯାଉଥିଲା । ଆଜି ସେହି ମାନଦଣ୍ଡରେ ପରିବର୍ତ୍ତନ ଆସିଛି । ଟଙ୍କା କାରବାର ଦେଖି ଲୋକେ କହୁଛନ୍ତି, "ଯେ ତ ସାଧାରଣ କଥା" । ରାଜନୀତିରେ ଯେ ନୀତି, ଆଦର୍ଶ ରହିପାରେ ତାହା ଲୋକଙ୍କ ମାନସ ପଟରୁ ଅପସରି ଗଲାଣି । ତାହା ହିଁ ଆଜିର ଆଲେଖ୍ୟର ବିଷୟ ବସ୍ତୁ ।



ବିଜୟ କୁମାର ପଟ୍ଟନାୟକ

ଜନସାଧାରଣ କାହିଁକି ନିର୍ବାଚନୀୟ ଅର୍ଥ କାରବାର ପ୍ରତି ଏତେ ସହନଶୀଳ? ଏହାର କାରଣ ହେଲା ସାଧାରଣ ନିର୍ବାଚନରେ ଜନସାଧାରଣ ନିଜେ ଅର୍ଥ କାରବାର କରିବାକୁ ଆମନ୍ତ୍ରଣ କରନ୍ତି । ତେଣୁ ବିଧାୟକ ବା ସାଂସଦ ମାନେ ଦୁର୍ନୀତିରେ ଲିପ୍ତ ହେଲେ କିଏ ପଚାରେ ? ଏ ବିକୃତ ବ୍ୟବସ୍ଥାର ପରିବର୍ତ୍ତନ ହେବ କିପରି ?

ରାଜନୀତିକୁ ଦୁର୍ନୀତିମୁକ୍ତ କରିବାକୁ ହେଲେ ପ୍ରଥମେ ନିର୍ବାଚନ ପ୍ରକ୍ରିୟାକୁ ଦୁର୍ନୀତୀମୁକ୍ତ କରିବାକୁ ହେବ । ଭାରତ ବର୍ଷ ପୃଥିବୀର ସର୍ବବୃହତ ଗଣତନ୍ତ୍ର । ଏହାର ନିର୍ବାଚନ ପ୍ରକ୍ରିୟା ମଧ୍ୟ ସମଗ୍ର ପୃଥିବୀରେ ଅନନ୍ୟ । ଯଦି ନିର୍ବାଚନରୁ ଦୁର୍ନୀତୀ ଆରମ୍ଭ ହୁଏ ତେବେ ତାହା ଶାସନ ଓ କ୍ରମେ ପ୍ରଶାସନକୁ ସଂକ୍ରମିତ ହୁଏ । କହିବା ବାହୁଲ୍ୟ ଯେ ଆଜି ନିର୍ବାଚନ ଅତି ମାତ୍ରାରେ ବ୍ୟୟବହୁଳ ହୋଇ ପଡ଼ିଲାଣି । ଏବେ ତ ପୋଷ୍ଟର, ବ୍ୟାନର, ପ୍ରଚାର ଆଦିରେ ଲକ୍ଷାଧିକ ଟଙ୍କାର ଖର୍ଚ୍ଚ । କର୍ମୀମାନଙ୍କର ଦୈନନ୍ଦିନ ବ୍ୟୟ, ଗାଡ଼ି ଘୋଡ଼ା ବାବଦକୁ ଖର୍ଚ୍ଚ, ବୁଥରେ ବସୁଥିବା ଏଜେଣ୍ଟମାନଙ୍କ ପାଇଁ ଖର୍ଚ୍ଚ, ବିଭିନ୍ନ ଶୋଭାଯାତ୍ରାର ଖର୍ଚ୍ଚ ଇତ୍ୟାଦି ଇତ୍ୟାଦି । ଏ ସମସ୍ତ ଖର୍ଚ୍ଚକୁ ହିସାବ କଲେ ଅନ୍ତତଃ ଏକ କୋଟି ଟଙ୍କାର ଆବଶ୍ୟକତା ଥାଏ। କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ପଣା ।

ନିର୍ବାଚନର ଠିକ ଦୁଇ ତିନ ଦିନ ପୂର୍ବର ସମୟ ହେଉଛି ହାର ଜିତର ସମୟ । ସେହି ସମୟରେ ଯିଏ ଯେତେ ଟଙ୍କା ଖର୍ଚ୍ଚ କଲା ତାହାର ଜିତିବାର ସମ୍ଭାବନା ସେତେ ଅଧିକ । ସେହି ସମୟରେ ଗାଁ ଗହଳିରେ ଲାଗେ ସତେ ଯେପରି ବିବାହ ମହୋତ୍ସବ ଚାଲିଛି । ଠାଏ ଠାଏ ଭୋଜି । କେଉଁଠି ଚିକେନ ତ କେଉଁଠି ମଟନ । ପେଟି ପେଟି ମଦର ବନ୍ୟା । ଯଦି ରାଜ୍ୟସଭା ନିର୍ବାଚନ ଆଇପିଏଲ ମ୍ୟାଚ, ତେବେ ସାଧାରଣ ନିର୍ବାଚନ ପାଞ୍ଚ-ଦିନିଆ ଟେଷ୍ଟ୍ ମ୍ୟାଚ୍ । ଆଉ ନିର୍ବାଚନର ପୂର୍ବ ରାତି ହେଉଛି କାଳ ରାତ୍ରି ଯେତେବେଳେ କି ନିର୍ବାଚନ ପ୍ରଚାର ନିଷିଦ୍ଧ । ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ଡିଜେଲ ଟ୍ୟାଙ୍କର ପର୍ଯ୍ୟନ୍ତ ବିଭିନ୍ନ ଅଭିନବ ଉପାୟରେ ଟଙ୍କା ପରିବହନ ଓ ବିତରଣ ହୁଏ । ନିର୍ବାଚନ କମିଶନଙ୍କ ଦ୍ୱାରା ନିୟୋଜିତ ମାଳ ମାଳ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଚାଲେ ଏଇ ଗଣତାନ୍ତ୍ରିକ ପ୍ରହସନ। "ନିରୀହ" ଭୋଟରମାନେ ଚାହିଁ ବସି ଥାଆନ୍ତି କେଉଁ ପସରାରୁ କେତେ ଟଙ୍କା ଓ ସାମଗ୍ରୀ ମିଳିବ । କେଉଁଠି ଭୋଟର ପିଛା ୫୦୦ ଟଙ୍କା ତ କେଉଁଠି ୨୦୦୦ ଟଙ୍କା । ଓଡ଼ିଶାର ରେଟ ଆନ୍ଧ୍ର ବା ମହାରାଷ୍ଟ୍ରଠାରୁ କମ । ସେମାନଙ୍କର ଅଦ୍ଭୁତ ଯୁକ୍ତି ହେଲା ଥରେ ନିର୍ବାଚିତ ହେଲେ ବିଧାୟକ ବା ସାଂସଦ ପାଞ୍ଚ ବର୍ଷ ପାଇଁ ଅର୍ଥ ଉପାର୍ଜନ କରିବେ । ପ୍ରତି ପାଞ୍ଚ ବର୍ଷରେ ବିଚାରା ଭୋଟର ଥରେ ମାତ୍ର "ଗଣତାନ୍ତ୍ରିକ ଉପାୟରେ" କିଛି ଉପାର୍ଜନ କରିବାର ସୁଯୋଗ ପାଏ । ତାକୁ କିଏ ବା ହାତଛଡ଼ା କରିବ ?

କିନ୍ତୁ ଏ ସବୁ କାର୍ଯ୍ୟ ନିୟମ ବିରୁଦ୍ଧ ଓ ଦଣ୍ଡନୀୟ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ବଳରେ ନିର୍ବାଚନ ସମୟରେ ମଦ ଦୋକାନ ବନ୍ଦ ରୁହେ । କିନ୍ତୁ ଠିକ ସେହି ସମୟରେ ମାଗଣା ମଦର ସୁଅ ଛୁଟେ । ନିର୍ବାଚନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ ରହିବାର ନିର୍ଦ୍ଦେଶ ରହିଛି । କିନ୍ତୁ ଠିକ ସେହି ସମୟରେ ନେତାମାନଙ୍କର ଅନ୍ଧାରି ବିଜେ ହୁଏ । ସବୁ ଖର୍ଚ୍ଚ ମିଶାଇଲେ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାୟ ପାଞ୍ଚ କୋଟି ଟଙ୍କାର ଆବଶ୍ୟକତା ଥାଏ । କେତେକ ସ୍ୱର୍ଣ୍ଣକାତର ନିର୍ବାଚନ ମଣ୍ଡଳୀ ପାଇଁ ଦଶ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ଶୁଣାଯାଏ । ସେ ଟଙ୍କା ଆସିବ କେଉଁଠୁ ?

ନିର୍ବାଚନରେ ଅବତୀର୍ଣ୍ଣ ହେଉଥିବା କିଛି ପ୍ରାର୍ଥୀ ନିଜେ ଅତ୍ୟନ୍ତ ଧନୀ । ସେମାନଙ୍କର ନିଜସ୍ୱ ଇନ୍‌କମ୍ ଟାକ୍ସ ସହସ୍ରାଧିକ ଟଙ୍କା। କିନ୍ତୁ ଓଡ଼ିଶାରେ ସେଭଳି ଧନୀକ ପ୍ରାର୍ଥୀଙ୍କ ସଂଖ୍ୟା ଅତି କମ୍ । ତେଣୁ ନିର୍ବାଚନ ବୈତରଣୀ ପାର ହେବା ପାଇଁ "ଦଳ" ହିଁ ଏକମାତ୍ର ଭରସା । ଜିଲ୍ଲାସ୍ତରୀୟ ନିର୍ବାଚନ ହେଉ ବା ରାଜ୍ୟସଭା ନିର୍ବାଚନ, ସବୁଠି ଦଳ ହିଁ ସର୍ବସ୍ୱ । କିନ୍ତୁ ସମ୍ବିଧାନରେ କେଉଁଠି "ଦଳ" ଶବ୍ଦ ବ୍ୟବହୃତ ହୋଇ ନାହିଁ । ଦିନ ଥିଲା, ଭାରତର ସ୍ୱାଧୀନତା ଲାଭ ପରେ ମହାତ୍ମା ଗାନ୍ଧୀ କହିଥିଲେ ଯେ, କଂଗ୍ରେସ ଦଳର ଆଉ ଆବଶ୍ୟକତା ନାହିଁ । ସେ ଜାଣିଥିଲେ ଯେ ଗୋଟିଏ ଜାତୀୟ ଦଳ ନିର୍ବାଚନରେ ଅବତୀର୍ଣ୍ଣ ହେଲେ ସମଗ୍ର ଭାରତର ରାଜନୈତିକ ଆକାଶକୁ ଆଚ୍ଛାଦିତ କରିଦେବ । ତାଙ୍କର ପରିକଳ୍ପନାର "ଗ୍ରାମ ସ୍ୱରାଜ" ପ୍ରସ୍ଫୁଟିତ ହେବ ନାହିଁ । ଲୋକପ୍ରତିନିଧି ଆଇନ, ୧୯୫୧ ତାଙ୍କର ମୃତ୍ୟୁ ପରେ ପ୍ରଣୀତ ହେଲା । ଉକ୍ତ ଆଇନ ହିଁ "ଦଳ"କୁ ସ୍ୱୀକୃତି ଦେଇଛି । ତେବେ ଉକ୍ତ ଆଇନରେ ଦଳ କହିଲେ କେତେକ ସଭ୍ୟଙ୍କର ସମଷ୍ଟିକୁ ବୁଝାଯାଇଛି ଯେମିତିକି ସମିତି ବା ସୋସାଇଟି ପଞ୍ଜୀକରଣ ହୁଏ । ଅର୍ଥାତ ଦଳ ଗଠନରେ ପ୍ରାଥମିକତା ଦିଆଯାଏ ସଭ୍ୟଙ୍କୁ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଆଉ ଦଳରେ ସାଧାରଣ ସଭ୍ୟଙ୍କର କୌଣସି ଗୁରୁତ୍ୱ ନାହିଁ । ଦଳ କହିଲେ ହାଇ କମାଣ୍ଡ । ଦଳର ମୁଖ୍ୟ ତାହାର ସଭାପତି ନୁହନ୍ତି । ଦଳ ହେଉଛି ସୁପ୍ରିମୋଙ୍କର ବ୍ୟକ୍ତିଗତ ସମ୍ପତ୍ତି । ସେ ତାଙ୍କର ଉତ୍ତରାଧିକାରୀ ବାଛିବେ । ପୁଅ କିମ୍ବା ଝିଅ ହେଲେ ଭଲ । ନ ହେଲେ ପୁତୁରା ବା ପୁତୁରା ବୋହୂ । ହାଇ କମାଣ୍ଡ ନିଷ୍ପତ୍ତି ନେବେ କିଏ ପ୍ରାର୍ଥୀ ହେବେ। ଲୋକସଭା ହେଉ ବା ରାଜ୍ୟ ସଭା, ସବୁଠି ହାଇ କମାଣ୍ଡ ହିଁ ପ୍ରାର୍ଥୀ ଚୟନ ନିଷ୍ପତ୍ତି ନେବେ । ସେ ହିଁ ରଣନୀତି ନିର୍ଦ୍ଧାରଣ କରିବେ । ସେ ହିଁ ଗୋଟି ଚାଳନା କରିବେ । ସେ କହିବେ କେଉଁ ବିଧାୟକ କେଉଁ ପ୍ରାର୍ଥୀଙ୍କୁ ପ୍ରଥମ ପସନ୍ଦ ଭୋଟ ଦେବେ ।

ସଦ୍ୟସମାପ୍ତ ରାଜସଭା ନିର୍ବାଚନରେ କେଉଁ ଦଳର ନିଜ ସଭ୍ୟମାନଙ୍କ ଉପରେ କେତେ ଅଙ୍କୁଶ ରହିଛି ତାହା ହିଁ ଥିଲା ଆଲୋଚନାର ବିଷୟ । କିଏ ଦଳର ନିର୍ଦ୍ଦେଶ ଅମାନ୍ୟ କଲା, କିଏ ବେଇମାନ, ବେଇମାନ ପାଇଁ ଶାସ୍ତି କଣ। ଏ ସମସ୍ତ ଚିନ୍ତାରେ ସମସ୍ତେ ମଗ୍ନ । କିନ୍ତୁ କେହି ପ୍ରଶ୍ନ କରୁ ନାହିଁ ରାଜ୍ୟସଭା କଣ ପାଇଁ ସୃଷ୍ଟି ହୋଇଥିଲା, ରାଜ୍ୟସଭା ସଦସ୍ୟ ଓ ଲୋକସଭା ସଦସ୍ୟଙ୍କ ମଧ୍ୟରେ କଅଣ ପାର୍ଥକ୍ୟ ଅଛି, ନା ଉଭୟ ଗୋଟିଏ ଲାଉ, ଅର୍ଥାତ ଦଳର, ମଞ୍ଜି ।

ଏଠାରେ ମୁଁ ପାଠକମାନଙ୍କୁ ମନେ ପକାଇଦେବାକୁ ଚାହେଁ ଯେ, ସଂସଦକୁ ଦୁଇ କକ୍ଷ ବିଶିଷ୍ଟ କରିବା ପଛରେ କଣ ଉଦ୍ଦେଶ୍ୟ ଥିଲା ? ଉଦ୍ଦେଶ୍ୟ ଥିଲା ଯେ, ରାଜ୍ୟସଭା ଦେଶର କିଛି ପରିପକ୍ୱ ବ୍ୟକ୍ତିଙ୍କର ସମାହାର ଯାହାଙ୍କର ଅଭିଜ୍ଞତାକୁ ଆଇନ ପ୍ରଣୟନରେ ବ୍ୟବହାର କରାଯିବ । ସେଥିପାଇଁ ରାଜ୍ୟ ସଭାର ସଭ୍ୟମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ନିର୍ଣ୍ଣିତ ହୋଇ ନାହିଁ । ସେମାନେ ପ୍ରତ୍ୟକ୍ଷ ନିର୍ବାଚନର କସରତରୁ ଉର୍ଦ୍ଧ୍ୱରେ ରହି ସମଗ୍ର ରାଜ୍ୟ ପାଇଁ ଓ ଦେଶ ପାଇଁ ଚିନ୍ତା କରିପାରିବେ । ଜଣେ ଲୋକସଭା ପ୍ରାର୍ଥୀ ପାଇଁ ନିମ୍ନତମ ସୀମା ୨୫ ବର୍ଷ ଥିବା ବେଳେ ରାଜ୍ୟ ସଭା ପାଇଁ ତାହା ୩୦ ବର୍ଷ । ଉଦ୍ଦେଶ୍ୟ ହେଲା ସେମାନେ ନିଜର ବିଜ୍ଞତାକୁ ଦେଶ ପାଇଁ ବ୍ୟବହାର କରିପାରିବେ ।

କିନ୍ତୁ ଗୋଟିଏ ରାଜନୈତିକ ଦଳ ପାଇଁ ଏ ସମସ୍ତ ଚିନ୍ତାର ସ୍ଥାନ ନାହିଁ । ଦଳ ପାଇଁ ପ୍ରାଥମିକତା ହେଉଛି ଅନୁଗତଙ୍କ ସଂଖ୍ୟା, ସେମାନଙ୍କର ଜ୍ଞାନ ବା ଅଭିଜ୍ଞତା ନୁହେଁ। ନ ହେଲେ ସଦ୍ୟସମାପ୍ତ ରାଜ୍ୟସଭା ନିର୍ବାଚନରେ କୌଣସି ଦଳର ଆବଶ୍ୟକ ସଭ୍ୟ ସଂଖ୍ୟା ନ ଥାଇ, ଚତୁର୍ଥ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାର ଆବଶ୍ୟକତା କଣ ? ଏହା କଅଣ ଗୋଟିଏ ଆଇପିଏଲ ମ୍ୟାଚ୍ ?

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର

### ବ୍ୟଙ୍ଗ ପ୍ରହାର

**ପ୍ରମାଦ**

ରାଜ୍ୟ ରାଜନୀତିଆଙ୍କୁ ଦୁରୁ ଜୁହାର
ସମୟ ଆସିଲେ କେହି ନୁହେଁ ଏଠି କାହାର
ଯୋଡ଼ା ଆଗରେ ଘୋଡ଼ା ଜିତି ଯାଏ
ନିଲମ୍ବନ କରି ଦଳୁ କରିଦେଲେ ବାହାର
ବାହୁବଳୀ ସଫେଇରେ ଦିଏ ହୁଁକାର
କିଏ ଖାଏ ଗାଳି, କିଏ ରସାବଳି
ଭକ୍ତ ହେଲେ ଶକ୍ତ, ବିଜୟ ବେଳ ଦେଖି
ଦେଲେ ପାହାର ।।




# ଘୋଡ଼ାକୁ ନୁହଁଇ ଯୋଡ଼ା ସରି, ବିଜେଡି-କଂଗ୍ରେସ ଗଲେ ହାରି

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ର କରି ଯେଉଁ ଫଳାଫଳ ଆସିଲା ତାହା ନୂଆ ରାଜନୀତିର ମୂଳଦୁଆ ପକାଇଲା । ହେଲେ ଘୋଡ଼ା ବେପାର ଆଗରେ ତିନି ଦଳ ଚିତ୍‌ପଟାଙ୍ଗ ମାରିଲେ । ସମୟ ଥିଲା, ନବୀନଙ୍କ ଇଙ୍ଗିତରେ ବିଜେଡି ନେତାଠାରୁ ବିଧାୟକ,ମନ୍ତ୍ରୀ ପର୍ଯ୍ୟନ୍ତ ଭୟରେ ଥରୁଥିଲେ । ବିଜେଡି ସଭାପତି ଆସନରେ ନବୀନ ଅଛନ୍ତି,ହେଲେ ଶାସନ ନଥିବାରୁ ନବୀନଙ୍କ ପତିଆରା କ୍ଷୁର୍ଣ୍ଣ ହୋଇଛି । ଦଳ ନିଷ୍ପତ୍ତି ନେଇଥିବା ପ୍ରାର୍ଥୀ ଡ.ଦତ୍ତେଶ୍ୱର ହୋତାଙ୍କ ବିରୁଦ୍ଧରେ ବିଜେଡି ବିଧାୟକମାନେ ୮ଟି କ୍ରସ ଭୋଟିଂ କରିବାରୁ ପରାଜୟ ଚାଖିବାକୁ ପଡ଼ିଛି । ଅତୀତକୁ

**ରାଜ୍ୟସଭା ନିର୍ବାଚନ**




ଅବଲୋକନ କଲେ,ନବୀନ ରାଜ୍ୟସଭା ନିର୍ବାଚନକୁ ନେଇ କେତେବେଳେ ସଫଳ ହୋଇଛନ୍ତି ତ ଅ । ଓ କେତେବେଳେ ବିଫଳତାର ଦୁଃଖ ଭୋଗିବାକୁ ପଡ଼ିଛି । ସମ ଦୂରତ୍ୱ କହୁଥିବା ବିଜେଡି ସୁପ୍ରିମୋ ନବୀନ ପ୍ରଥମ ଥର ପାଇଁ କଂଗ୍ରେସ ସହ ହାତ ମିଳାଇ ନୂଆ କିଛି କରିବାର ସ୍ୱପ୍ନ ଦେଖିଥିଲେ, ତାହା ଅଧୁରା ରହିଲା । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଦିଲ୍ଲୀପ ରାଏ, ବିଜେଡି ସମର୍ଥିତ ଓ କଂଗ୍ରେସ-ବିଜେଡି ଭୋଟ କ୍ରସିଂରେ ଜିତିବାର ସୁଯୋଗ ପାଇଲେ । କଥାରେ ଅଛି,ଯୋଡ଼ାକୁ ନୁହଁଇ ଘୋଡ଼ା ସରି । ହେଲେ ରାଜନୀତିରେ ଘୋଡ଼ାକୁ ନୁହଁଇ ଯୋଡ଼ା ସରି ଦେଖିବାକୁ ମିଳିଛି । ବିଜେଡିର ୪୮, କଂଗ୍ରେସର ୧୪, ସିପିଏମ୍‌ର ଗୋଟିଏ ଭୋଟ ଥାଇ ନବୀନଙ୍କ ଦ୍ୱାରା ଘୋଷିତ ଦୁଇ ଜଣ ରାଜ୍ୟସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଜିତିଥିବା ବେଳେ ଡ.ଦତ୍ତେଶ୍ୱର ହୋତା ହାରି ଘୋଡ଼ା ବେପାର ଯୋଗୁଁ ବଳି ପଡ଼ିଛନ୍ତି । ଡାକ୍ତର ହୋତା ଜୀବନରେ ଅନେକ ଅପରେସନ କରି ସଫଳତା ଅର୍ଜନ କରିଛନ୍ତି । ହେଲେ ରାଜନୈତିକ ଅପରେସନ ବିଫଳ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ହ୍ୱାଟସଆପ୍ ଆଇଡି ବନ୍ଦ ନେଇ କେନ୍ଦ୍ର ସରକାରଙ୍କ କଡ଼ା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧/୦୩ : କେନ୍ଦ୍ର ସରକାର ହ୍ୱାଟ୍ସଆପ୍ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ୍ ଗିରଫ ଠକେଇରେ ବ୍ୟବହୃତ ହ୍ୱାଟ୍ସଆପ୍ ଡିଭାଇସ୍ ଆଇଡି ଗୁଡ଼ିକୁ ରୋକିବା ପାଇଁ ସରକାର ସେମାନଙ୍କୁ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଠୋର ଆଭିମୁଖ୍ୟ ଗ୍ରହଣ କରି, ସରକାର ସମସ୍ତ ଡିଭାଇସ୍ ଅବରୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଥିରେ ସାଇବର ଅପରାଧୀମାନେ ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲନ୍ତି ଏବଂ ନିରୀହ ଲୋକଙ୍କୁ ଡିଜିଟାଲ୍ ଗିରଫ କରି ସେମାନଙ୍କ ଟଙ୍କା ଠକି ନିଅନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହାର ସାଇବର ଶାଖା, ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ୍ ସେଣ୍ଟରର ଏକ ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁଯାୟୀ, ଠକମାନେ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପରେ ଆକାଉଣ୍ଟ ତିଆରି କରନ୍ତି ଏବଂ ଲୋକଙ୍କୁ ଡିଜିଟାଲ୍ ଭାବରେ ଗିରଫ କରିବା ପାଇଁ ହ୍ୱାଟ୍ସଆପ୍ ଫୋନ୍ ଏବଂ ଭିଡିଓ କଲ୍ କରନ୍ତି। ତା'ପରେ ସେମାନେ ମେସେଜ୍ ପଠାନ୍ତି ଏବଂ ଲୋକମାନଙ୍କୁ ନିଜ ଫାଶରେ ଫସାଇ ଦିଅନ୍ତି। ପ୍ରତ୍ୟେକ ନୂତନ ଠକେଇ ପାଇଁ ସେମାନେ ନୂତନ ଆଇଡି ସୃଷ୍ଟି କରନ୍ତି। ତେଣୁ, କେବଳ ସେହି ଫୋନ୍ ଗୁଡ଼ିକୁ ବନ୍ଦ କରାଯିବ , ଯେଉଁଥିରେ ବାରମ୍ବାର ହ୍ୱାଟ୍ସଆପ୍ ଆଇଡି ସୃଷ୍ଟି କରାଯାଏ।

## ୱାର୍ଡେନଙ୍କୁ ହତ୍ୟା

ବୈଶିଙ୍ଗା, ୨୧/୦୩ (ଜେଏନ୍‌ଏସ୍) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର କଳମା ଛକ ନିକଟରେ ସ୍ଥାନୀୟ ବିବେକାନନ୍ଦ ଘରୋଇ ବିଦ୍ୟାଳୟର ଅଧକ୍ଷା ଓ ହଷ୍ଟେଲ ୱାର୍ଡେନଙ୍କୁ ପ୍ରାଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ୱାର୍ଡେନ କୁଡ଼ିମୁଣ୍ଡା ଗ୍ରାମର ସନ୍ୟାସୀ ଦାସଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଥିବାବେଳେ ଅଧକ୍ଷା କାଦମ୍ବିନୀ ରାଉତ ଗୁରୁତର ଆହତ ।

## ୧୯ଟି ରାଜ୍ୟରେ ବଜ୍ରପାତ ଏବଂ ବର୍ଷା ସତର୍କତା ଜାରି

ନୂଆଦିଲ୍ଲୀ, ୨୧/୦୩ : ସାରା ଦେଶରେ ପାଗ ଖରାପ ହୋଇଛି। ମାର୍ଚ୍ଚ ମଧ୍ୟଭାଗରେ ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ବିହାର ସମେତ ଅନେକ ରାଜ୍ୟରେ ଥଣ୍ଡା ଫେରି ଆସିଛି। କଶ୍ମୀର ଏବଂ ହିମାଚଳରେ ନିରନ୍ତର ତୁଷାରପାତ ଜାରି ରହିଛି। ଭାରତ ପାଣିପାଗ ବିଭାଗ ୧୯ଟି ରାଜ୍ୟରେ ବର୍ଷା, ଝଡ଼ବର୍ଷା, ବିଜୁଳି ଏବଂ କୁଆପଥର ବର୍ଷା ପାଇଁ ସତର୍କତା ଜାରି କରିଛି। ଉତ୍ତର-ପଶ୍ଚିମ, ମଧ୍ୟ ଏବଂ ପୂର୍ବ ଭାରତର ଅନେକ ଅଞ୍ଚଳରେ ପାଗ ପ୍ରଭାବିତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଆଜି ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ କୁଆପଥର ବର୍ଷାର ପୂର୍ବାନୁମାନ କରିଛି। ମଧ୍ୟ ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ର ମଧ୍ୟ କୁଆପଥର ବର୍ଷାର ପୂର୍ବାନୁମାନ କରିଛି।

## ମାର୍ଚ୍ଚ ୩୧ ସୁଦ୍ଧା ପାନ୍ -ଆଧାର ଲିଙ୍କ ଶେଷ ସୁଯୋଗ

ନୂଆଦିଲ୍ଲୀ, ୨୧/୦୩ : ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଥିବାରୁ ଆଧାର-ପାନ ଲିଙ୍କ୍ କରିବାର ଶେଷ ସୁଯୋଗ ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଯଦି ଆପଣ ନିଜର ପାନ୍‌କୁ ଆଧାର ସହିତ ଲିଙ୍କ୍ କରିନାହାଁନ୍ତି, ତେବେ ଆପଣଙ୍କର ପାନ୍ କାର୍ଡ ଅକାମୀ ହୋଇଯିବ। ବର୍ତ୍ତମାନ ଏଥିପାଇଁ ଜଣେ ବ୍ୟକ୍ତି ୧,୦୦୦ ର ଜୋରିମାନା ଦେଇ ପାନ୍ ସହିତ ଆଧାର ଲିଙ୍କ କରିବାର ସୁବିଧା ପାଉଛି। ୨୦୨୫-୨୬ ପାଇଁ ଆୟକର ରିହାତି ପାଇବାକୁ ହେଲେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମସ୍ତ ପୁଞ୍ଜି ନିବେଶ ଶେଷ କରିବାକୁ ପଡ଼ିବ।

## ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶରେ ଏପ୍ରିଲ ୧ରୁ ଏସ୍‌ଆଇଆର

ନୂଆଦିଲ୍ଲୀ, ୨୧/୦୩ : ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଏପ୍ରିଲ ୧ ତାରିଖରେ ଆରମ୍ଭ ହେବାକୁ ଯାଉଛି, ଯାହା ୨୦୨୬ ମଇ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରକ୍ରିୟା ପ୍ରତ୍ୟେକ ପରିବାରକୁ ଯାଞ୍ଚ କରିବ। ମୃତ ବ୍ୟକ୍ତିଙ୍କ ନାମ ହଟାଇ ଦିଆଯିବ। ଡୁପ୍ଲିକେଟ ଏଣ୍ଟ୍ରିଗୁଡ଼ିକୁ ଖାଲି କରାଯିବ ଏବଂ ନୂତନ ଯୋଗ୍ୟ ଭୋଟର ଯୋଡାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୋଟରମାନଙ୍କୁ ୨୦୦୨ ଭୋଟର ତାଲିକା ସହିତ ସେମାନଙ୍କର ନାମ ଲିଗାସି ଲିଙ୍କେଜ୍ ଭାବରେ ପରିଚିତ ଏକ ପ୍ରକ୍ରିୟା ସହିତ ଲିଙ୍କ କରିବାକୁ ପଡିବ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ନିଦ ହଜାଇ ଦେଇପାରେ। ଏହି ଚିନ୍ତାକୁ ଅନୁଭବ କରି ଇଓଗଓଗ ସଭାପତି ଅସଦୁଦ୍ଦୀନ ଓୱେସି ହାଇଦ୍ରାବାଦର ଦାରୁସଲାମରେ ଥିବା ଦଳୀୟ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ହେଲ୍ପଡେସ୍କ ସ୍ଥାପନ କରିଛନ୍ତି।

# କାରଣ ଦର୍ଶାଅ ନୋଟିସ ପରେ ବଢ଼ିଲା ବିଜେଡି କଳି

## ନୋଟିସ୍ ପ୍ରତ୍ୟାହାର କରିବାକୁ ପ୍ରମିଳାଙ୍କୁ ଧମକ ଦେଲେ ବିଧାୟକ

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ଗତ ଶୁକ୍ରବାର ଅପରାହ୍ନ ୫ଟାରେ କଣ୍ଟ ପୁରିବା ପୂର୍ବରୁ ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଦଳ ପକ୍ଷରୁ ଜାରି କାରଣଦର୍ଶାଅ ନୋଟିସର ଜବାବ ଦେଇଛନ୍ତି। ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କ୍ରସଭୋଟିଂ କରିଥିବା ଦେବୀରଞ୍ଜନଙ୍କ ସମେତ ଅନ୍ୟ ୫ଜଣ ବିଧାୟକଙ୍କୁ ୧୭ତାରିଖରେ କାରଣଦର୍ଶାଅ ନୋଟିସ୍ ଜାରି କରି ୨୦ତାରିଖ ଅପରାହ୍ନ ୫ଟା ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି କଣ୍ଟ ପୁରିବାର କିଛି ଘଣ୍ଟା ପୂର୍ବରୁ ଦେବୀରଞ୍ଜନ ଓ ଅନ୍ୟ ୫ଜଣ ବିଧାୟକ ଅତ୍ୟନ୍ତ ଆକ୍ରାମକ ଆଭମୁଖ୍ୟ ଗ୍ରହଣ କରି ନୋଟିସର ଜବାବ ଦେଇଛନ୍ତି। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦେଇଥିବା କାରଣଦର୍ଶାଅ ନୋଟିସ୍ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ, ମନମୁଖୀ ଓ ଅସମ୍ବିଧାନିକ ବୋଲି କହିବା ସହ ଏହି ନୋଟିସ୍ ତାଙ୍କୁ ଭୟଭୀତ କରିବା ଓ ନିର୍ବାଚନକୁ



ଅଯଥା ପ୍ରଭାବିତ କରିବା ଉଦ୍ଦିଷ୍ଟ। ଯାହାକି ଭାରତୀୟ ନ୍ୟାୟ ସଂହିତା(ବିଏନଏସ)-୨୦୦୩ର ଧାରା ୧୭୧ ଓ ୧୭୪ ଅନ୍ତର୍ଗତ ଗମ୍ଭୀର ଦଣ୍ଡନୀୟ ଅପରାଧ। ଯଦି ଏହି ଅବୈଧ ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରାନଯାଏ, ତା'ହେଲେ ଆଇନ ଅନୁଯାୟୀ ପ୍ରମିଳାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ବାଧ ହେବେ ଓ ଏହି ଆଇନଗତ ଲଢ଼େଇ ପାଇଁ ସେମାନେ ପ୍ରସ୍ତୁତ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି। ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଦେବୀରଞ୍ଜନ ଓ ଅନ୍ୟ ୫ ବିଧାୟକ ଦଳକୁ ଆଇନର ପାଠ ପଢ଼ାଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ କୌଣସି ରାଜନୀତିକ ଦଳ ନିଜ ସଭ୍ୟମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭୋଟ୍ ଦେବା ପାଇଁ ହ୍ୱିପ୍ ଜାରି କରିପାରିବେ ନାହିଁ। ଏହା ସୁପ୍ରିମକୋର୍ଟଙ୍କ ଐତିହାସିକ କୁଲଦୀପ ନାୟାର ବନାମ ଭାରତ ସରକାର ଓ ପଶୁପତିନାଥ ସୁକୁଲ ଓ କିହୋଟୋ ହୋଲୋହାନ ମାମଲାର ରାୟର ସିଧାସଳଖ ଉଲ୍ଲଘଂନ କରୁଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ରାଜ୍ୟସଭା ନିର୍ବାଚନରେ ନିଜ ବିବେକାନୁମୋଦିତ ଭୋଟ୍ ଦେଲେ ସମ୍ବିଧାନର ଦଶମ ଅନୁସୂଚୀ ବା ଦଳବଦଳ ବିରୋଧୀ ଆଇନ ଲାଗୁ ହୁଏ ନାହିଁ। ନିର୍ବାଚନ ଆୟୋଗଙ୍କ ୨୦୧୭ ମସିହାର ନିର୍ଦ୍ଦେଶକୁ ମଧ୍ୟ ଦଳ ଅଣଦେଖା କରୁଛି ବୋଲି ସେମାନେ ଦମ୍ଭୋକ୍ତି ବାଢ଼ିଛନ୍ତି। ମୁଖ୍ୟ ସଚେତକ ତାଙ୍କର କ୍ଷମତା ପରିସର ବାହାରକୁ ଯାଇ ଏଭଳି ଧମକ ଦେଇଥିବା ସେ ଅଭିଯୋଗ କରିବାକୁ ମଧ୍ୟ ପଛାଇ ନାହାନ୍ତି।

ତେବେ କ୍ରସ ଭୋଟିଂ କରିଥିବା ବିଧାୟକମାନଙ୍କ ଉତ୍ତର ଉପରେ ଜବାବ ରଖି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଆଇନ କ'ଣ କେବଳ ସେମାନଙ୍କୁ ଜଣା ଅଛି ନା କ'ଣ। ଆମକୁ ବି ଆଇନ ଜଣା ଅଛି। ସେମାନେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ରାଜ୍ୟସଭା ନିର୍ବାଚନ, ଦୟନୀୟ ନବୀନ

## କେତେ ସଫଳ,କେତେ ବିଫଳ ?

### ୩ୟ ଥର ପାଇଁ ରାଜ୍ୟସଭା ଗଲେ ଦିଲ୍ଲୀପ

ଭୁବନେଶ୍ୱର, ୨୧/୦୩ (ପ୍ରମୋଦ ସାମନ୍ତରାୟ) : ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜନୀତିରେ ପ୍ରବେଶ କରିବା ଦିନଠୁ କେବେ ସଫଳତାର ମୁକୁଟ ପିନ୍ଧିଛନ୍ତି ତ ଆଉ କେତେବେଳେ ବିଫଳତାର କଳାଦାଗ ପିନ୍ଧିବାକୁ ପଡିଛି । ନବୀନଙ୍କ ସମୟରେ ୧୯ ଥର ରାଜ୍ୟସଭା ନିର୍ବାଚନ ଅନେକଙ୍କ ପାଇଁ ଆହ୍ୱାନ ଥିବା ବେଳେ ଅନେକଙ୍କୁ ମଧ୍ୟ ଜୟ-ପରାଜୟର ସ୍ୱାଦ ଚାଖିବାକୁ ପଡିଛି ।



ଅନେକ ନେତାଙ୍କୁ ଦଳରୁ ବାହାର କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜନୀତିର ବାହାର ରାସ୍ତା ଦେଖାଇଥିଲେ ମଧ୍ୟ ବିଜୁ ବାବୁଙ୍କ ଘନିଷ୍ଠ ସହଯୋଗୀ ଭାବେ ଦିଲ୍ଲୀପ ରାଏ କେବେ ପରାଜୟର ରାସ୍ତା ଦେଖି ନାହାନ୍ତି । ବରଂ ନବୀନଙ୍କୁ ଦ୍ୱିତୀୟ ଥର ପାଇଁ ଝଟକା ଦେଇ ରାଜ୍ୟସଭା ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

୧୯୯୫ ମସିହାରେ ଓଡ଼ିଶାରେ ଯେତେବେଳେ ଜାନକୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଥିଲା । ସେତେବେଳେ କଂଗ୍ରେସରୁ ୮୦ଜଣ, ଜନତା ଦଳରୁ ୪୬ଜଣ ଏବଂ ବିଜେପିରୁ ମାତ୍ର ୯ଜଣ ବିଧାୟକ ଓଡ଼ିଶା ବିଧାନସଭାରେ ପ୍ରତିନିଧିତ୍ୱ କରୁଥିଲେ । ୧୯୯୬ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

### ରଘୁନାଥ ହାରିଲେ, ବୈଷ୍ଣବ ଜିତିଲେ

ଭୁବନେଶ୍ୱର, ୨୧/୦୩ : ଓଡ଼ିଶାର ଜଣେ ବିଶିଷ୍ଟ ପଥର କାରିଗରୀ ପଦ୍ମ ବିଭୁଷଣ ରଘୁନାଥ ମହାପାତ୍ରଙ୍କୁ ୨୦୧୪ ମସିହା ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ସମର୍ଥିତ ସ୍ୱାଧିନ ପ୍ରାର୍ଥିଭାବେ ନିର୍ବାଚନ ଲଢ଼ାଇଥିଲା । ସେତେବେଳେ ତାଙ୍କର ପରାଜୟ ବରଣ ହୋଇଥିଲା । ପରବର୍ତ୍ତି ସମୟରେ ୨୦୧୮ ମସିହାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ବିଜେପି ସମର୍ଥିତ ପ୍ରାର୍ଥି ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ଓଡ଼ିଶାର ଜଣେ ଓଡ଼ିଆ ଭାଷା ପ୍ରେମୀ ତଥା ବିଶିଷ୍ଟ ସମାଜସେବୀ ବୈଷ୍ଣବ ଚରଣ ପରିଡା ୨୦୧୦ ମସିହାରେ ବଜେଡି ସମର୍ଥିତ ସ୍ୱାଧିନ ପ୍ରାର୍ଥିଭାବେ ରାଜ୍ୟସଭା ନିର୍ବାଚନ ଲଢି ବିଜୟ ଲାଭ କରିଥିଲେ ।

### ବିଜେପି ପ୍ରାର୍ଥୀ ଅଶ୍ୱିନୀଙ୍କୁ ସମର୍ଥନ ପଛର କାରଣ କଣ ?

ଭୁବନେଶ୍ୱର, ୨୧/୦୩ : ଓଡ଼ିଶାର ଜଣେ ଦକ୍ଷ ପ୍ରଶାସକ ଭାବେ ଜଣାଶୁଣା ଅଶ୍ୱିନୀ ବୈଷ୍ଣବ ୨୦୦୩ ମସିହାରେ ଅଟଳ ବିହାରୀ ବାଜେପେୟୀଙ୍କ ସରକାରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦକ୍ଷ ଅଫିସର ଭାବେ କାର୍ଯ୍ୟ କରିଥିଲେ । ୨୦୧୦ ମସିହାରେ ଆଇଏଏସ୍ ରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ୨୦୧୯ ମସିହାରେ ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ରାଜନୀତୀରେ ଯୋଗ ଦେଇଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋହୀଙ୍କ ଅନୁରୋଧ କ୍ରମେ ୨୦୧୯ ରାଜ୍ୟସଭା ନିର୍ବାଚନରେ ବିଜେପି ପାର୍ଥୀ ଅଶ୍ୱିନୀ ବୈଷ୍ଣବକୁ ତତକାଳିନ ଶାସକ ବିଜୁ ଜନତା ଦଳ ତାଙ୍କୁ ସମର୍ଥନ କରି ନିର୍ବାଚିତ କରିଥିଲା । ପୁଣି ୨୦୨୪ରେ ଯେତେବେଳେ ଅଶ୍ୱିନୀଙ୍କ କାର୍ଯ୍ୟକାଳ ସରିଲା ସେତେବେଳେ ପୁଣି ଥରେ ବିଜେଡି, ବିଜେପି ପାର୍ଥୀ ଅଶ୍ୱିନୀ ବୈଷ୍ଣବକୁ ଭୋଟ ଦେଇ ରାଜ୍ୟସଭାକୁ ପଠାଇଥିଲା । ତେବେ ସବୁଠାରୁ ବଡ ପଶ୍ନ ଉଠେକି ଦଳ ବିରୋଧି କାର୍ଯ୍ୟ ଓ ଘୋଡା ବେପାରକୁ ନେଇ ବିଜେଡି ସୁପିମୋ ନବୀନ ପଟ୍ଟନାୟକ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ନବୀନଙ୍କ ସମୟରେ ୧୯ ଥର ରାଜ୍ୟସଭା ନିର୍ବାଚନ ହୋଇଥିଲେ ମଧ୍ୟ ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇ ଦୁଇ ଥର ସମର୍ଥନ ପଛରେ କି ସ୍ୱାର୍ଥ ରହିଥିଲା ବୋଲି ଏବେ ସନ୍ଦେହ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ବିଦ୍ୟାଳୟ ପାଠାଗାର ବହି କିଣାରେ ଅନିୟମିତତା ଅଭିଯୋଗ



ନନ୍ଦପୁର, ୨୧/୦୩ (ଜେଏନ୍ଏସ୍) : ଏକ ନିର୍ଦ୍ଦିଷ୍ଟ ପ୍ରକାଶନ ସଂସ୍ଥାରୁ ସ୍କୁଲ ପରିଚାଳନା କମିଟିର ଅଜାଣତରେ ବିଦ୍ୟାଳୟ କମ୍ପୋଜିଟ ପାଣ୍ଠିରେ ପାଠାଗାର ବହି କିଣାରେ ଅନିୟମିତତା ପ୍ରସଙ୍ଗ ନେଇ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ରେ ଏସ୍ଏମ୍ସି ବୈଠକ ହୋଇଥିବା ଜଣାପଡ଼ିଛି । ଅନିୟମିତତା ନେଇ ସୂଚନା ଅଧିକାର କର୍ମୀ ବିପିନି ବିହାରୀ ମହାପାତ୍ର ନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଆରଟିଆଇ ତଥ୍ୟ ମାଗିଥିଲେ । ଏହା ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କେତେଜଣ ଅଧିକାରୀଙ୍କ ଚାପରେ ସିଆରସିସିମାନେ ବ୍ଲକରେ ବହି କିଣିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଛୁଆ ତାରିଖରେ ଜବରଦସ୍ତି ଏସ୍ଏମ୍ସି ବୈଠକ କରି ରିପୋର୍ଟ ପ୍ରଦାନ କରିବାକୁ ବାଧ କରୁଥିବା ସୂଚନା ମିଳିଛି । ଏହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍ଏମ୍ସି ପରିଚାଳନା କମିଟି ସଭାପତିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାନୁଯାୟୀ, ତା. ୧।୩।୨୦୨୬ରେ ପାଠଗାର ବହି କିଣାରେ ଦୁର୍ନୀତି ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏଥିରେ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କମ୍ପୋଜିଟ ଗ୍ରାଣ୍ଟ ପାଣ୍ଠି ବିନିଯୋଗ ବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାର । ନିର୍ଦ୍ଦିଷ୍ଟ ସଂସ୍ଥାଠାରୁ ବହି କିଣା ବିକା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା ସୂଚନା ଦିଆଯାଇଥିଲା । ବିଦ୍ୟାଳୟ କମ୍ପୋଜିଟ ଗ୍ରାଣ୍ଟ ଅର୍ଥରେ ଲାଇବ୍ରେରୀ ବହି କିଣିବାକୁ ଡିପିସି ଦେଇଥିବା ପରାମର୍ଶ ପତ୍ର, ବହି କିଣା ବାବଦକୁ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ସିଆରସିସିମାନେ ଦେଇଥିବା ମେସେଜ ବାର୍ତ୍ତା, କମ୍ପୋଜିଟ ଗ୍ରାଣ୍ଟ ବିନିଯୋଗ ପାଇଁ ଥିବା ସରକାରୀ ନିୟମାବଳୀ, ବହି କିଣିଥିବା ବିଦ୍ୟାଳୟ ଓ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମ, ବହି ଯୋଗାଇଥିବା ପ୍ରକାଶନ ସଂସ୍ଥାର ନାମ ଓ ତାଙ୍କୁ ବହି ବିକିବାକୁ ସରକାରଙ୍କ ଅନୁମତି ପତ୍ର, ଜିଲା ଶିକ୍ଷାଅଧିକାରୀଙ୍କ ବିନା ଅନୁମତିରେ ବହି କିଣାବିକା ହୋଇଛି ତାହେଲେ ସମ୍ପୃକ୍ତ ସିଆରସିସି ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଗୃହୀତ କାର୍ଯ୍ୟାନୁଷ୍ଠାନ ତଥ୍ୟ, ଯଦି କାର୍ଯ୍ୟନୁଷ୍ଠାନ ହୋଇନି ତାହେଲେ ଅନ୍ତର୍ନିହିତ କାରଣ ସମ୍ପର୍କରେ ସୂଚନା ଦେବାକୁ ଆରଟିଆଇ ଆବେଦନ ପତ୍ରରେ ସୂଚନା ଅଧିକାର କର୍ମୀ ମହାପାତ୍ର ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ, ଜୟପୁର ଅଞ୍ଚଳର ମାନବାଧିକାର କର୍ମୀ ଅନୁପ ପାତ୍ର ଘଟଣା ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ଓପେପା ସଚିବ, ଭିଜିଲାନ୍ସ ବିଭାଗ ଓ କୋରାପୁଟ ଜିଲାପାଳଙ୍କୁ ପତ୍ର ଲେଖି ତଦନ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାର ତଦନ୍ତ ହେବା ପୂର୍ବରୁ ଆରଟିଆଇ ତଥ୍ୟ ମାଗିବା କର୍ତ୍ତୃପକ୍ଷଙ୍କୁ ହରଡ଼ଘଣାରେ ପକାଇଥିବା କୁହାଯାଉଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଜିଲା କମିଟିର ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟ କର୍ତ୍ତୃପକ୍ଷ ଏସ୍ ?ଏମ୍ ?ସି ବୈଠକରେ ପ୍ରସ୍ତାବ ପାରିତ କରି କମ୍ପୋଜିଟ ଗ୍ରାଣ୍ଟର ୧୦ ପ୍ରତିଶତ ଟଙ୍କା ବ୍ୟୟରେ ଲାଇବ୍ରେରୀ ବହି କୌଣସି ଦୋକାନରୁ କିଣିବାକୁ ନିର୍ଦ୍ଦେଶ ଥିଲା । କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶନାମାର କେତେ ଅନୁପାଳନ କରିଛନ୍ତି, ଏହାର ତଥ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଗାଯାଇଛି । ଏହା ମିଳିବା ପରେ ଆରଟିଆଇ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି

# ବିପଦଜନକ ସ୍ଥିତିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏନର୍ଜି ଠିକଣାରେ ଘନଘନ ଆକ୍ରମଣ



ନୂଆଦିଲ୍ଲୀ, ୨୧/୦୩ : ଦକ୍ଷିଣ ପାର୍ସ ଗ୍ୟାସଫିଲ୍‌ଡରେ ୧୮୦୦ ଟ୍ରିଲିୟନ ଘନ ଫୁଟ ଗ୍ୟାସ ଅଛି । ଏହା ବିଶ୍ୱର ଆବଶ୍ୟକତାକୁ ୧୨-୧୩ ବର୍ଷ ଯାଏ ପୂରଣ କରିବାକୁ ସକ୍ଷମ । ତେହରାନ ପାଇଁ ଦକ୍ଷିଣ ପାର୍ସ ଶକ୍ତି ଯୋଗାଣର ପ୍ରମୁଖ କେନ୍ଦ୍ର । ଇରାନର ପ୍ରାୟ ୮୦% ବିଦ୍ୟୁତ ଏହି ଗ୍ୟାସଫିଲ୍‌ଡରୁ ଉତ୍ପାଦିତ ହୁଏ । ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ବିପଦଜନକ ସ୍ଥିତିରେ ପହଞ୍ଚି ଯାଇଛି । ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ସାମରିକ ସଂଘର୍ଷ ଗତ ୨୪ ଘଣ୍ଟାରେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଏବେ ଏହା ସଂପୂର୍ଣ୍ଣ ଭାବେ ଗୋଟିଏ 'ତୈଳ ଯୁଦ୍ଧ'ରେ ପରିଣତ ହୋଇଛି । ବୁଧବାର ଇରାନ ଓ ଇସ୍ରାଏଲ ପ୍ରଥମ ଥର ପାଇଁ ଫସିଲ(କୋଇଲା, ତୈଳ ଓ ପ୍ରାକୃତିକ ଗ୍ୟାସରୁ ସୃଷ୍ଟି ହେଉଥିବା ଶକ୍ତି) ଏନର୍ଜି ଉତ୍ପାଦନ ସହ ଜଡ଼ିତ ଠିକଣା ଗୁଡ଼ିକ ଉପରେ ଆକ୍ରମଣ କରିଛନ୍ତି । ଏହା ଭାରତ ସମେତ ପୂରା ବିଶ୍ୱ ଆହୁରି ବିପଦ ମଧ୍ୟକୁ ଠେଲି ଦେଇଛି ।

ଏବେ ଶକ୍ତି ବା ଏନର୍ଜି ଯୁଦ୍ଧର ଗୋଟିଏ ପ୍ରମୁଖ ଅସ୍ତ୍ରରେ ପରିଣତ ହୋଇଛି । ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଆମେରିକା ଓ ଇସ୍ରାଏଲ ଗଲ୍ଫରେ ଥିବା ଇରାନର ଶକ୍ତି ଉତ୍ପାଦନ ଠିକଣାକୁ ଟାର୍ଗେଟ କରୁ ନଥିଲେ । ଏପରି କି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଖାର୍ଗ ଦ୍ୱୀପକୁ ଆକ୍ରମଣ କରାଯାଇଥିବା କହିଥିଲେ ସେତେବେଳେ କେବଳ ସାମରିକ ଘାଟିଗୁଡ଼ିକୁ ଲକ୍ଷ୍ୟ କରାଯାଇଥିବା ସୂଚନା ଦେଇଥିଲେ । କିନ୍ତୁ ବୁଧବାର ଯୁଦ୍ଧ ରଣନୀତି ବଦଳି ଯାଇଛି । ବୁଧବାର ଇସ୍ରାଏଲ ଦକ୍ଷିଣ ପାର୍ସ ଗ୍ୟାସଫିଲ୍‌ଡକୁ ଟାର୍ଗେଟ କରିଛି । ଏହି ଗ୍ୟାସ ଫିଲ୍‌ଡକୁ ଇରାନ ପଡ଼ୋଶୀ କତର ସହ ମିଶି ପରିଚାଳନା କରିଥାଏ । ଏଠାରେ ଇସ୍ରାଏଲର ଆକ୍ରମଣ ପୂରା ଯୁଦ୍ଧକୁ ଗୋଟିଏ ବିପଜ୍ଜନକ ମୋଡ଼ ଦେଇଛି ।

ପୂର୍ବରୁ ମଧ୍ୟ ବିଭିନ୍ନ ଶକ୍ତି ଠିକଣା ଗୁଡ଼ିକ ଉପରେ ଆକ୍ରମଣ ହୋଇଥିଲା । କିନ୍ତୁ ଦକ୍ଷିଣ ପାର୍ସ ଗ୍ୟାସଫିଲ୍‌ଡକୁ ଆକ୍ରମଣ କରିବା କାହିଁକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର କାରଣ ହେଉଛି ଯେ ଦକ୍ଷିଣ ପାର୍ସ ଗ୍ୟାସ ଫିଲ୍‌ଡ ବିଶ୍ୱର ସବୁଠାରୁ ବଡ଼ ଓ ବିଶ୍ୱବ୍ୟାପୀ ଏଲଏନଜି ଯୋଗାଣର ମେରୁଦଣ୍ଡ । ଭାରତକୁ ମଧ୍ୟ ଏଠାରୁ ଏଲଏନଜି ଯୋଗାଣ ହୋଇଥାଏ । ଇସ୍ରାଏଲ ଆକ୍ରମଣ ପରେ ତୈଳ ଓ ଗ୍ୟାସ ମୂଲ୍ୟରେ ତୁରନ୍ତ ବୃଦ୍ଧି ଏହାର ଜ୍ୱଳନ୍ତ ଉଦାହରଣ ।

## ଆସାମ ପାଇଁ ବିଜେପିର ୮୮ ଜଣିଆ କମିଟି

ନୂଆଦିଲ୍ଲୀ, ୨୧/୦୩ : ଏପ୍ରିଲ ୯ ତାରିଖରେ ହେବାକୁ ଥିବା ଆସାମ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ବିଜେପି ପକ୍ଷରୁ ୮୮ ଜଣ ପ୍ରାର୍ଥୀଙ୍କ ପ୍ରାରମ୍ଭିକ ତାଲିକା ଘୋଷଣା କରିଛି । ପ୍ରାର୍ଥୀ ଘୋଷଣା କଲା କେନ୍ଦ୍ରୀୟ ନିର୍ବାଚନ କମିଟି । ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଜାଲୁକବାରିରୁ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ । ଶାସକ ଦଳର ପ୍ରଥମ ଘୋଷଣାରେ ଦିସପୁର ପାଇଁ ପ୍ରଦ୍ୟୁତ ବୋର୍ଦୋଲୋଇଙ୍କ ନାମ ମଧ୍ୟ ତାଲିକାରେ ସାମିଲ କରାଯାଇଛି । କ୍ୟାବିନେଟ୍ ମନ୍ତ୍ରୀ ନନ୍ଦିତା ଗାର୍ଲୋସାଙ୍କୁ ଏଥର ଟିକେଟ୍ ଦିଆଯାଇ ନାହିଁ, ଯାହାକୁ ତାଲିକାରେ ଏକ ବଡ଼ ପରିବର୍ତ୍ତନ ବୋଲି ବିବେଚନା କରାଯାଉଛି । ଗୁଆହାଟୀର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ନୂତନ ମୁହଁଙ୍କୁ ପ୍ରାର୍ଥୀ କରିଛି, ଯାହା ସହରାଞ୍ଚଳରେ ରଣନୀତିରେ ପରିବର୍ତ୍ତନର ଏକ ସଙ୍କେତ ଦେଇଛି ।

## ବିଧାନସଭାରେ ୬ ବର୍ଷର ତଥ୍ୟ ଦେଲେ ସରକାର, ହରିୟାଣାରେ ୬ ବର୍ଷରେ ୧୮ ହଜାର ଲୋକଙ୍କର ହୃଦଘାତରେ ଗଲାଣି ଜୀବନ



ନୂଆଦିଲ୍ଲୀ, ୨୧/୦୩ : ହରିୟାଣାରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ହୃଦଘାତ ଜନିତ ମୃତ୍ୟୁକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ୨୦୨୦ରୁ ୨୦୨୬ ଜାନୁଆରୀ ମଧ୍ୟରେ ରାଜ୍ୟରେ ୧୮ରୁ ୪୫ ବର୍ଷ ବୟସ୍କ ପ୍ରାୟ ୧୭,୯୭୩ ଜଣ ଯୁବକଙ୍କର ହୃଦଘାତ ଯୋଗୁଁ ପ୍ରାଣହାନୀ ଘଟିଛି । ହରିୟାଣା ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେବାକୁ ଯାଇ ସରକାର ଏହି ତଥ୍ୟ ଉପସ୍ଥାପନ କରିଛନ୍ତି । ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ପ୍ରତିବର୍ଷ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୨୦ରେ ୨,୩୯୪, ୨୦୨୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩,୧୮୮ ହୋଇଥିବା ବେଳେ ୨୦୨୨ରେ ୨,୭୯୬, ୨୦୨୩ରେ ୨,୮୮୬, ୨୦୨୪ରେ ୩,୦୬୩, ୨୦୨୫ରେ ୩,୨୫୫, ୨୦୨୬ (ଜାନୁଆରୀ)ରେ ୩୯୧ ଜଣଙ୍କ ହୃଦଘାତ ହୋଇଥିବା ସରକାର ସୂଚନା ପ୍ରଦାନ କରିଛନ୍ତି । ବିଭିନ୍ନ ଜିଲ୍ଲାରୁ ମିଳିଥିବା ସୂଚନା ଅନୁଯାୟୀ, ଯମୁନାନଗର ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ ରହିଛି । ଏଠାରେ ପ୍ରତିବର୍ଷ ହାରାହାରି ୩୭୦ରୁ ୪୬୦ ଜଣ ଯୁବକ ହୃଦଘାତର ଶିକାର ହେଉଛନ୍ତି । ଅନ୍ୟପଟେ ଗୁରୁଗ୍ରାମରେ ଏହି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇ ୧୧୩ରୁ ୮୩କୁ ଖସିଥିବା ବେଳେ, ରୋହତକରେ ମୃତ୍ୟୁ ସଂଖ୍ୟା ତୁଳନାତ୍ମକ ଭାବେ କମ୍ (ବାର୍ଷିକ ପ୍ରାୟ ୩୦-୪୦) ରହିଛି । ଏହି ମୃତ୍ୟୁଗୁଡ଼ିକ କୋଭିଡ-୧୯ ସଂକ୍ରମଣ କିମ୍ବା ଟୀକାକରଣ ସହିତ ଜଡ଼ିତ କି ନାହିଁ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ । ତେବେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏଭଳି କୌଣସି ସର୍ଭେ କିମ୍ବା ବୈଜ୍ଞାନିକ ଅଧ୍ୟୟନ କରାଯାଇ ନାହିଁ । ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏହି ''ହୃଦ୍ ବିଫଳତା'' ପଛର କାରଣ ଖୋଜିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସରକାରୀ ପଦକ୍ଷେପ ନିଆଯାଇ ନଥିବା ସେ ସ୍ପଷ୍ଟ କରିଛନ୍ତି । ତେବେ ଯୁବବର୍ଗଙ୍କ ମୃତ୍ୟୁ ସଂଖ୍ୟା ଏତେ ଅଧିକ ହେବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇ ନଥିବାରୁ ବିରୋଧୀ ପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି । ବିଶ୍ୱବ୍ୟାପୀ ହୃଦଘାତ ସମସ୍ୟା ବଢୁଥିବା ବେଳେ ହରିୟାଣାର ଏହି ରିପୋର୍ଟ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।

## ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ପ୍ରାର୍ଥୀ ଘୋଷଣା କଲା ବିଜେପି

ପଶ୍ଚିମବଙ୍ଗ, ୨୧/୦୩ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପୁଣିଥରେ ଦେଖିବାକୁ ମିଳିବ ଶୁଭେନ୍ଦୁ ଅଧିକାରୀ ବନାମ ମମତା ବାନାର୍ଜୀଙ୍କ ଲଢ଼େଇ । ୨୦୨୧ ଭଳି ଦୁଇ ହେଭିୱେଟ ପୁଣି ଗୋଟିଏ ଆସନରେ ପରସ୍ପରକୁ ଦେବେ ଟକ୍କର । କାରଣ ଆଗାମୀ ବିଧାନସଭା ନିବାର୍ଚନ ପାଇଁ ଆଜି ବିଜେପି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ତାଲିକା ଅନୁସାରେ ଦଳ ଶୁଭେନ୍ଦୁ ଅଧିକାରୀଙ୍କୁ ହାଇ ପ୍ରୋଫାଇଲ ଭବାନୀପୁର ଆସନରୁ ଟିକେଟ ଦେଇଛି । ଭବାନୀପୁର ହେଉଛି ଟିଏମସି ସୁପ୍ରିମୋ ତଥା ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗଡ଼ । ଏହି ଆସନରୁ ଜିତି ମମତା ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଏଥର ମଧ୍ୟ ମମତା ଏହି ଆସନରୁ ଲଢ଼ି ପାରନ୍ତି । ଟିଏମସି ମମତାଙ୍କ ନାଁ ଘୋଷଣା କରିବା ପୂର୍ବରୁ ବିଜେପି ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀ ପ୍ରାର୍ଥୀ କରି ଦେଇଛି । ଶୁଭେନ୍ଦୁ ଅଧିକାରୀ ଏକଦା ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ରହିଥିଲେ । ସେ ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ମିଶିବା ସହ ପୂର୍ବଭଳି ନନ୍ଦିଗ୍ରାମରୁ ଲଢ଼ିଥିଲେ । ଏଥିସହ ବିଜୟୀ ହୋଇ ଏବେ ବେଙ୍ଗଲ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରୁଛନ୍ତି । ୨୦୨୬ରେ ମଧ୍ୟ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମରୁ ଲଢ଼ିବେ । ଏହା ସହ ସେ ଭବନୀପୁରରେ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି । ଅର୍ଥାତ ସେ ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ । ୨୦୨୧ରେ ନନ୍ଦିଗ୍ରାମରେ ଶୁଭେନ୍ଦୁ ଅଧିକାରୀ ଓ ମମତା ବାନାର୍ଜୀଙ୍କ ମଧ୍ୟରେ ଟକ୍କର ହୋଇଥିଲା । କିନ୍ତୁ ଏଥିରେ ଶୁଭେନ୍ଦୁ ବାଜି ମାରି ନେଇଥିଲେ । ମମତା ଏହାପରେ ନିଜର ଗଡ଼ ଭାବେ ପରିଚିତ ଭବାନୀପୁର ଉପ ନିର୍ବାଚନରେ ପ୍ରାର୍ଥୀ ହୋଇ ବିଧାନସଭାକୁ ଯାଇଛନ୍ତି । ୨୦୨୧ ବିଧାନସଭା ନିର୍ବାଚନରେ ଟିଏମସି ଏଠାରେ ସୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ପ୍ରାର୍ଥୀ କରିଥିଲେ । ସେ ମଧ୍ୟ ବିଜୟୀ ହୋଇଥିଲେ । ଯେହେତୁ ମମତା ନନ୍ଦିଗ୍ରାମରେ ହାରି ଯାଇଥିଲେ, ତେଣୁ ସେ ମମତାଙ୍କ ପାଇଁ ଏହାକୁ ଖାଲି କରିଥିଲେ । ଏହାପୂର୍ବରୁ ୨୦୧୧ ଓ ୨୦୨୬ରେ ମମତା ଭବନାନୀପୁରରେ ଜିତିଥିଲେ । ଏବେ ଭବାନୀପୁରରେ ମମତା ବନାମ ଶୁଭେନ୍ଦୁଙ୍କ ଲଢ଼େଇ ଦେଖିବାକୁ ମିଳିବ । ବେଙ୍ଗଲର ୨୯୪ ବିଧାନସଭା ଆସନ ମଧ୍ୟରୁ ବିଜେପି ଆଜି ପ୍ରଥମ ପର୍ଯ୍ୟାୟରେ ୧୪୪ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଏଥିରେ ମାତ୍ର ୧୦ ଜଣ ମହିଳା ରହିଛନ୍ତି । ତାଲିକାରେ ରାଜ୍ୟସଭାର ପୂର୍ବତନ ସାଂସଦ ସ୍ୱପ୍ନ ଦାସଗୁପ୍ତାଙ୍କ ନାଁ ରହିଛି । ସେ ରଶବେହାରି ଆସନରୁ ପ୍ରାର୍ଥୀ ହୋଇଛନ୍ତି । କାଳିଗଞ୍ଜରୁ ବାପନ ଘୋଷ, ଡାଇମଣ୍ଡ ହାର୍ବୋରରୁ ଦୀପକ କୁମାର ହାଲଦେର, ଆସନସୋଲ ଦକ୍ଷିଣରୁ ଅଗ୍ନିମିତ୍ର ପଲ, ଆସନସୋଲରୁ କ୍ରିଷ୍ଣନେନ୍ଦୁ ମୁଖାର୍ଜୀ, ହାନସନରୁ ନିଖିଲ ବାନାର୍ଜୀ, କୋଚବେହାର ଉତ୍ତରରୁ ସୁକୁମାର ରୟ ଓ ସିଲିଗୁଡ଼ିରୁ ଶଙ୍କର ଘୋଷଙ୍କୁ ବିଜେପି ପ୍ରାର୍ଥୀ କରିଛି । ଆସନ୍ତା ଏପ୍ରିଲ ୨୩ ଓ ୨୯ଟି ଦୁଇ ପର୍ଯ୍ୟାୟରେ ବେଙ୍ଗଲ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାପରେ ମେ' ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଏଲପିଜି ସ୍ଥିତି ଚିନ୍ତାଜନକ: ପିଏନଜି ପାଇଁ ପରାମର୍ଶ ଦେଲେ ସରକାର



ନୂଆଦିଲ୍ଲୀ, ୨୧/୦୩ : ଦେଶରେ ଏବେ ଏଲପିଜି ଅଭାବ ଦେଖାଯାଉଛି । ଲୋକଙ୍କ ପାଖରେ ଠିକ ଭାବେ ଗ୍ୟାସ ପହଞ୍ଚିପାରୁନି । ସରକାର ସିଧାସଳଖ ଏହାକୁ ସ୍ୱୀକାର କରୁ ନଥିଲେ ହେଁ ଏଲପିଜି ଯୋଗାଣ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ପରୋକ୍ଷରେ ମାନିଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ଲୋକଙ୍କୁ ଏଲପିଜିକୁ ଆବଶ୍ୟକ ଅନୁସାରେ ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି । ଏଥିସହ ପାଇପ ଲାଇନ ପ୍ରାକୃତିକ ଗ୍ୟାସ ବା ପିଏନଜି ପ୍ରତି ଆଗ୍ରହ ଦେଖାବାକୁ ପରାମର୍ଶ ଦେଇଛନ୍ତି । ସରକାର ମଧ୍ୟ ପିଏନଜି ଭିତ୍ତିଭୂମିକୁ ସଂପ୍ରସାରଣ କରିବାକୁ ଗୁରୁତ୍ୱ ଦେଉଥିବା ଦେଶବାସୀଙ୍କୁ ଜଣାଇଛନ୍ତି ।

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ(ମାର୍କେଟିଂ ଓ ତୈଳ ରିଫାଇନାରୀ) ସୁଜାତା ଶର୍ମା କହିଛନ୍ତି ଯେ, ଘରୋଇ ପିଏନଜି ଓ ସିଏନଜି ଉପଭୋକ୍ତା ଏବେ ଠିକ ଭାବେ ଗ୍ୟାସ ପାଉଛନ୍ତି । ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ହେଉଛି । ସେହିପରି ବ୍ୟବସାୟିକ ଏଲପିଜି ବିକ୍ରି ଆଶିଂକ ଭାବେ ସ୍ୱାଭାବିକ ହୋଇଛି । ଭାରତ ସରକାର ସବୁ ପ୍ରକାରର ଉଦ୍ୟମ କରୁଛନ୍ତି । କିନ୍ତୁ ଯଦି ସମସ୍ତ ବ୍ୟବସାୟିକ ଏଲପିଜି ଗ୍ରାହକ ପିଏନଜି ଆଡ଼କୁ ଚାଲିଯିବେ, ତା'ହେଲେ ଏହା ନିଶ୍ଚିତ ଭାବେ ଲାଭଦାୟକ ହେବ ବୋଲି ସେ କହିଛନ୍ତି । ଏଲପିଜି ଉପଲବ୍ଧତାକୁ ନେଇ ଚିନ୍ତା ପ୍ରକଟ ପାଇଥିବା ବେଳେ ଶ୍ରୀମତୀ ଶର୍ମାଙ୍କ ବୟାନ ସାମ୍ନାକୁ ଆସିଛି । ଅଧିକାରୀମାନଙ୍କ କହିବା କଥା ଯେ ହୋଟେଲ, ରେଷ୍ଟୁରାଷ୍ଟ ଓ କ୍ୟାଣ୍ଟିଂ ସେବା ଯୋଗାଇ ଦେଉଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଯଦି ପିଏନଜି ଆଡ଼କୁ ଶିଫ୍ଟ କରିଯିବେ, ତା'ହେଲେ ଘରୋଇ ସେବା ପାଇଁ ଉପଲବ୍ଧ ଥିବା ଏଲପିଜି ଯୋଗାଣ ଚାପ ହ୍ରାସ ପାଇପାରିବ । ସହାରାଞ୍ଚଳରେ ଅଧିକ ମାତ୍ରାରେ ପିଏନଜିକୁ ଗ୍ରହଣ କରିବା ପାଇଁ ମଧ୍ୟ ସରକାର ଉତ୍ସାହିତ କରିଛନ୍ତି । ଗ୍ରାହକମାନେ ପିଏନଜି ସଂଯୋଗ ପାଇଁ ଇ-ମେଲ, କଷ୍ଟମର ପୋର୍ଟାଲ, କଲ ସେଣ୍ଟର୍ସ କିମ୍ବା ସିଟି ଗ୍ୟାସ ବିତରଣ କମ୍ପାନୀ ସହ ଯୋଗାଯୋଗ କରିପାରିବେ । ଗ୍ୟାସ ବିତରଣ କମ୍ପାନୀଗୁଡ଼ିକୁ ସମ୍ଭାବ୍ୟ ଗ୍ରାହକଙ୍କୁ ବେଶ ସକ୍ରିୟ ଭାବେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଏକାଧିକ କମ୍ପାନୀ ଗ୍ରାହକଙ୍କୁ ପିଏନଜି ପ୍ରତି ଆକୃଷ୍ଟ କରିବାକୁ ବିଭିନ୍ନ ଅଫର ମଧ୍ୟ ଦେଉଛନ୍ତି । ପିଏନଜି ଭିତ୍ତିଭୂମିକୁ ଅଧିକ ସଶକ୍ତ ଓ ସଂପ୍ରସାରଣ କରିବା ପାଇଁ କେନ୍ଦ୍ର ସରକାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନଙ୍କୁ ଚିଠି ଲେଖି ଗ୍ୟାସ ବିତରଣ କମ୍ପାନୀ ପ୍ରକଳ୍ପ ପାଇଁ ଶୀଘ୍ର ଅନୁମୋଦନ ଦେବାକୁ କହିଛନ୍ତି । ପଡ଼ି ରହିଥିବା ପାଇପ ଲାଇନ ଆବେଦନକୁ ତୁରନ୍ତ ମଞ୍ଜୁରି ଓ ନୂଆ ଆବେଦନକୁ ୨୪ ଘଣ୍ଟା ମଧ୍ୟରେ ଅନୁମୋଦନ ଦେବାକୁ କେନ୍ଦ୍ର ସରକାର ମାର୍ଚ୍ଚ ୧୬ରେ ସବୁ ରାଜ୍ୟକୁ ଚିଠି ଲେଖି ଜଣାଇଛନ୍ତି । ରାସ୍ତା ପୁନଃ ନିର୍ମାଣ ଓ ଅନୁମତି ପାଇଁ ସ୍ଥାନୀୟ ପ୍ରଶାସନ ଲାଗୁ କରୁଥିବା ଫି'କୁ ଛାଡ଼ କରିବା କାମ କରିବାର ସମୟରେ ଅନୁକମ୍ପା ଦେଖାଇବା ଓ ପାଇପ ଲାଇନ କାମକୁ ଶୀଘ୍ର ଶେଷ କରିବାକୁ ନୋଡାଲ ଅଫିସର ନିଯୁକ୍ତ କରିବାକୁ ପାଇଁ ମଧ୍ୟ ରାଜ୍ୟଗୁଡ଼ିକୁ କୁହାଯାଇଛି । ପିଏନଜି ସାଧାରଣତଃ ପାଇପ ଲାଇନ ଯୋଗେ ଯୋଗାଣ କରାଯାଏ । ଏଲପିଜି ସିଲିଣ୍ଡରର ଏହା ଗୋଟିଏ ସ୍ଥିର ବିକଳ୍ପ । ଏଥିପାଇଁ ସରକାର ଅଧିକ ମାତ୍ରାରେ ପିଏନଜି ସଂଯୋଗ ପାଇଁ ଲୋକଙ୍କୁ କହିଛନ୍ତି ।

# ସାତକୋଶିଆ କୁମ୍ଭୀର ପ୍ରଜନନ କେନ୍ଦ୍ର ୪୦ ବର୍ଷ ପରେ ଦୁଇଟି ଅଣ୍ଡା ଦେଲେ କୁମ୍ଭୀର






ଡ଼. ଲାଲ ଏ କେ ସିଂ



୨୦୨୦ ପରିବର୍ତ୍ତନ ୨୦୨୧ ପ୍ରଥମ ଯୋଡ଼ି ଅଣ୍ଡା ଦାନ। ନୂଆ ଯୋଡ଼ିର ଅଣ୍ଡା ଫୁଟିବା ସନ୍ଦେହ କିନ୍ତୁ ସାତକୋଶିଆ ପାଇଁ ନୂଆ ସମ୍ଭାବନା। ନୂଆ ଯୋଡ଼ି ଆଗମୀ ଦିନରେ ନୂତନ ସମ୍ଭାବନାର ଉତ୍ସ - ଡଃ ସିଂ

ଅନୁଗୁଳ, ୨୧/୦୩ (ବିଜୟ ସ୍ୱାଇଁ): ବିଶ୍ୱ ପରିବେଶ ମହଲରେ ସାତକୋଶିଆକୁ ମିଳିଛି ଏକ ନୂତନ ସଫଳତା । ୧୯୭୫ ମସିହାରେ ସ୍ଥାପିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପାଳିତ ହେଉଥିବା ଦୁଇଟି ଘଡ଼ିଆଳର ମିଳନ ପରେ ମଙ୍ଗଳବାର ସକାଳେ ମାଈ ଘଡ଼ିଆଳର ଅଣ୍ଡା ବନ ବିଭାଗର ସଫଳତାର ନୂଆ ପ୍ରାକୃତିକ ଅଧ୍ୟାୟ ଯୋଡ଼ି ହେଲା । ମହାନଦୀର ସାତକୋଶିଆ ଗଣ୍ଡରେ ଘଡ଼ିଆଳ ପ୍ରଜାତିର କୁମ୍ଭୀର ମାନଙ୍କର ପ୍ରଜନନ ପାଇଁ ୧୯୭୫ ମସିହାରେ ଗବେଷଣା ଆରମ୍ଭ ହୋଇଥିଲା । ନେପାଳ ରୁ ୪୪ ଗୋଟି ଅଣ୍ଡା ପ୍ରଥମ ପର୍ଯ୍ୟାୟରେ ଅଣାଯାଇ ପ୍ରାକୃତିକ ପରିବେଶରେ ଛୁଆ ଫୁଟିବା ପରି ସଫଳତା ମିଳିବା ପଛରେ ସେ ସମୟର ସହକାରୀ ଗବେଷକ ଡା.ଲାଲ ଅଶ୍ୱିନୀ କୁମାର ସିଂ ଙ୍କ ଅବଦାନ ସାତକୋଶିଆ ସହ ଯୋଡ଼ି ହୋଇଗଲା । କିନ୍ତୁ ପରବର୍ତ୍ତୀ ସମୟରେ ଦୀର୍ଘ ଚାଳିଶ ବର୍ଷର ବ୍ୟବଧାନରେ ୨୦୨୦ ମସିହାରେ ପ୍ରଥମେ ସାତକୋଶିଆର ବଳଦମରା ଘାଟରେ ଗୋଟିଏ ମାଈ ଘଡ଼ିଆଳ ୨୮ ଅଣ୍ଡା ଦାନ ପରିବେଶ ମହଲରେ ନୂଆ ସମ୍ଭାବନା ସୃଷ୍ଟି ହେଲା । ସାତକୋଶିଆ ରେ ମଗର ପ୍ରଜାତିର କୁମ୍ଭୀର ବଂଶ ବୃଦ୍ଧି କାରଣରୁ ଗଣ୍ଡ ଜଳରେ ଘଡ଼ିଆଳ ବଂଶ କ୍ରମଶଃ କମିବାରେ ଲାଗିଥିଲା । ମାତ୍ର ଏହି ସଫଳତା ପରେ କ୍ରମାଗତ ଭାବରେ ଉକ୍ତ ମାଈ ଘଡ଼ିଆଳ ତାର ପୁରୁଷ ଘଡ଼ିଆଳ ସହ ମିଶି ଗତ ୨୦୨୫ ମସିହା ପର୍ଯ୍ୟନ୍ତ ପ୍ରତିବର୍ଷ ଅନ୍ତତଃ ୨୫ ରୁ ୩୨ ଟି ପର୍ଯ୍ୟନ୍ତ ଅଣ୍ଡା ଦେଇ ଆସୁଥିବା ଯୋଡ଼ି କିନ୍ତୁ ଚଳିତ ବର୍ଷ ନିରାଶା କରିଥିଲେ । ମଗର ଆକ୍ରମଣରେ ଆହତ ଅଣ୍ଡିରା ଘଡ଼ିଆଳ ଏ ବର୍ଷ ମାଈ ସହ ମିଳିତ ହେବାରୁ ବଂଚିତ ହେଲା । କିନ୍ତୁ କୁମ୍ଭୀର ଗବେଷଣା କେନ୍ଦ୍ରରେ ରହୁଥିବା ସର୍ବପୁରାତନ ଯୋଡ଼ିକୁ ଗଣ୍ଡ ମଧ୍ୟକୁ କିଛି ମାସ ଆଗରୁ ଛଡ଼ା ଯାଇଥିଲା । ସାତକୋଶିଆ ବନଖଣ୍ଡ ଅଧିକାରୀ ଓ ସାତକୋଶିଆର ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ସାହୁଙ୍କ ଆକଳନ ଏହି ସଫଳତାର ଶ୍ରେୟ ଅଟେ । ପ୍ରଜନନ କେନ୍ଦ୍ରରେ ପାଳିତ ଏହି ଯୋଡ଼ି ୧୯୭୫ ମସିହାରେ ସୃଷ୍ଟି ସେହି ୪୪ ଶାବକ ମଧ୍ୟରୁ ଅନ୍ୟତମ । ବନଖଣ୍ଡ ଅଧିକାରୀ ଗଦାଧର ପାତ୍ରଙ୍କ ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଛଅ ଗୋଟି ଅଣ୍ଡା ମଧ୍ୟରୁ ଦୁଇଟି ଅଣ୍ଡା ଭାଙ୍ଗି ନଷ୍ଟ ହୋଇଯାଇଛି । ସ୍ପଷ୍ଟ ଚିତ୍ର ଆସିବା ରେ ବିଳମ୍ବ ହୋଇପାରେ । କୁମ୍ଭୀର ଯୋଡ଼ିକୁ ଗଣ୍ଡରେ ଛଡ଼ା ଯିବା ଏକ ପ୍ରକାର ସଠିକ୍ ନିଷ୍ପତ୍ତି ଥିଲା ତାହା ପ୍ରମାଣିତ ହୋଇଛି ବୋଲି ଡା. କିଶୋର ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରି ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ସାତକୋଶିଆ ଅଧିକାରୀଙ୍କ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହେଲା ବୋଲି ସେ ନିଜ ମତବ୍ୟକ୍ତ କରିଛନ୍ତି । ଘଟଣାକୁ ଉତ୍ସୁକତାର ସହ ପ୍ରତିଦିନ ଆମେ ଡଙ୍ଗା ଘାଟରେ ସମସ୍ତ ପ୍ରସ୍ତୁତି କରିଥିଲୁ । ମାଈ ଘଡ଼ିଆଳ ସହ ଅଣ୍ଡିରାର ମିଳନ ହେବା ପରେ ଠାରୁ ଡଙ୍ଗା ଘାଟରେ ଦୃଶ୍ୟମାନ ଆମ ପାଇଁ ସଫଳତାର ସମ୍ଭାବନା ସୃଷ୍ଟି କରିଥିଲା । ଆଜି ତାହା ବାସ୍ତବ ରୂପରେଖ ହେବା ପଛରେ ସାତକୋଶିଆର କର୍ମଚାରୀ ମାନଙ୍କ ଅବଦାନ ନିଶ୍ଚିତ ପ୍ରଶଂସନୀୟ ବୋଲି ଅଧିକାରୀ ଗଦାଧର ପାତ୍ର ସୂଚନା ଦେବା ଅବସରରେ ଖୁସି ପ୍ରକଟ କରିଥିଲେ । ସାତକୋଶିଆ ଗଣ୍ଡରେ ଘଡ଼ିଆଳ ପ୍ରଜନନର ତତ୍ କାଳୀନ ଗବେଷକ ଡଃ. ଲାଲ ଅଶ୍ୱିନୀ କୁମାର ସିଂ ଘଟଣା ଶୁଣି ବେଶ ଆନନ୍ଦ ପ୍ରକାଶ କରିବା ସହ ସେ ଦେଖିଥିବା ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଛି । ଏ ଘଟଣା ସମଗ୍ର ବିଶ୍ୱରେ ନୂଆ ଅନୁଭୂତି । ଆଗକୁ ଏମିତି ନୂଆଁ ଚମତ୍କାରୀତା ବିଶ୍ୱ ଦରବାରରେ ଚହଳ ସୃଷ୍ଟି କରିପାରେ । ସେଥିପାଇଁ ସାତକୋଶିଆର ସମସ୍ତ ଅଧିକାରୀ ଓ କର୍ମଚାରୀଗଣଙ୍କୁ ଡ. ସିଂ ଶୁଭେଚ୍ଛା ଜଣାଇଛନ୍ତି ।

# ପଶ୍ଚିମବଙ୍ଗ ନିର୍ବାଚନରେ ଦୁଇ ଶହରୁ ଅଧିକ ଆସନରେ ଜିତିବ ଟିଏମ୍‌ସି



କୋଲକାତା, ୨୧/୦୩: ପ୍ରାର୍ଥୀ ତାଲିକା ଜାରି କରିବା ସହ ଡବଲ୍ ସେଞ୍ଚୁରୀ ମାରିବେ ବୋଲି ଦାବି କରିଛନ୍ତି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ । ୨୯୧ ଆସନ ପ୍ରାର୍ଥୀ ଦେଇଛନ୍ତି ମମତା । କିନ୍ତୁ ୨୨୬ରୁ ଅଧିକ ଆସନରେ ଟିଏମସି ବାଜିମାତ କରିବ ବୋଲି ସେ କହିଛନ୍ତି । ସେପଟେ ବିଜେପି ୫୦ରୁ କମ୍ ଆସନ ପାଇବ ବୋଲି ଆକଳନ କରିଛନ୍ତି ଟିଏମସି ମୁଖ୍ୟ । ୨୨୬ରୁ ଅଧିକ ଆସନରେ ଜିତିବ ଟିଏମସି ମମତା ବାନାର୍ଜୀ କହିଛନ୍ତି, ଟିଏମସି ବିଧାନସଭା ନିର୍ବାଚନରେ ୨୯୧ ଆସନରେ ଲଢ଼ିବ । ବାକି ୩ଟି ଆସନରେ ଟିଏମସି ସହଯୋଗୀ ଦଳ ଅନିତ ଥାପା ନେତୃତ୍ୱାଧୀନ ବିଜିପିଏମ ପ୍ରାର୍ଥୀ ଦେବ । ଦାର୍ଜିଲିଂ ହିଲ୍ସର ଏହି ୩ ଆସନରେ ଲଢ଼ିବ ବିଜିପିଏମ୍ । ପ୍ରାର୍ଥୀ ତାଲିକା ଘୋଷଣା କରିବା ସମୟରେ ମମତା ବାନାର୍ଜୀ ଦାବି କରିଛନ୍ତି ଯେ, ଟିଏମସି ଆଗାମୀ ନିର୍ବାଚନରେ ୨୨୬ରୁ ଅଧିକ ଆସନରେ ବିଜୟୀ ହେବ ।

ନନ୍ଦୀଗ୍ରାମରୁ ଲଢ଼ିବେନି ମମତା : ସେପଟେ ଯେଉଁମାନେ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇନାହାନ୍ତି, ସେମାନଙ୍କୁ ଦଳୀୟ ସଂଗଠନରେ ସାମିଲ କରାଯିବ ବୋଲି ମମତା ଆଶ୍ୱାସନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଗାମୀ ନିର୍ବାଚନରେ ଭବାନୀପୁର ଆସନରୁ ଲଢ଼ିବେ । ସେ ଏଥର ନନ୍ଦୀଗ୍ରାମ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ ନାହିଁ । ଗତ ନିର୍ବାଚନରେ ନନ୍ଦୀଗ୍ରାମ ଆସନରୁ ଲଢ଼ି ହାରିଥିଲେ ସିଏମ ମମତା । ତାଙ୍କୁ ପରାସ୍ତ କରିଥିଲେ ବିଜେପିର ଶୁଭେନ୍ଦୁ ଅଧିକାରୀ । କିନ୍ତୁ ମମତା ବାନାର୍ଜୀ ୨୦୨୬ ବିଧାନସଭାନ ନିର୍ବାଚନରେ ଭବାନୀପୁର ଆସନରୁ ନିର୍ବାଚନ ଲଢ଼ିବେ । ସେପଟେ ଏହି ଆସନ ବିଜେପି ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଛି । ଗତ ନିର୍ବାଚନ ଭଳି ଏଥର ଭବାନୀପୁର ଆସନରେ ମମତା ଏବଂ ଶୁଭେନ୍ଦୁଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ । ସେତେବେଳେ ନନ୍ଦୀପୁର ଆସନରୁ ପରାସ୍ତ ହେବା ପରେ ଭବାନୀପୁରରୁ ଉପନିର୍ବାଚନ ଲଢ଼ି ବିଧାନସଭା ଯାଇଥିଲେ ମମତା । ଆଜି ସାମ୍ବାଦିକ ସମ୍ମିଳନୀରେ ମମତା ବାନାର୍ଜୀ ବିଜେପି ଉପରେ ବର୍ଷିଛନ୍ତି । ବିଜେପି ବହୁତ କମ୍ ଆସନ ପାଇବ । ଲୋକ ବିରୋଧୀ ରଣନୀତି ପାଇଁ ସେମାନଙ୍କୁ (ବିଜେପି) ପରାଜୟ ଭୋଗିବାକୁ ପଡ଼ିବ ବୋଲି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ।

ମେ' ୪ରେ ରେଜଲ୍ଟ: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନେଇ ବହୁ କଳ୍ପନା ଜଳ୍ପନା ଲାଗି ରହିଛି । ୧୯୪ ଆସନ ଲାଗି ନିର୍ବାଚନ ଏପ୍ରିଲ ମାସରେ ହେବ । ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ମେ' ୪ରେ ଫଳାଫଳ ଘୋଷଣା ହେବାର ଅଛି । ଏପ୍ରିଲ ୨୩ରେ ୧୫୨ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ । ବାକି ୧୪୨ ଆସନରେ ଏପ୍ରିଲ ୨୯ରେ ଭୋଟ୍ ପଡ଼ିବ ।

# ଭାରତରେ ଇନ୍ଧନ ସମସ୍ୟା ନାହିଁ, ଘରୋଇ ଏଲପିଜି ଉତ୍ପାଦନ ଦ୍ରୁତ ଗତିରେ ବଢୁଛି: ନିର୍ମଳା ସୀତାରମଣ



ନୂଆଦିଲ୍ଲୀ, ୨୧/୦୩: ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁ ଭାରତରେ ରନ୍ଧନ ଗ୍ୟାସ ସଂକଟ ଦେଖା ଦେଇଛି । ଆଉ ଏଭଳି ସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶବାସୀଙ୍କ ପାଇଁ ଆଶ୍ୱସ୍ତିକର ବାଣୀ ଶୁଣାଇଛନ୍ତି । ଚାହିଦା ପୂରଣ ଏବଂ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସରକାର ଘରୋଇ ଏଲପିଜି ଉତ୍ପାଦନ କ୍ଷମତାକୁ ବୃଦ୍ଧି କରୁଛନ୍ତି । ବର୍ତ୍ତମାନ ସ୍ଥିତିରେ ଭାରତ ସରକାର ପରିସ୍ଥିତି ମନ୍ୟାନେଜ୍ କରିପାରୁଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଆର୍ଥିକ ବର୍ଷ ୨୦୨୭ ପାଇଁ ଦ୍ୱିତୀୟ ଅନୁଦାନ ଦାବି ଉପରେ ହୋଇଥିବା ଏକ ଆଲୋଚନାର ଉତ୍ତର ଦେଇ ମଙ୍ଗଳବାର ସୀତାରମଣ ଏହା କହିଛନ୍ତି ।

ଅର୍ଥମନ୍ତ୍ରୀ କହିଛନ୍ତି "ଆମେ ଅସ୍ଥିର ସମୟରେ ମଧ୍ୟ ଏଲପିଜିର ନିରନ୍ତର ଯୋଗାଣ ସୁନିଶ୍ଚିତ କରୁଛୁ । ଘରୋଇ ଏଲପିଜି ଉତ୍ପାଦନ ଅତି କମରେ ୨୫ପ୍ରତିଶତ ବୃଦ୍ଧି ପାଉଛି, ଏବଂ କିଭଳି ଯୋଗାଣରେ କୌଣସି ବାଧା ସୃଷ୍ଟି ନହେବ ସେ ନେଇ ସରକାର କାମ କରୁଛନ୍ତି । ନଭେମ୍ବର ସୁଦ୍ଧା ଗୋଟିଏ ବର୍ଷରେ ମୋଟ ୪୪.୫୧ଗିଗାୱାଟ ନବୀକରଣୀୟ ଶକ୍ତି କ୍ଷମତା ଯୋଡାଯାଇଛି ।ଯାହା ଗତ ବର୍ଷ ସମାନ ସମୟ ମଧ୍ୟରେ ରେକର୍ଡ ହୋଇଥିବା ସଂଖ୍ୟା ତୁଳନାରେ ପ୍ରାୟ ଦୁଇଗୁଣ ।"

ବର୍ତ୍ତମାନ ସାରା ବିଶ୍ୱରେ ବ୍ୟାଘାତ ସୃଷ୍ଟି ହୋଇଥିବା ସତ୍ତ୍ୱେ ଭାରତ ଏକ ସ୍ଥିର ଅର୍ଥନୈତିକ ସ୍ଥିତିରେ ରହିଛି ବୋଲି ନିର୍ମଳା କହିଛନ୍ତି । ସେ କହିଛନ୍ତି"ଭାରତର ଅର୍ଥନୀତି ଏକ ଶକ୍ତିଶାଳୀ ସ୍ଥିତିରେ ଠିଆ ହୋଇଛି । ଆମେ ଜିନିଷଗୁଡ଼ିକୁ ଭଲ ଭାବରେ ପରିଚାଳନା କରିପାରିଛୁ । ଆମେ କୋଭିଡ୍, ରୁଷ-ୟୁକ୍ରେନ ଯୁଦ୍ଧରୁ ଯୋଗାଣ ବାଧା ଏବଂ ଅନ୍ୟାନ୍ୟ ଅନେକ ଆଘାତର ସମ୍ମୁଖୀନ ହୋଇଛୁ,ତଥାପି ଆମେ ଆମର ଅର୍ଥନୀତିରେ ସନ୍ତୁଳନ ବଜାୟ ରଖିଛୁ ।"

## ୟୁଏଇରେ ୧୯ ଭାରତୀୟ ଗିରଫ

ଆବୁଧାବି, ୨୧/୦୩: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଓ ଆପତ୍ତିଜନକ ଫଟୋ, ଭିଡିଓ ଅପ୍‌ଲୋଡ କରୁଥିବା ଅଭିଯୋଗରେ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ) ସରକାର ମୋଟ ୩୫ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରେ ୧୯ ଭାରତୀୟ ସାମିଲ ଅଛନ୍ତି । ପ୍ରଥମ ଦଫାରେ ୧୦ ଜଣଙ୍କୁ ଏବଂ ଦ୍ୱିତୀୟ ଦଫାରେ ୨୫ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ଇରାନ ସପକ୍ଷରେ ଏଭଳି ମିଥ୍ୟା ଓ ଏଆଇ ଜ୍ଞାନକୌଶଳରେ ପ୍ରସ୍ତୁତ ଫଟୋ ଓ ଭିଡିଓ ଅପ୍‌ଲୋଡ କରିଛନ୍ତି । ଫଳରେ ୟୁଏଇର ଜାତୀୟ ନିରାପତ୍ତା ବିପନ୍ନ ହେବା ସହିତ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି । ଏମାନଙ୍କର ଶୁଣାଣି ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ ।

## ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମାମାଡ

ନୂଆଦିଲ୍ଲୀ, ୨୧/୦୩ : ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ । ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମାମାଡ଼ ହୋଇଛି । 'ବଙ୍କର-ବଷ୍ଟର' ବୋମା ମାଡ଼ରେ ମିସାଇଲ ଘାଟି ଧ୍ୱଂସ ହୋଇଯାଇଛି । ହର୍ମୁଜ ପ୍ରଣାଳୀ ନିକଟରେ ଇରାନର ଘାଟି ଛାରଖାର ହୋଇଯାଇଛି । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନର ଦକ୍ଷିଣ ଉପକୂଳରେ ଥିବା ଶକ୍ତିଶାଳୀ ମିସାଇଲ୍ ଘାଟିଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବା କହିଛି ଆମେରିକା ସେନା । 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ହୋଇଥାଏ । ଇରାନ ଏହି ପଥକୁ ବନ୍ଦ କରିବାକୁ ଚେଷ୍ଟା କରିବା ସହ ନିଜର ଆଣ୍ଟି-ସିପ୍ ମିସାଇଲ୍ ମୁତୟନ କରିଥିବାରୁ ଆମେରିକା ଏହି ପଦକ୍ଷେପ ନେଇଛି । ଏହି ଆକ୍ରମଣରେ ଆମେରିକା ୫୦୦୦ ପାଉଣ୍ଡ ଓଜନର "ଡିପ୍ ପେନିଟ୍ରେଟର" ବା ବଙ୍କର-ବଷ୍ଟର ବୋମା ବ୍ୟବହାର କରିଛି । ବୋମାଗୁଡ଼ିକ ମାଟିର ବହୁ ଗଭୀରରେ ଥିବା କିମ୍ବା ପଥର ତଳେ ଲୁଚି ରହିଥିବା ଶତ୍ରୁର ମିସାଇଲ୍ ଷ୍ଟୋରେଜ୍ ଏବଂ ଲଞ୍ଚ୍ ପ୍ୟାଡ୍ କୁ ସହଜରେ ଧ୍ୱଂସ କରିପାରେ । ଏହି ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ପେଟ୍ରୋଲ-ଡିଜେଲ ଦର ବଢ଼ିବାର ଆଶଙ୍କା ଦେଖାଦେଇଛି । ସେପଟେ ଇରାନ ଏହାକୁ ନିଜ ଦେଶ ଉପରେ ଆକ୍ରମଣ ବୋଲି କହିଛି ଏବଂ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଛି । ଚୀନ୍ ଏବଂ ରୁଷ ଏହି ଆକ୍ରମଣ ପାଇଁ ଆମେରିକାକୁ ସମାଲୋଚନା କରିଥିବାବେଳେ ସାଉଦି ଆରବ ପରି ଦେଶଗୁଡ଼ିକ ସମୁଦ୍ର ପଥକୁ ସୁରକ୍ଷିତ ରଖିବା ପାଇଁ ଏହାକୁ ସମର୍ଥନ କରିଛନ୍ତି । ଆମେରିକା ସ୍ପଷ୍ଟ କରିଛି ଯଦି ଇରାନ ସାମୁଦ୍ରିକ ଜାହାଜ ଚଳାଚଳରେ ବାଧା ସୃଷ୍ଟି କରେ, ତେବେ ଏହିଭଳି ଆହୁରି ଅଧିକ ଆକ୍ରମଣ କରାଯିବ । ବର୍ତ୍ତମାନ ସେହି ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ରହିଛି ।

## ଧୋକା ଦେଲେ ୪ ବିଧାୟକ: ନୀତୀଶ କୁମାର ଓ ନୀତୀନ ନବୀନଙ୍କ ସମେତ ଜିତିଲେ ଏନଡିଏର ୫ ପ୍ରାର୍ଥୀ

ବିହାର, ୨୧/୦୩: ରାଜ୍ୟସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏର ବଡ଼ ବିଜୟ । ବିହାରର ସମସ୍ତ ୫ ରାଜ୍ୟସଭା ଆସନକୁ ପୋଛି ନେଇଛି ଏନଡିଏ । ମେଣ୍ଟ ପାଖରେ ୪ଟି ଆସନ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ରହିଥିଲା । କିନ୍ତୁ ବିରୋଧୀ ମେଣ୍ଟରେ ଥିବା ଅନ୍ତଃକନ୍ଦଳ ଯୋଗୁ ଏବେ ଏନଡିଏ ୫ଟି ଯାକ ରାଜ୍ୟସଭା ଆସନରେ ବାଜିମାତ କରିଛି । ବିହାରରୁ ରାଜ୍ୟସଭାକୁ ମନୋନୀତ ହୋଇଥିବା ୫ ଜଣଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ରହିଛନ୍ତି । ଏହି ଦୁଇ ଜଣଙ୍କ ବ୍ୟତୀତ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମୁଖ୍ୟ ଉପେନ୍ଦ୍ର କୁଶୱା, କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର ଓ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ଶିବେଶ କୁମାର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଜେଡିୟୁର ବରିଷ୍ଠ ନେତା ଶ୍ରୀ ଠାକୁର କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟସଭାକୁ ଯାଇଥିବା ବେଳେ ଶିବେଶ କୁମାର ପ୍ରଥମଥର ପାଇଁ ସଂସଦନର ଉଚ୍ଚ ସଦନକୁ ମନୋନୀତ ହୋଇଛନ୍ତି । ନୀତୀଶ କୁମାର ରାଜ୍ୟସଭା ନିର୍ବାଚନ ଜିତିଥିବାରୁ ଆସନ୍ତାକାଲି ସେ ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି । ଏହାପରେ ବିଜେପିର ଜଣେ ବରିଷ୍ଠ ନେତା ବିହାରର ମୁଖ୍ୟମନ୍ତ୍ରୀ ହେବେ । ବିହାରର ୫ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ମୋଟ ୬ ଜଣ ପ୍ରାର୍ଥୀ ରହିଥିଲେ । ଏନଡିଏ ୫ ଓ ବିରୋଧୀ ମହାଗଠବନ୍ଧନ ଆରଜେଡି ରାଜ୍ୟସଭାର ବିଦାୟୀ ସାଂସଦ ଅମରେନ୍ଦର ଧାରି ସିଂହଙ୍କୁ ପ୍ରାର୍ଥୀ କରିଥିଲା । ମହାଗଠବନ୍ଧନ ପାଖରେ ୪୧ ଜଣ ବିଧାୟକ ଥିବାରୁ ଆରଜେଡିର ଶ୍ରୀ ସିଂହ ପୁଣି ରାଜ୍ୟସଭାକୁ ଯିବେ ବୋଲି ଆଶା କରିଥିଲେ । କିନ୍ତୁ ଦଳୀୟ ହ୍ୱିପ ସତ୍ତ୍ୱେ ଆରଜେଡି ବିଧାୟକ ଫୈଜଲ ରହମାନ, କଂଗ୍ରେସ ବିଧାୟକ ମନୋହର ପ୍ରସାଦ, ସୁରେନ୍ଦ୍ର କୁଶୱା ଓ ମନୋଜ ବିଶ୍ୱାସ ଭୋଟ ଦେଇ ନଥିଲେ । ତେଣୁ ମହାଗଠବନ୍ଧନର ବିଧାୟକଙ୍କ ଭୋଟ ସଂଖ୍ୟା ୩୭ରେ ହିଁ ଅଟକି ଯାଇଥିଲା । ସେମାନେ ଭୋଟ ଦେଇ ନଥିବାରୁ ବିଜେପି ନେତୃତ୍ୱାଧୀନ ଏନଡିଏର ୫ମ ପ୍ରାର୍ଥୀ ଶିବେଶ କୁମାର ବାଜି ମାରିଛନ୍ତି । କୁମାର ୩୮ଟି ଭୋଟ ପାଇ ବିଜୟୀ ହୋଇଛନ୍ତି । ଆରଜେଡି ପ୍ରାର୍ଥୀ କରିଥିବା ଏଡି ସିଂହଙ୍କ ସପକ୍ଷରେ କେବଳ ୩୭ଟି ଭୋଟ ଯାଇଛି । ଯଦି ମହାଗଠବନ୍ଧନର ୪ ବିଧାୟକ ଭୋଟ ଦେଇଥାଆନ୍ତେ, ତା'ହେଲେ ଶ୍ରୀ ସିଂହ ବିଜୟ ହେବାର ସମ୍ଭାବନା ରହିଥିଲା । ବିଜେପି ନେତୃତ୍ୱାଧୀନ ଏନଡିଏର ସମସ୍ତ ୨୦୨ ଜଣ ବିଧାୟକ ଆଜି ଭୋଟିଂ କରିଛନ୍ତି । ଅର୍ଥାତ ଏନଡିଏର ଶତପ୍ରତିଶତ ଭୋଟିଂ ହୋଇଛି ।

# ଯୁଦ୍ଧ ପ୍ରଭାବ : ମହଙ୍ଗା ହେବ ଔଷଧ ସାମଗ୍ରୀ



ନୂଆଦିଲ୍ଲୀ, ୨୧/୦୩: ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବଂ ଯୁଦ୍ଧର ପ୍ରଭାବ ଏବେ ଭାରତର ଔଷଧ ବଜାର ଉପରେ ପଡିବା ଆରମ୍ଭ କରିଛି । କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁଁ ଜ୍ୱର ଏବଂ ଯନ୍ତ୍ରଣା ନିବାରକ ଠାରୁ ଆରମ୍ଭ କରି ସର୍ଜିକାଲ ଉପକରଣ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ବ୍ୟବସାୟୀମାନେ ଔଷଧ ଏବଂ ସର୍ଜିକାଲ ଉପକରଣର ମୂଲ୍ୟରେ ୨୦ ରୁ ୨୫ ପ୍ରତିଶତ ବୃଦ୍ଧି ପାଇବାର ପୂର୍ବାନୁମାନ କରିଛନ୍ତି, ଯାହା ଔଷଧ ବଜାରରେ ଆଲୋଡ଼ନ ସୃଷ୍ଟି କରିଛି । ଔଷଧ ନିର୍ମାତା ଏବଂ ରପ୍ତାନିକାରୀମାନେ କହିଛନ୍ତି ଯେ, ଔଷଧ ଉତ୍ପାଦନରେ ବ୍ୟବହୃତ ଅନେକ ଅତ୍ୟାବଶ୍ୟକ କଞ୍ଚାମାଲ, ଯେପରିକି ରାସାୟନିକ ଉପାଦାନ, ପ୍ଲାଷ୍ଟିକ୍ ଏବଂ ଆଲୁମିନିୟମର ମୂଲ୍ୟ ସମ୍ପ୍ରତି ବୃଦ୍ଧି ପାଇଛି । ଏହା ସିଧାସଳଖ ଔଷଧ କମ୍ପାନିଗୁଡ଼ିକର ଖର୍ଚ୍ଚକୁ ପ୍ରଭାବିତ କରୁଛି ।

ପ୍ଲାଷ୍ଟିକ୍ ଏବଂ ଆଲୁମିନିୟମ୍ ଟାବଲେଟ୍ ଏବଂ ସିରପ୍ ପ୍ରସ୍ତୁତିରେ ଏବଂ ପ୍ୟାକେଜିଂରେ ବହୁଳ ଭାବରେ ବ୍ୟବହୃତ ହୁଏ । ବୃଦ୍ଧି ପାଉଥିବା ମୂଲ୍ୟ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରୁଛି । ଯାହା ବର୍ତ୍ତମାନ ଔଷଧ ମୂଲ୍ୟକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଛି । ଏକ ରିପୋର୍ଟ ଅନୁଯାୟୀ ସାଧାରଣତଃ ବ୍ୟବହୃତ ଔଷଧ ପାରାସିଟାମଲର କଞ୍ଚାମାଲ ମଧ୍ୟ ପ୍ରାୟ ୪୭% ବୃଦ୍ଧି ପାଇଛି । ଯନ୍ତ୍ରଣା ନିବାରକ ଡାଇକ୍ଲୋଫେନାକ୍‌ର କଞ୍ଚାମାଲ ୫୪% ଏବଂ ଡାଇକ୍ଲୋଫେନାକ୍ ପୋଟାସିୟମ୍‌ର କଞ୍ଚାମାଲ ୩୩% ବୃଦ୍ଧି ପାଇଛି । ଆଣ୍ଟିବାୟୋଟିକ୍ସର କଞ୍ଚାମାଲ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଆମୋକ୍ସିସିଲିନ୍ ଟ୍ରାଇହାଇଡ୍ରେଟର କଞ୍ଚାମାଲ ମୂଲ୍ୟ ୪୫% ଏବଂ ସିପ୍ରୋଫ୍ଲୋକ୍ସାସିନ୍‌ର ଚ ମୂଲ୍ୟ ପ୍ରାୟ ୬୨% ବୃଦ୍ଧି ପାଇଛି ।

ଔଷଧ ବିକ୍ରେତାମାନେ କହିଛନ୍ତି, କଞ୍ଚାମାଲ ଏବଂ ପ୍ୟାକେଜିଂର ମୂଲ୍ୟ ବୃଦ୍ଧି ପାଇଥିବାରୁ ଔଷଧ ଏବଂ ସର୍ଜିକାଲ ଉପକରଣର ମୂଲ୍ୟ ବୃଦ୍ଧି ପାଇବାକୁ ଯାଉଛି । ଫଳସ୍ୱରୂପ, ଏହା ନୂତନ ଔଷଧ ପ୍ରସ୍ତୁତିରେ ପ୍ରତିଫଳିତ ହୋଇପାରେ । ଇତିମଧ୍ୟରେ କିଛି ଡିଲର ଔଷଧ ଏବଂ ସର୍ଜିକାଲ ଉପକରଣର ମୂଲ୍ୟ ବୃଦ୍ଧି କରିଛନ୍ତି । ଏହା ହେବା ଉଚିତ୍ ନୁହେଁ । ପୁରୁଣା ଔଷଧ ଏବଂ ସର୍ଜିକାଲ ଉପକରଣର ମୂଲ୍ୟ କମ୍ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।

# ଜେଲରୁ ଫେରି ଲଦାଖକୁ ପୂର୍ଣ୍ଣ ରାଜ୍ୟ ପାଇଁ ଦାବି କଲେ ସୋନମ ୱାଙ୍ଗଚୁକ



ନୂଆଦିଲ୍ଲୀ, ୨୧/୦୩: ପ୍ରାୟ ୧୭୦ ଦିନ କାରାଗାରରେ ବିତାଇବା ପରେ ଶନିବାର ଜେଲରୁ ମୁକୁଳିଛନ୍ତି ଲଦାଖର ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶ କର୍ମୀ ସୋନମ ୱାଙ୍ଗଚୁକ । କେନ୍ଦ୍ର ସରକାର ତାଙ୍କ ବିରୋଧରେ ଲାଗିଥିବା କଠୋର ଜାତୀୟ ସୁରକ୍ଷା ଆଇନ ପ୍ରତ୍ୟାହାର କରିବା ପରେ ସେ ଯୋଧପୁର ସେଣ୍ଟ୍ରାଲ ଜେଲରୁ ବାହାରିଛନ୍ତି । ତେବେ ଜେଲରୁ ବାହାରିବା ପରେ ସେ ନିଜ ବିଜୟ ଅପେକ୍ଷା ଲଦାଖର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ୫୯ ବର୍ଷୀୟ ୱାଙ୍ଗଚୁକ କହିଛନ୍ତି, "ମୋର ଜେଲରୁ ମୁକୁଳିବା ଏକ ବିଜୟ ହୋଇପାରେ, କିନ୍ତୁ ଯଦି ଲଦାଖର ଦାବି ପୂରଣ ନହୁଏ, ତେବେ ଏହି ବିଜୟର କିଛି ମୂଲ୍ୟ ନାହିଁ ।" ଲଦାଖ ପାଇଁ ସେ ଏକ 'ୱିନ୍-ୱିନ୍-ୱିନ୍' ସମାଧାନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି, ଯାହାଦ୍ୱାରା ଲଦାଖବାସୀ, କେନ୍ଦ୍ର ସରକାର ଏବଂ ବିଶ୍ୱ ଦରବାରରେ ଭାରତର ଭାବମୂର୍ତ୍ତି ସବୁକିଛି ସୁରକ୍ଷିତ ରହିବ । ଲଦାଖକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଦାବିରେ ଆନ୍ଦୋଳନ କରୁଥିବା ବେଳେ ଗତ ବର୍ଷ ତାଙ୍କୁ ଗିରଫ କରାଯାଇଥିଲା । ତାଙ୍କ ଭାଷଣ ଯୋଗୁଁ ଲେହରେ ହିଂସା ଉପୁଜିଥିବା ପ୍ରଶାସନ ଅଭିଯୋଗ କରିଥିଲା । ୱାଙ୍ଗଚୁକ ନିଜ କାରାଦଣ୍ଡକୁ ଏକ 'ନନ୍-ଫିକ୍ସନ ଥ୍ରୀଲର' ସହ ତୁଳନା କରିଛନ୍ତି । ସେ କହିଛନ୍ତି ଯେ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ତାଙ୍କୁ ବାହ୍ୟ ଜଗତରୁ ବିଚ୍ଛିନ୍ନ କରି ରଖାଯାଇଥିଲା । ତେବେ ଜେଲର କର୍ମଚାରୀମାନେ ତାଙ୍କ ପ୍ରତି ଦୟାବାନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି । ସରକାର ଏନଏସଏ ପ୍ରତ୍ୟାହାର କରିବାକୁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଗ୍ରହଣ କରି ୱାଙ୍ଗଚୁକ କହିଛନ୍ତି ଯେ ଏହା ଆଲୋଚନାର ଦ୍ୱାର ଉନ୍ମୁକ୍ତ କରିଛି । ତାଙ୍କ ମତରେ କେବଳ ଆଲୋଚନା ଯଥେଷ୍ଟ ନୁହେଁ, ଏହା ଅର୍ଥପୂର୍ଣ୍ଣ ହେବା ଆବଶ୍ୟକ । ଉଭୟ ସରକାର ଏବଂ ଲଦାଖବାସୀଙ୍କୁ ନମନୀୟ ହେବାକୁ ପଡ଼ିବ । ଲଦାଖର ସଂସ୍କୃତି, ଜମି ଏବଂ ଜନଜାତିଙ୍କ ଅଧିକାର ରକ୍ଷା ପାଇଁ ଷଷ୍ଠ ଅନୁସୂଚୀର ସୁରକ୍ଷା ଜରୁରୀ । ଶେଷରେ ସେ ଆଶା ପ୍ରକଟ କରିଛନ୍ତି ଯେ, ସରକାର ଅନ୍ୟ ଆନ୍ଦୋଳନକାରୀଙ୍କ ବିରୋଧରେ ଥିବା ମାମଲାକୁ ମଧ୍ୟ ପ୍ରତ୍ୟାହାର କରିବେ ଏବଂ ଏକ ଉଦାରବାଦୀ ପ୍ରକ୍ରିୟା ଆରମ୍ଭ ହେବ ।

## ପୁଣି ବଦଳିଲା ସୁନା-ରୁପା ଦର

ନୂଆଦିଲ୍ଲୀ, ୨୧/୦୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ମଧ୍ୟରେ ବଢିଲା ସୁନା ଏବଂ ରୂପା ଦର । ଯଦି ଆଜି ଆପଣ ସୁନା କିମ୍ବା ରୂପା କିଣିବାକୁ ଯୋଜନା କରିଛନ୍ତି, ତେବେ ଆଜିର ଦର ଉପରେ ଟିକେ ନଜର ପକାନ୍ତୁ । କାରଣ ଆଜି ଉଭୟ ଦର ବୃଦ୍ଧି ଘଟିଛି । ଆଜି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧୨୦୦ ଟଙ୍କା ବୃଦ୍ଧି ଘଟି ୧ ଲକ୍ଷ ୫୮ ହଜାର ୬୨୦ ଟଙ୍କା ହୋଇଛି । ଗତକାଲି ଦର ୧ ଲକ୍ଷ ୫୭ ହଜାର ୪୨୦ ଟଙ୍କା ଥିଲା । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ୍ ପ୍ରତି ୧୧୦୦ ଟଙ୍କା ବୃଦ୍ଧି ଘଟି ୧ ଲକ୍ଷ ୪୫ ହଜାର ୪୦୦ ଟଙ୍କା ହୋଇଛି । ଯାହା ଗତକାଲି ୧ ଲକ୍ଷ ୪୪ ହଜାର ୩୦୦ ଟଙ୍କା ଥିଲା । ଅନ୍ୟପଟେ ରୁପା ଦର ମଧ୍ୟ ଆଜି ବୃଦ୍ଧି ଘଟିଛି । ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପ୍ରତି ୪ ହଜାର ଟଙ୍କା ବଢ଼ି ୨ ଲକ୍ଷ ୮୦ ହଜାର ଟଙ୍କା ହୋଇଛି । ଗତକାଲି ଦର ୨ ଲକ୍ଷ ୭୬ ହଜାର ଟଙ୍କା ଥିଲା । ବାରମ୍ବାର ସୁନା ଓ ରୂପା ଦରରେ ପରିବର୍ତ୍ତନ ହେଉଥିବାରୁ ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଡାକ ବିଭାଗର ନୂଆ ଫିଚର୍ସ : ୨୪ ଘଣ୍ଟାରେ ଗ୍ୟାରେଣ୍ଟି ସହ ହେବ ପାର୍ସଲ ଡେଲିଭରି

ନୂଆଦିଲ୍ଲୀ, ୨୧/୦୩: ଆଉ ଲାଗିବନି ଅଧିକ ଦିନ । ମାତ୍ର ୨୪ ଘଣ୍ଟାରେ ହୋଇଯିବ ପାର୍ସଲ ଡେଲିଭରି । ତାହାବି ପୁଣି କମ୍ ଦାମରେ । ଭାରତୀୟ ଡାକ ବିଭାଗ ଆଣିଛି ଏହି ନୂଆ ଫିଚର । ଏଣିକି ଇଣ୍ଡିଆ ପୋଷ୍ଟରେ ଜରୁରୀ ଡକ୍ୟୁମେଣ୍ଟ କିମ୍ବା ପାର୍ସଲ ୨୪ ଘଣ୍ଟାରେ ପଠାଇହେବ । ମଙ୍ଗଳବାର ଭାରତୀୟ ଡାକ ବିଭାଗ ଏହି ନୂଆ ସେବାର ଆରମ୍ଭ କରିଛି । ବଡ଼ କଥା ହେଲା ଏହି ସର୍ଭିସରେ ଡାକ ବିଭାଗରୁ ଆପଣଙ୍କୁ ଲିଖିତ ଗ୍ୟାରେଣ୍ଟି ମିଳିବ । ଯଦି ନିର୍ଦ୍ଧାରିତ ସମୟରେ ଡେଲିଭରି ନହୁଏ, ତେବେ 'ମନି ବ୍ୟାକ୍ ଗ୍ୟାରେଣ୍ଟି' ଅନୁସାରେ ଆପଣଙ୍କୁ ପୂରା ଟଙ୍କା ଫେରସ୍ତ ହୋଇଯିବ । **ଡାକ ବିଭାଗର ୩ ନୂଆ ସେବା:** ୨୪ ସ୍ପିଡ୍ ପୋଷ୍ଟ: ଏଥିରେ ଆପଣଙ୍କୁ ଜରୁରୀ ଡକ୍ୟୁମେଣ୍ଟ ବୁକିଂର ଠିକ ପରଦିନ ହିଁ ପହଞ୍ଚିଯିବ । ୨୪ ସ୍ପିଡ୍ ପୋଷ୍ଟ ପାର୍ସଲ: ଏହା ଓଜନିଆ ସାମଗ୍ରୀ କିମ୍ବା ବକ୍ସ ପାଇଁ । ଏହାକୁ ମଧ୍ୟ ୨୪ ଘଣ୍ଟା ମଧ୍ୟରେ ପହଞ୍ଚାଇଦିଆଯିବ । ୪୮ ସ୍ପିଡ୍ ପୋଷ୍ଟ: ଏଥିରେ ଆପଣଙ୍କ ପାର୍ସଲକୁ ପହଞ୍ଚାଇବା ପାଇଁ ୨ଦିନ ବା ୪୮ ଘଣ୍ଟାର ସମୟ ଲାଗିବ । ଏହା କିଛିଟା ଶସ୍ତା ହୋଇପାରେ । ଦିଲ୍ଲୀ- ମୁମ୍ବାଇ ସମେତ ୬ ସହରରେ ପ୍ରଥମ ପର୍ଯ୍ୟାୟ ଆରମ୍ଭ । ଡାକ ବିଭାଗ ଏହି ସର୍ଭିସକୁ ବର୍ତ୍ତମାନ ଦେଶର ୬ ପ୍ରମୁଖ ମେଟ୍ରୋ ସହରେ ଆରମ୍ଭ କରିଛି । ଏଥିରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ସାମିଲ ରହିଛି । ଏସବୁ ସହରରେ ଡେଲିଭରି ଟାଇମଲାଇନକୁ ପୂରା କରିବା ପାଇଁ ବିଭାଗ ଅଲଗା ଭାବେ ପ୍ରୋସେସିଂ ୟୁନିଟ୍ ତିଆରି କରାଯାଇଛି । ପାର୍ସଲ ପଠାଇବା ପାଇଁ ଉଡ଼ାଜାହାଜର ବ୍ୟବହାର ହେବ ।




ଓଟିପି ବିନା ମିଳିବନି ପାର୍ସଲ, ୪ ଖାସ୍ ଫିଚର୍ସ । ଡାକ ବିଭାଗ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ମଧ୍ୟ ଅନେକ ଅପଗ୍ରେଡ କରିଛି ।

**ଓଟିପ ଆଧାରିତ ଡେଲିଭରି:** ଏବେ ପୋଷ୍ଟମ୍ୟାନକୁ ଓଟିପି ଦେଲା ପରେ ଆପଣଙ୍କ ପାର୍ସଲ ଡେଲିଭରୀ ପାଇପାରିବେ । ଏହାଦ୍ୱାର ପାର୍ସଲ ଭୁଲ ହାତରେ ପଡ଼ିବାର ଆଶଙ୍କାକୁ ଦୂର ହୋଇଥାଏ ।

**ରିଅଲ୍‌ଟାଇମ୍ ଟ୍ରାକିଂ:** ଏଣିକି ଆପଣ ମୋବାଇଲରେ ଲାଇଭ୍ ଆପଣଙ୍କ ପାର୍ସଲ ଟ୍ରାକ କରିପାରିବେ । ବୁକିଂ ଠାରୁ ଡେଲିଭରି ପର୍ଯ୍ୟନ୍ତ ସବୁ ତଥ୍ୟ ମେସେଜ ମାଧ୍ୟମରେ ଜାଣିପାରିବେ ।

**ମାଗଣା ପିକଅପ୍:** ଯଦି ଏକାଥରକେ ଏକାଧିକ ପାର୍ସଲ ବା ବଲ୍କ ବୁକିଂ କରୁଛନ୍ତି । ତେବେ ଡାକ ବିଭାଗ ଆପଣଙ୍କ ଘରୁ କିମ୍ବା ଅଫିସ୍ରୁ ମାଗଣାରେ ପାର୍ସଲ ରିସିଭ କରିବ

**ବାଏ ନାଓ ପେ ଲେଟର ସୁବିଧା:** କର୍ପୋରେଟ ଏବଂ ବିଜନେସ ଗ୍ରାହକଙ୍କ ପାଇଁ 'ବାଏ ନାଓ ପେ ଲେଟର' (ଏବେ ପଠାନ୍ତୁ, ପରେ ଟଙ୍କା ଦିଅନ୍ତୁ) ସୁବିଧା ମଧ୍ୟ ଆଣିଛି । ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର, ଏବେ ଶ୍ରୀଲଙ୍କାରେ କରି ହେବ ୟୁପିଆଇ ପେମେଣ୍ଟ ।

**ଭାରତୀୟ ଇ-କମର୍ସ ବଜାର ୩୦ ଲକ୍ଷ କୋଟି ଟଙ୍କାର ହେବ:** ଦିଲ୍ଲୀର ଅଲ୍ ଇଣ୍ଡିଆ ରେଡିଓ ଭବନରୁ ଏହି ସେବା ଆରମ୍ଭ କରି ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ, ଏହା ଇଣ୍ଡିଆ ପୋଷ୍ଟ ପାଇଁ ପରିବର୍ତ୍ତନର ସମୟ । ସେ କହିଛନ୍ତି ଭାରତର ଇ-କମର୍ସ ବଜାର ବର୍ତ୍ତମାନ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କାର ଏବଂ ୨୦୩୦ ସୁଦ୍ଧା ଏହା ତିନିଗୁଣ ବୃଦ୍ଧି ପାଇ ୩୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ନେଇ ଆଶା କରାଯାଉଛି । ତେଣୁ ଡାକ ବିଭାଗ ଏହି ବୃଦ୍ଧି ପାଉଥିବା ବଜାରରେ ନିଜର ଅଂଶକୁ ସୁଦୃଢ଼ କରିବାକୁ ଚାହୁଁଛି । ଡାକ ବିଭାଗ ଏବେ ଆଧୁନିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ।

**ବ୍ୟବସାୟ ପାଇଁ 'ବାଏ ନାଓ ପେ ଲେଟର' ସୁବିଧା:** କ୍ଷୁଦ୍ର ଏବଂ ବଡ଼ ବ୍ୟବସାୟକୁ ଆକର୍ଷିତ କରିବା ପାଇଁ ବିଭାଗ ଅନେକ ଖାସ ଫିଚର୍ସ ଆଣିଛି । ବଲ୍କ ଅର୍ଡର ପାଇଁ ମାଗଣା ପିକଅପ୍ ସୁବିଧା ମିଳିବ । ବ୍ୟବସାୟ ପାଇଁ କେନ୍ଦ୍ରୀକୃତ ବିଲିଂ ଏବଂ ଇଡିଓ ସମନ୍ୱୟ ଭଳି ବିକଳ୍ପ ଉପଲବ୍ଧ । ଏହା କମ୍ପାନିଗୁଡ଼ିକୁ ସେମାନଙ୍କର ପାର୍ସଲଗୁଡ଼ିକୁ ଟ୍ରାକ୍ ଏବଂ ପରିଚାଳନା କରିବା ପାଇଁ ଡାକ ବିଭାଗର ସିଷ୍ଟମ ସହିତ ସିଧାସଳଖ ସଂଯୋଗ କରିବାକୁ ଅନୁମତି ଦିଏ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସମ୍ପାଦକୀୟ

## ପ୍ରଗତିର ଦୂରଦୃଷ୍ଟି-୨୦୩୬

ଭାଷାଭିତ୍ତିକ ରାଜ୍ୟ ଭାବେ ବ୍ରିଟିଶ ସରକାର ଭାରତରେ ପ୍ରଥମେ ଓଡ଼ିଶାକୁ ରାଜ୍ୟର ମାନ୍ୟତା ଅପ୍ରେଲ ୧, ୧୯୩୬ରେ ଦେଇଥିଲେ। ସମୟ ଗତିରେ ଅନେକ ସରକାର ଆସିଛି ଯାଇଛି ତେବେ ୧୯୩୬ ରେ ରାଜ୍ୟ ଗଠନର ଶତବାର୍ଷିକ ପୂର୍ତ୍ତି ଓ ପ୍ରଗତିର ବିକାଶ ଚିତ୍ର ଏବେ ଠାରୁ ଅଙ୍କା ଯାଇଛି। ଦାଦନର ଦୟନୀୟ ସ୍ଥିତି ବେକାରୀଙ୍କ ଆତ୍ମ ନିଯୁକ୍ତି ଆମ ପାଇଁ ବଡ ଆହ୍ୱାନ ହୋଇଛି। ତେବେ ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଭାରତରେ ଗଢି ତୋଳିବା ପାଇଁ ସଂକଳ୍ପର ସମୟ ଆସିଛି।

୨୦୩୬ ମସିହାରେ ଓଡ଼ିଶାର ରାଜ୍ୟ ଗଠନର ଶତବର୍ଷ ପୂର୍ତ୍ତି ଅବସରକୁ ଦୃଷ୍ଟିରେ ରଖି, ବିକଶିତ ଓଡ଼ିଶାର ଦୃଷ୍ଟିକୋଣ କେବଳ ଆର୍ଥିକ ବୃଦ୍ଧି ପରିମିତ ନୁହେଁ; ଏହା ଏକ ଆର୍ଥିକ ଭାବେ ସୁଦୃଢ଼, ସାମାଜିକ ଭାବେ ସମାବେଶୀ, ପରିବେଶ ଦୃଷ୍ଟିରୁ ସୁସ୍ଥିର ଏବଂ ପ୍ରତିଷ୍ଠାନିକ ଭାବେ ଶକ୍ତିଶାଳୀ ରାଜ୍ୟ ଗଠନର ଲକ୍ଷ୍ୟକୁ ପ୍ରତିବିମ୍ବିତ କରେ। ଏହି ଦୃଷ୍ଟିକୋଣ ପ୍ରାପ୍ତି ପାଇଁ କେବଳ ଢାଞ୍ଚାଗତ ବିକାଶ କିମ୍ବା ପୁଞ୍ଜିନିବେଶ ପର୍ଯ୍ୟାପ୍ତ ନୁହେଁ; ଏହାପାଇଁ ଦୀର୍ଘକାଳୀନ ରୂପାନ୍ତରକୁ ଚାଳନା କରିପାରିବା ଦକ୍ଷ ମାନବ ସମ୍ପଦ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ଯୁବପିଢ଼ି ରାଜ୍ୟର ଦୀର୍ଘକାଳୀନ ବିକାଶ ରଣନୀତିର ମୂଳ ଆଧାର ଭାବେ ଉଭାସିତ ହେଉଛନ୍ତି। ନୀତି ନିର୍ମାଣ, ଉତ୍ପାଦନ, ଶାସନ ଓ ନବୋନ୍ମେଷ କ୍ଷେତ୍ରରେ ତାଙ୍କର ସକ୍ରିୟ ଭାଗୀଦାରି ଓ ଓଡ଼ିଶାର ବିକାଶକୁ ପଥ ନିର୍ଦ୍ଦେଶିତ କରିବ।

ଓଡ଼ିଶାର ଜନସଂଖ୍ୟାତ୍ମକ ଲାଭ ରାଜ୍ୟର ଆର୍ଥିକ ପରିକଳ୍ପନାର କେନ୍ଦ୍ରବିନ୍ଦୁରେ ଯୁବପିଢ଼ିକୁ ସ୍ଥାପିତ କରୁଛି। ନୀତିଗତ ଦୃଷ୍ଟିରୁ, ଶିକ୍ଷା, କୌଶଳ ବିକାଶ ଏବଂ କାର୍ମିକ ଭାଗୀଦାରିରେ ଯୁବମାନଙ୍କ ସମ୍ପୃକ୍ତିକୁ ରାଜ୍ୟର ଔଦ୍ୟୋଗିକ ଏବଂ ନିଯୁକ୍ତି ରଣନୀତି ସହିତ ସମନ୍ୱୟ କରାଯିବା ଆବଶ୍ୟକ। ଉତ୍ପାଦନ, ଲଜିଷ୍ଟିକ୍ସ, ନିର୍ମାଣ ଏବଂ ଇଲୋକ୍ଟ୍ରୋନିକ୍ସ ଓ ଗ୍ରୀନ ଟେକ୍ନୋଲୋଜି ପରି ଉଦୀୟମାନ ଶିଳ୍ପରେ ପ୍ରଶିକ୍ଷିତ ଯୁବଜନ ଓଡ଼ିଶାର ଔଦ୍ୟୋଗିକ କରିଡୋର ଓ ଢାଞ୍ଚାଗତ ବିସ୍ତାରକୁ ସିଧାସଳଖ ସମର୍ଥନ ଦେଇପାରିବେ। କୌଶଳ ବିକାଶ କାର୍ଯ୍ୟକ୍ରମକୁ କ୍ଷେତ୍ରଭିତ୍ତିକ ଚାହିଦା ସହିତ ସଂଯୋଗ କରି, ଯୁବପିଢ଼ି ବେକାରୀ ଦୂରକରିବା ସହ ଜାତୀୟ ଓ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ପ୍ରତିସ୍ପର୍ଦ୍ଧାକୁ ବଢ଼ାଇପାରିବ। ଅର୍ଥାତ୍ କାର୍ଯ୍ୟର ସଫଳତା କଳ୍ପନା ନୁହେଁ, ନିୟମିତ ପ୍ରୟାସ ଓ ସୁଦୃଢ଼ ପ୍ରତିଷ୍ଠାନିକ ସମର୍ଥନ ଉପରେ ନିର୍ଭର କରେ। କୃଷି ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ନୀତି ସଂଶୋଧନ ଓ ରୂପାୟଣ ପାଇଁ ଯୁବପିଢ଼ିର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଯୁବ କୃଷକ, କୃଷି-ଉଦ୍ୟୋଗପତି ଓ ଗ୍ରାମୀଣ ନବୋନ୍ମେଷକାରୀମାନେ ଯାନ୍ତ୍ରିକୀକରଣ, ଡିଜିଟାଲ ପରାମର୍ଶ ସେବା, ଜଳବାୟୁ ସହନଶୀଳ ପଦ୍ଧତି ଏବଂ ମୂଲ୍ୟ ଶୃଙ୍ଖଳା ସମ୍ମିଳନୀ ମାଧ୍ୟମରେ କୃଷିକୁ ଆଧୁନିକ କରିବାରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ଚାଷୀ ଉତ୍ପାଦକ ସଂଗଠନ, ଏଗ୍ରି-ଷ୍ଟାର୍ଟଅପ୍ ଓ ସହକାରୀ ମଡେଲ୍‌ରେ ଯୁବକମାନଙ୍କ ଭାଗୀଦାରି ଉତ୍ପାଦକତା ବୃଦ୍ଧି, ଫସଲହାନି କମେଇବା ଏବଂ ଚାଷୀ ଆୟ ବଢ଼ାଇବାରେ ସହାୟକ। ଏହା ଖାଦ୍ୟ ସୁରକ୍ଷା ଓ ସୁସ୍ଥିର ସମ୍ପଦ ବ୍ୟବହାର ସହିତ ଚାଷୀ ଆୟ ଦୁଇଗୁଣ କରିବା ଲକ୍ଷ୍ୟକୁ ସମର୍ଥନ କରେ।

ଓଡ଼ିଶାକୁ ପ୍ରଯୁକ୍ତି-ନିର୍ଭର ଏବଂ ଡିଜିଟାଲ ଶାସିତ ରାଜ୍ୟରେ ପରିଣତ କରିବାରେ ମଧ୍ୟ ଯୁବପିଢ଼ି ନିର୍ଣ୍ଣାୟକ ଭୂମିକା ନିଭାଉଛନ୍ତି। ସୂଚନା ପ୍ରଯୁକ୍ତି, ଡାଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତାରେ ପ୍ରଶିକ୍ଷିତ ଯୁବଜନମାନେ ଇ-ଗଭର୍ଣ୍ଣାନ୍ସ ପ୍ଲାଟଫର୍ମ, ସାର୍ବଜନିକ ସେବା ପ୍ରଦାନ ଏବଂ ଡାଟା-ଭିତ୍ତିକ ନୀତି ନିର୍ଣ୍ଣୟକୁ ସୁଦୃଢ଼ କରୁଛନ୍ତି। ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମରେ ତାଙ୍କର ଅବଦାନ ପଛୁଆ ଓ ଦୂରଦୂରାନ୍ତ ଅଞ୍ଚଳକୁ ପ୍ରଯୁକ୍ତିର ଲାଭ ପହଞ୍ଚାଇ ପ୍ରଶାସନିକ ଅକ୍ଷମତା କମେଇବା ସହ ପାରଦର୍ଶିତା ବଢ଼ାଇଛି। ଉର୍ଜା ଓ ଜଳବାୟୁ କ୍ଷେତ୍ରରେ ଓଡ଼ିଶାର ସୁସ୍ଥିରତା ଓ ସହନଶୀଳତା ନୀତି ରୁପାୟନ ପାଇଁ ଯୁବକମାନଙ୍କ ସମ୍ପୃକ୍ତି ଅତ୍ୟନ୍ତ ଆବଶ୍ୟକ। ଯୁବ ଇଞ୍ଜିନିୟର, ଗବେଷକ ଓ ସମୁଦାୟ ନେତୃତ୍ୱଦାତାମାନେ ପୁନଃନବୀକରଣ ଉର୍ଜା, ଉର୍ଜା କ୍ଷମତା ଏବଂ ଜଳବାୟୁ ଅନୁକୂଳନ କୌଶଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି। ବନ୍ୟା ଓ ଘୂର୍ଣ୍ଣିଝଡ଼ ପ୍ରବଣ ରାଜ୍ୟ ପାଇଁ ଆପଦକାଳୀନ ପ୍ରସ୍ତୁତି ଓ ସ୍ଥାନୀୟ ସହନଶୀଳତା ଯୋଜନାରେ ତାଙ୍କର ଭୂମିକା ଅତ୍ୟନ୍ତ ସମ୍ପୃକ୍ତ।

'ପ୍ରକୃତି ରକ୍ଷତି ରକ୍ଷିତା' ନୀତି ବିକାଶ ଯୋଜନାରେ ପରିବେଶ ସୁରକ୍ଷାକୁ ଅନିବାର୍ଯ୍ୟ କରେ, ଯାହାର ଯୁବ ନେତୃତ୍ୱ ଅତ୍ୟନ୍ତ ଆବଶ୍ୟକ। ସାମାଜିକ କ୍ଷେତ୍ରରେ ନୀତି ଉଦ୍ଦେଶ୍ୟକୁ ମାପଯୋଗ୍ୟ ଫଳାଫଳରେ ପରିଣତ କରିବାରେ ଓଡ଼ିଶାରେ ଯୁବପିଢ଼ି ମୁଖ୍ୟ ଭୂମିକା ନିଭାଉଛନ୍ତି। ଶିକ୍ଷା, ସାର୍ବଜନିକ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା କ୍ଷେତ୍ରରେ କାର୍ଯ୍ୟରତ ଯୁବଜନମାନେ ଓ ସେବକମାନେ ଶେଷ ମାଇଲ୍ ସେବା ପ୍ରଦାନକୁ ସୁଦୃଢ଼ କରୁଛନ୍ତି। ଜନଜାତି, ଉପକୂଳ ଏବଂ ପଛୁଆ ଅଞ୍ଚଳରେ ସଚେତନତା ଓ ସମୁଦାୟ ଗଠନ ମାଧ୍ୟମରେ ତାଙ୍କର ଅବଦାନ ମାନବ ବିକାଶ ସୂଚକାଙ୍କ ଉନ୍ନତିକୁ ସମର୍ଥନ କରେ। ଶାସନ, ନୀତି ଗବେଷଣା ଏବଂ ପ୍ରାତିଷ୍ଠାନିକ ନେତୃତ୍ୱରେ ମଧ୍ୟ ଯୁବମାନଙ୍କ ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ପ୍ରସାଶନିକ ସେବା, ନୀତି ନିର୍ମାତା, ଶିକ୍ଷାବିତ୍ ଓ ରାଜନୈତିକ ନେତା ଭାବେ ଯୁବ ଓଡ଼ିଆମାନେ ପ୍ରଶାସନିକ କ୍ଷମତା, ନୀତି ନବୋନ୍ମେଷ ଏବଂ ଲୋକତାନ୍ତ୍ରିକ ଦାୟିତ୍ୱବୋଧକୁ ଆକାର ଦେଉଛନ୍ତି। 'ଯୁବ ଶକ୍ତିଃ ରାଷ୍ଟ୍ର ଶକ୍ତିଃ' ଧାରଣା ଏହି କଥାକୁ ସ୍ପଷ୍ଟ କରେ ଯେ ନୀତିଗତ ଓ ସଶକ୍ତ ନେତୃତ୍ୱ ଉପରେ ପ୍ରତିଷ୍ଠାନର ଶକ୍ତି ନିର୍ଭର କରେ।

ବିକଶିତ ଓଡ଼ିଶା ଅ ୨୦୩୬ ପାଇଁ ଏକ ସମନ୍ୱିତ ବିକାଶ ମଡେଲ ଆବଶ୍ୟକ, ଯେଉଁଥିରେ ଆର୍ଥିକ, ସାମାଜିକ, ପରିବେଶୀୟ, ସାଂସ୍କୃତିକ ଓ ଶାସନ ବ୍ୟବସ୍ଥାର ସମସ୍ତ କ୍ଷେତ୍ରରେ ଯୁବଜନମାନେ ସକ୍ରିୟ ଭାବେ ଭାଗ ନେବେ। ଲକ୍ଷ୍ୟଭିତ୍ତିକ ନୀତି, ପ୍ରତିଷ୍ଠାନିକ ସଂଶୋଧନ ଏବଂ ମାନବ ସମ୍ପଦରେ ନିବେଶ ମାଧ୍ୟମରେ ତାଙ୍କ ଭୂମିକାକୁ ସମର୍ଥନ କରାଯିବା ଆବଶ୍ୟକ। ଯୁବଜନମାନେ ନବୋନ୍ମେଷକାରୀ, କାର୍ଯ୍ୟାନୁଷ୍ଠାନକାରୀ ଓ ନେତା ଭାବେ ଉଭାସିତ ହେଲେ, ଓଡ଼ିଶା ୨୦୩୬ ମସିହାକୁ ସୁସ୍ଥିର ଓ ସମାବେଶୀ ବିକାଶର ଏକ ଐତିହାସିକ ମାଇଲ୍‌ଷ୍ଟୋନ୍‌ରେ ପରିଣତ କରିପାରିବ। ଶେଷରେ, ୨୦୩୬ ମସିହା ଓଡ଼ିଶା ପାଇଁ କେବଳ ଏକ ଐତିହାସିକ ବର୍ଷ ନୁହେଁ; ଏହା ଏକ ନୂତନ ସଂକଳ୍ପ, ନୂତନ ଦାୟିତ୍ୱ ଓ ନୂତନ ଦିଗର ପ୍ରତୀକ ହେବ। ଯଦି ଆଜିର ଯୁବପିଢ଼ି ନୀତିଗତ ଦୃଢ଼ତା, କର୍ମନିଷ୍ଠା ଓ ସାମୂହିକ ଦାୟିତ୍ୱବୋଧ ସହିତ ଆଗକୁ ବଢ଼ନ୍ତି, ତେବେ ବିକଶିତ ଓଡ଼ିଶା ଅ୨୦୩୬ କେବଳ ଏକ ଲକ୍ଷ୍ୟ ନୁହେଁ, ବରଂ ଏକ ସାକାର ବାସ୍ତବତା ହେବ। ସେହିପରି, ସମୟ ଓ ଇତିହାସ ଯୁବପିଢ଼ିଙ୍କୁ ଆହ୍ୱାନ କରୁଛି ସଚେତନ ହେବାକୁ, ସାହସୀ ହେବାକୁ ଏବଂ ଦାୟିତ୍ୱ ନେବାକୁ, ଯାହାଦ୍ୱାରା ଓଡ଼ିଶାର ଶତବର୍ଷୀୟ ଯାତ୍ରା ଏକ ଗର୍ବମୟ, ସମାବେଶୀ ଓ ସୁସ୍ଥିର ବିକାଶର ଦୃଷ୍ଟାନ୍ତ ହୋଇ ଉଭା ହେବ।

# ବୈତରଣୀ ତୀର୍ଥରେ ପୁଣ୍ୟଦାୟୀ ବାରୁଣୀ ସ୍ନାନ



ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀତିଥିରେ ବିରଜା କ୍ଷେତ୍ର ଯାଜପୁରର ପବିତ୍ର ଦଶାଶ୍ୱମେଧ ଘାଟରେ ଉତ୍କଳଜାହ୍ନବୀ ବୈତରଣୀ ନଦୀରେ ପୁଣ୍ୟଦାୟୀ ବାରୁଣୀ ସ୍ନାନ ଅନୁଷ୍ଠିତ ହୁଏ। ଯେବେ ଚୈତ୍ରକୃଷ୍ଣ ତ୍ରୟୋଦଶୀ ଶନିବାର ବା ଶତଭିଷା ନକ୍ଷତ୍ର ଯୁକ୍ତ ହୁଏ ଜ୍ୟୋତିଷ ମତରେ ଏହାକୁ ବାରୁଣୀ ଯୋଗ କୁହାଯାଏ। ଯଦି ଶନିବାର ଓ ଶତଭିଷା ନକ୍ଷତ୍ର ଉଭୟ ସେହିଦିନ ପଡ଼ିଥାଏ ତେବେ ଏହାକୁ ମହା ବାରୁଣୀ ଯୋଗ କୁହାଯାଏ ।

ଏହି ବାରୁଣୀ ଓ ମହା ବାରୁଣୀ ଯୋଗରେ ଗଙ୍ଗା ସ୍ନାନ କଲେ ଶହେ ସୂର୍ଯ୍ୟୋପରାଗ ଅନୁଷ୍ଠିତ ଧର୍ମ କାର୍ଯ୍ୟର ପୂଣ୍ୟ ଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ତୀର୍ଥରାଜ ମହୋଦଧିରେ ମଧ୍ୟ ଏହି ଦିନ ଲୋକ ମାନେ ବାରୁଣୀ ସ୍ନାନ କରନ୍ତି । ଅନ୍ୟାନ୍ୟ ନଦୀ, ହ୍ରଦ, ପୁଷ୍କରିଣୀ ମାନଙ୍କରେ ମଧ୍ୟ ସ୍ଥାନୀୟ ଲୋକ ବାରୁଣୀବୁଡ଼ ପକାନ୍ତି । ବୈତରଣୀ ପରେ ଆମ ରାଜ୍ୟ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀର ବାରୁଣୀ ବୁଡ଼ର ପ୍ରସିଦ୍ଧି ରହିଛି । ମହୋଦଧି ସହ ପୁରୀ ସଦର ବରାଳ ବାଲୁଙ୍କେଶ୍ୱର ଶିବ ମନ୍ଦିର ନିକଟ ପୁଣ୍ୟତୋୟା ଭାର୍ଗବୀ ନଦୀରେ ମଧ୍ୟ ଏହି ଦିନ ବୁଡ଼ ପଡ଼େ । କ୍ଷୁଦ୍ରନଦୀ ହେଲେହେଁ ଭାର୍ଗବୀ ପୂର୍ବ କାଳରେ ଏକ ପୁଣ୍ୟତୋୟା ନଦୀ ଭାବରେ ପରିଚିତ ଥିଲା ।

ଏଣୁ ଉତ୍କଳମଣି ଲେଖିଥିଲେ :
ଭାର୍ଗବୀ ସ୍ୱର୍ଗର ସୁଗମ ନିଃଶ୍ରେଣୀ
ମନୋହର ଯାର ନୀଳ ନୀର ବେଣୀ ।।

କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଠାରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳୀରେ ମଧ୍ୟ ବାରୁଣୀ ସ୍ନାନ ଅନୁଷ୍ଠିତ ହୁଏ ।

କାହିଁ କେତେ କାଳରୁ ବିରଜା କ୍ଷେତ୍ର ଯାଜପୁର ନିକଟରେ କୁଳୁ କୁଳୁ ନାଦରେ ପ୍ରବାହିତ ହେଉଛି ବୈତରଣୀ ନଦୀ । ବାରାଣସୀ ସ୍ଥିତ ପବିତ୍ର ଗଙ୍ଗା ବାରୁଣୀ ଘାଟ ଭଳି ଉତ୍କଳ ଗଙ୍ଗା ଭାବେ ପରିଚିତ ପବିତ୍ର ବୈତରଣୀରେ ବାରୁଣୀ ସ୍ନାନ ମହା ପୂଣ୍ୟ ଦାୟୀ ବୋଲି ଦୃଢ଼ ବିଶ୍ୱାସ ରହିଛି । ପୁରାଣରେ ବିଶେଷ କରି ମାର୍କଣ୍ଡେୟ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣ ବୈତରଣୀ ବିଷୟରେ ଅନେକ କଥାମାନ କହିଛନ୍ତି। ଏଥିରେ ପୁଣି ଗାଈ ଲାଙ୍ଗୁଳ ଧରି ତପ୍ତ ବୈତରଣୀ ନର୍କ ପାରହେବା କଥା କୁହା ଯାଇଛି । ବାରୁଣୀସ୍ନାନ ଭକ୍ତ ଏବଂ ଭଗବାନ ବା ଐଶ୍ୱରୀୟ ସତ୍ତାର ମିଳନ ସ୍ଥଳ । ବାରୁଣୀ ସ୍ନାନ ପାଇଁ ଉଭୟ ଉଭୟକୁ ଚାହିଁ ବସି ଥାନ୍ତି । ଏଣୁ ଗଙ୍ଗା ବାରୁଣୀ ସ୍ନାନକୁ ଲକ୍ଷ୍ୟ କରି ଭାଗବତରେ କୁହାଗଲା :-

ଗଙ୍ଗା ବିଚାରୁ ଅଛି ମନେ
ବାରୁଣୀ ପଡ଼ିବ କେସନେ ।।
ଆସିବେ ମୋର ଭକ୍ତ ଗଣ
ମୋ ପାପ କରିବେ ମୋଚନ ।।

ବୈତରଣୀ ଓ ବିରଜା ଭାରତର ପ୍ରାଚୀନ ତୀର୍ଥ ମାନଙ୍କ ମଧ୍ୟରେ ଅନ୍ୟତମ। ମହାଭାରତର ଆଦି, ସଭା,ବନ ଓ ଭୀଷ୍ମ ପର୍ବରେ ଏହି ତୀର୍ଥର ବର୍ଣ୍ଣନା ରହିଛି । ବାରୁଣୀ ଯୋଗରେ ବୈତରଣୀରେ ସ୍ନାନ କରି ଶ୍ରଦ୍ଧାଳୁ ମାନେ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ ଓ ଗୋଦାନ ଦେବା ପରମ୍ପରା ରହିଛି । ବାରୁଣୀସ୍ନାନ ଉତ୍କଳର କୁମ୍ଭ ବୋଲି ଆଖ୍ୟାୟିତ ହୋଇ ଥାଏ । ବୈତରଣୀ ତୀରର ସପ୍ତ ମାତୃକା ମନ୍ଦିର ନିକଟ ମହାସ୍ମଶାନରେ ଶବସତ୍କାର ମୋକ୍ଷଦାୟୀ ବୋଲି ବିଚାର କରାଯାଏ। ମୃତକର ଅସ୍ଥିବିସର୍ଜନ ପାଇଁ ଯେଉଁମାନେ ପ୍ରୟାଗ ନ ଯାଇ ପାରନ୍ତି ସେମାନେ ବୈତରଣୀରେ ଅସ୍ଥି ବିସର୍ଜନ କରାଇଥାନ୍ତି । ଏଣୁ ଏଠାରେ ଅସ୍ଥିବିସର୍ଜନ ପ୍ରୟାଗସହ ତୁଲ୍ୟ ବୋଲି ମାନ୍ୟତା ରହିଛି ।

ସ୍ନାନଯୋଗ :-

ବୈତରଣୀରେ ପଡୁଥିବା ଏ ସ୍ନାନ ଯୋଗକୁ ତିନି ଭାଗରେ ବିଭକ୍ତ କରା ଯାଇଛି । ତାହା ବାରୁଣୀ, ମହାବାରୁଣୀ ଓ ଅତି ମହା ବାରୁଣୀ । ଶତଭିଷା ନକ୍ଷତ୍ର ଯୁକ୍ତ ତିଥିକୁ ବାରୁଣୀ ବା ଯୋଗ ବାରୁଣୀ କୁହାଯାଏ । ମହାବାରୁଣୀ ସବୁ ବର୍ଷ ପଡ଼େ ନାହିଁ । ଯେଉଁବର୍ଷ ଶତଭିଷା ନକ୍ଷତ୍ରଯୁକ୍ତ ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ଶନିବାର ପଡ଼େ ତାହା ହୋଇଥାଏ ମହାବାରୁଣୀ । ଦୁର୍ଲଭ ଏ ସ୍ନାନ ଯୋଗ ବହୁବର୍ଷ ବ୍ୟବଧାନରେ ପଡ଼ିଥାଏ । ଚୈତ୍ରଶୁକ୍ଳ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ର ଯୁକ୍ତ ହୋଇ ଶନିବାର ଦିନ ଯଦି ଶୁଭଯୋଗ ଓ ଅମୃତଯୋଗ ଯୁକ୍ତ ହୁଏ, ତେବେ ତାହାକୁ ଅତି ମହାବାରୁଣୀ ଯୋଗ କୁହା ଯାଏ।

ବୈତରଣୀରେ ବାରୁଣୀ ସ୍ନାନ ହେଉଥିବା ଦଶାଶ୍ୱ ମେଧ ଘାଟ ନିକଟରେ ରହିଛି ଜଗନ୍ନାଥ ମନ୍ଦିର, ସପ୍ତ ମାତୃକା ମନ୍ଦିର, ଲକ୍ଷ୍ମୀ ମନ୍ଦିର, ମୁକ୍ତେଶ୍ୱର ଶିବମନ୍ଦିର,ସିଦ୍ଧିଗଣେଶ, ଶ୍ରୀବିଗ୍ରହ ଓ ନବଗ୍ରହ ମନ୍ଦିର ସହ ଅନେକ ତୀର୍ଥସ୍ଥଳୀ । ବୈତରଣୀରେ ବୁଡ଼ପକାଇ ଓ ପିଣ୍ଡଦାନ ପରେ ଶ୍ରଦ୍ଧାଳୁମାନେ ଏ ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରିଥାନ୍ତି ।

ପୌରାଣିକ କିମ୍ବଦନ୍ତୀ :-

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ବେଦପତି ବ୍ରହ୍ମା ଓ ଭଗବାନ ନୃସିଂହଙ୍କ ମଧ୍ୟରେ ଏକଦା ନିଜ ବଡ଼ପଣକୁ ନେଇ କଳହର ସୂତ୍ର ପାତ ହେଲା । ଏହି କଳହର ବିଚାର ପାଇଁ ଉଭୟ ଶଙ୍କରଙ୍କୁ ମଧ୍ୟସ୍ଥି କଲେ। ବିଚାରରେ ଶିବ ଗୋଟିଏ ସର୍ତ୍ତ ରଖିଲେ, 'ମୋର ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ ଯିଏ ଯାଇ ଆଗ ଫେରି ଆସି ପାରିବ ତାକୁ ହିଁ ମୁଁ ସବୁଠାରୁ ବଡ଼ ବୋଲି ମାନିବି । ପ୍ରଭୁ ନୃସିଂହ ଶିବଙ୍କ ମସ୍ତକ ପର୍ଯ୍ୟନ୍ତ ନ ଯାଇ ଅଧାରୁ ଫେରି ଆସିଲେ । ଆସି ଶିବଙ୍କୁ କହିଲେ,ହେ ଦେବ ଦେବ ମହାଦେବ !! ଆପଣଙ୍କ ପାଦରୁ ମସ୍ତକ ପର୍ଯ୍ୟନ୍ତ ଯିବାକୁ କେହି ବି ସମର୍ଥ ନୁହଁନ୍ତି, ଆପଣ ଅସୀମ । ବ୍ରହ୍ମା ନୃସିଂହ ଯାଇ ଥିବା ବାଟ ଠାରୁ କିଛି ବାଟ ଆଗକୁ ଯାଇ ବାଟରେ କେତକୀ ଫୁଲକୁ ଭେଟିଲେ। ଶିବଙ୍କ ମସ୍ତକପର୍ଯ୍ୟନ୍ତ ଯାଇଥିଲେ ବୋଲି ସେ କେତକୀ ଫୁଲକୁ ମିଛ ସାକ୍ଷ ଦେବା ପାଇଁ ଅନୁରୋଧ କରି ଫେରି ଆସିଲେ। ସେ ଆସି ଶିବଙ୍କୁ କହିଲେ ହେ ଦେବେଶ ! ଆପଣଙ୍କ ମସ୍ତକ ପର୍ଯ୍ୟନ୍ତ ମୁଁ ଯାଇ ଥିଲି ଓ ଆପଣଙ୍କ ମସ୍ତକରୁ କେତକୀ ପୁଷ୍ପ ଖସି ପଡୁଥିବାର ଦେଖିଛି । ଏହା ଆପଣ କେତକୀ ଫୁଲକୁ ପଚାରି ପାରନ୍ତି । ପୂର୍ବ ଯୋଜନାନୁଯାୟୀ ବ୍ରହ୍ମା, ଶିବଙ୍କ ପର୍ଯ୍ୟନ୍ତ ଆସିଛନ୍ତି ବୋଲି କେତକୀ ମହାଦେବଙ୍କୁ କହିଲା । ଶିବ କିନ୍ତୁ ଏହା ମିଛ ବୋଲି ଜାଣି ପାରିଲେ। ସେ ବ୍ରହ୍ମାଙ୍କୁ ମିଥ୍ୟାବାଦୀ ବୋଲି କହିଲେ। କ୍ରୋଧରେ ସେ ବ୍ରହ୍ମାଙ୍କୁ ଅପୂଜା ରହିବେ ବୋଲି ଅଭିଶାପ ଦେଲେ । କେତକୀ ଫୁଲକୁ ଅଭିଶାପ ଦେଲେ ତୁ କେବେ ମୋ ପୂଜାରେ ଲାଗି ପାରିବୁ ନାହିଁ । ବ୍ୟଥିତ ହୋଇ କେତକୀ ଶିବଙ୍କୁ ଅନୁରୋଧ କଲା, ହେ ପ୍ରଭୁ ! ମୋତେ ଆପଣଙ୍କ ସେବାରୁ ବଞ୍ଚିତ କରନ୍ତୁ ନାହିଁ। ଶଙ୍କର କେତକୀ ଫୁଲକୁ କହିଲେ ଏ ଅଭିଶାପ ନିଷ୍ଫଳ ଯିବ ନାହିଁ କିନ୍ତୁ ତୋର ପ୍ରାର୍ଥନା ଅନୁଯାୟୀ ସ୍ୱୀକାର କରୁଛି, ଶିବରାତ୍ରି ଗୋଟିଏ ଦିନରେ ତୁ ମୋ' ଶିର ମଣ୍ଡନ କରିବୁ। ସେଥି ପାଇଁ ଶିବରାତ୍ରିରେ ଶିବଙ୍କ ପୂଜା ପାଇଁ କେତକୀ ଫୁଲର ବହୁ ଚାହିଦା ରହିଥାଏ ।

ଏଣେ ଅଭିଶାପରୁ ମୁକ୍ତି ପାଇବା ନିମନ୍ତେ ବ୍ରହ୍ମା ଶିବଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବାରୁ ଶିବ ତାଙ୍କୁ କହିଲେ ପବିତ୍ର ବୈତରଣୀ ନଦୀ କୂଳରେ ଗୋଟିଏ ଯଜ୍ଞ କରି ଯଜ୍ଞପୁରୁଷ ଶ୍ରୀବିଷ୍ଣୁଙ୍କୁ ସନ୍ତୁଷ୍ଟ କରିପାରିଲେ ତୁମେ ଏ ଅଭିଶାପରୁ ମୁକ୍ତିପାଇବ । ବ୍ରହ୍ମା,ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ପୁଣ୍ୟତୋୟା ବୈତରଣୀଙ୍କୁ ଏହି କ୍ଷେତ୍ରରେ ପ୍ରବାହିତ ହେବାପାଇଁ ଅନୁରୋଧ କଲେ। ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟା ବୈତରଣୀ ସ୍ୱର୍ଗରୁ ଗୋନାସିକା ପର୍ବତରେ ଧରା ଅବତରଣ କରି ବ୍ରହ୍ମାଙ୍କ ପଛେ ପଛେ କୁଳୁକୁଳୁ ନାଦ କରି ଚାଲିଲେ। କିଛି ବାଟ ଗଲା ପରେ ବ୍ରହ୍ମାଙ୍କୁ କୁଳୁ କୁଳୁ ଶବ୍ଦ ନ ଶୁଭିବାରୁ ସେ ପଛକୁଫେରି ଦେଖିଲେ ବୈତରଣୀ କୁଆଡ଼େ ଅଦୃଶ୍ୟ ହୋଇ ଯାଇଛନ୍ତି । ବ୍ରହ୍ମା ତାଙ୍କୁ ପୁନର୍ବାର ପ୍ରକଟ ହେବା ପାଇଁ ଧ୍ୟାନରେ ବସି ଶୂନ୍ୟ ବାଣୀ ଶୁଣିବାକୁ ପାଇଲେ,ନିବିଡ଼ ଅରଣ୍ୟ ଭିତରେ ମା' ବୈତରଣୀ ଜଣେ ରମଣୀଙ୍କ ନଗ୍ନରୂପ ଦର୍ଶନରେ ଭୟାତୁର ହୋଇ ଆତ୍ମ ଗୋପନ କରିଛନ୍ତି । ଯଦି ପ୍ରତି କୋଣରେ ଗୋଟିଏ କରି ଶିବ ଲିଙ୍ଗ ସ୍ଥାପନ କରାଯାଏ ତେବେ ଶିବ ଦର୍ଶନକରି ସେ ଭୟମୁକ୍ତ ହୋଇ ଯଜ୍ଞ ସ୍ଥାନକୁ ଯାଇ ପାରିବେ। ତେଣୁ ବ୍ରହ୍ମା ଗୋନାସିକା ପର୍ବତର ଏକ କ୍ରୋଶ ଦୂରରେ ସର୍ବ ପ୍ରଥମ ଶିବଲିଙ୍ଗ ସ୍ଥାପନ କଲେ ବ୍ରହ୍ମେଶ୍ୱର। ତା' ପରେ ପ୍ରତିକୋଣରେ କୁଶଳେଶ୍ୱର, ଅମ୍ବକେଶ୍ୱର, ଗତେଶ୍ୱର, ଲିଙ୍ଗେଶ୍ୱର, ଭୂତେଶ୍ୱର, ବିଲେଶ୍ୱର, ହନ୍ତେଶ୍ୱର ପ୍ରଭୃତି । ସବୁ ଶିବଲିଙ୍ଗ ସ୍ଥାପିତ ହେବା ପରେ ମାଆ ବୈତରଣୀ ପୁନଃ ପ୍ରବାହିତ ହୋଇ ବିରଜା କ୍ଷେତ୍ରକୁ ଆସିଲେ । ଏସବୁ ଲିଙ୍ଗମାନଙ୍କ ମଧ୍ୟରେ ଶେଷଲିଙ୍ଗ ହେଉଛନ୍ତି ସିଦ୍ଧେଶ୍ୱର। ଏହି ଠାରୁ ବ୍ରହ୍ମା, ବୈତରଣୀଙ୍କୁ ଉତ୍ତର ବାହୀନୀ କରି ଦେଇ ଥିବାରୁ ସେଠାରୁ ଆଉ ଶିବଲିଙ୍ଗ ଦେଖିବା ପାଇଁ ମିଳେନାହିଁ । ବୈତରଣୀ ପ୍ରବାହିତ ହେବାରୁ ବ୍ରହ୍ମା ଦଶାଶ୍ୱମେଧଘାଟ ଠାରେ ଯଜ୍ଞ ସମାପ୍ତ କରି ଶାପମୁକ୍ତ ହୋଇଥିଲେ ।

ଏହିଯଜ୍ଞରେ ସନ୍ତୁଷ୍ଟହୋଇ ଭଗବାନ ବିଷ୍ଣୁ ବରାହ ରୂପରେ ଆବିର୍ଭୁତ ହୋଇଥିଲେ। କ୍ଷେତ୍ରେଶ୍ୱରୀ ମା' ବିରଜା ମଧ୍ୟ ଏହି ବ୍ରହ୍ମଯଜ୍ଞ ସମ୍ଭୁତା। ଅଧୁନା ଯାଜପୁରରେ ବିରାଜମାନ କରୁଛନ୍ତି ବରାହନାଥ ଓ ମାଆ ବିରଜା। ଏଣୁ ଏ ବିରଜା ବା ବୈତରଣୀ ତୀର୍ଥ ଅତ୍ୟନ୍ତ ପବିତ୍ର ।

ଦଶମ ଶତାବ୍ଦୀ, ଯଯାତିକେଶରୀ ମଗଧ ରାଜ୍ୟରୁ କିଶୋରାବସ୍ଥାରେ ବିତାଡିତ ହୋଇ ଯାଜପୁରରେ ଆସି ପହଞ୍ଚିଥିଲେ । ବିରଜା ଦେବୀଙ୍କ ପ୍ରସାଦରୁ କାଳକ୍ରମେ ସେ ନିଜର ରାଜବଂଶ ସ୍ଥାପନ କଲେ ତତ୍କାଳୀନ ଉତ୍କଳ ରାଜଧାନୀ ଯାଜପୁର ଠାରେ। ମା'ବିରଜାଙ୍କ ବାହନ ପଶୁରାଜସିଂହ ବା କେଶରୀ ଅନୁସାରେ ସେ ନିଜର ରାଜବଂଶକୁ ନାମିତ କରି ଥିଲେ କେଶରୀବଂଶ ବୋଲି । ଶ୍ରୀ ଯଜ୍ଞବରାହଙ୍କ ନିକଟ ବୈତରଣୀ ଘାଟଠାରେ ଯଯାତି କେଶରୀ ଦଶଟି ଅଶ୍ୱମେଧ ଯଜ୍ଞ କରାଇଥିଲେ। ଏହି ଯଜ୍ଞ ନିମନ୍ତେ ଯଯାତି କାନ୍ୟକୁବ୍ଜରୁ ଦଶହଜାର ବ୍ରାହ୍ମଣ ଅଣାଇଥିଲେ ଏବଂ ଉତ୍କଳରେ ସେମାନଙ୍କୁ ବାସ ଓ ଜମି ଦେଇ ବିଭିନ୍ନ ଶାସନ ମାନ ବସାଇ ଥିଲେ। ଦଶଟି ଅଶ୍ୱମେଧ ଯଜ୍ଞ ହୋଇ ଥିବା ହେତୁ ଏହା ଦଶାଶ୍ୱମେଧ ଘାଟ ନାମରେ ପରିଚିତ । ଏହି ମହା ଯଜ୍ଞ ହୋଇଥିବାରୁ ଏହି ସ୍ଥାନ ପ୍ରଥମେ ଜାଗପୁର, ଯଜ୍ଞପୁର, ଯାଜନଗ୍ର ଆଦି ନାମରେ ନାମିତ ହୋଇ ଥିଲା ଯାହା ପରବର୍ତ୍ତୀ କାଳରେ ଯାଜପୁର ନାମ ହୋଇଛି। ଯଯାତିକେଶରୀ ବିରଜାଙ୍କ କୃପାଲାଭ କରି କେଶରୀ ବଂଶ ଏବଂ ଯାଜପୁରରେ ତାଙ୍କର ରାଜୁତି ସ୍ଥାପନା କରିଥିବା ଗାଥାକୁ ବର୍ଣ୍ଣନା କରି ଯଯାତିକେଶରୀ କାବ୍ୟରେ କବିବର ରାଧାନାଥ ରାୟ ଲେଖିଛନ୍ତି :

ଅଖିଳ ଉତ୍କଳେ ସ୍ଥାପିବ ଯଯାତି
କୀର୍ତ୍ତିରାଜି ଅନଶ୍ୱର ।
ନଦୀ ତୀରେ ମୋର ଅଧିଷ୍ଠାନ ବନେ
ରଚିବ ଦିବ୍ୟ ନଗର ।।
ହେବ ଏ ଅବନୀ ଯଯାତିର ଯଶ
ବୀଜର ପ୍ରରୋହ ସ୍ଥଳୀ ।
ଯୁଗେ ଯୁଗେ ଏହି ଯଯାତିର ଯଶ
ଗାଇବେ ହର୍ଷେ ଉତ୍କଳୀ ।।

ବିଶ୍ୱାସ ରହିଛି, ବିରଜା କ୍ଷେତ୍ରରେ ବାରୁଣୀ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡ ଦାନ କଲେ ପିତୃପୁରୁଷ ମୋକ୍ଷଲାଭ କରିବା ସହ ମନୁଷ୍ୟ ଅଶେଷ କଳୁଷ ତଥା ପାତକରୁ ମୁକ୍ତିଲାଭ କରିଥାଏ କାରଣ ଏହା ଦେବଯଜ୍ଞ ଭୂମି । ଦେବ ଯଜ୍ଞ ଭୂମି ବିରଜା ତୀର୍ଥ ଯାଜପୁରକୁ ଲକ୍ଷ୍ୟ କରି କବିବର ରାଧାନାଥ ପୁଣି ଯଯାତି କେଶରୀ କାବ୍ୟରେ କହିଛନ୍ତି :

ଦେବ ଯଜ୍ଞ ଭୂମି ସ୍ରୋତ ଯାର
ସପ୍ତ ମାତୃକା ମାଜଣା ପୂତ ।
ସିକତିଳ ବକ୍ଷେ ଶ୍ରୀ ବରାହ ରୂପୀ
ବସନ୍ତି ଯାର ଅଚ୍ୟୁତ ।।
ଜୟ ମାଆ ବିରଜା, ଜୟ ଭଗବାନ ଯଜ୍ଞ ବରାହ,
ଜୟ ପୁଣ୍ୟ ତୀର୍ଥ ବୈତରଣୀ !!!
ନମସ୍ତେ ଶ୍ରୀ ବରାହ ଦେବ
ନମସ୍ତେ ବିରଜା ଚଣ୍ଡୀ।
ତୋ ତୀର୍ଥେ ସ୍ନାହାନେ ନର
ଅଶେଷ ପାତକ ଖଣ୍ଡି ।।

ଅର୍ଜୁନୀ
ଅର୍ଜୁନୀ ଚରଣ ବେହେରା
ମୋ - ୭୬୯୩୦୯୧୯୭୧

# କାମୁଡ଼ାଠାରୁ ଘୋଷଡ଼ା ବାଧୁଛି

ପ୍ରାୟ ତିନି ସପ୍ତାହ ହେଲା ଯୁଦ୍ଧ ଚାଲିଛି । ଆମେରିକା ଓ ଇସ୍ରାଏଲ ସେମାନଙ୍କର ସମସ୍ତ କଳ, ବଳ କୌଶଳ ଖଟାଇ ଇରାନକୁ ଧ୍ୱଂସ କରିଚାଲିଛନ୍ତି । ସେମାନଙ୍କର ପାଲଟା ଜବାବ ଦେଉଛି ଇରାନ । ପ୍ରଥମେ ଚାରିଦିନ ଭିତରେ ଇରାନକୁ ପରାସ୍ତ କରି ନିଜର ବିଜୟ ବାନା ଉଡାଇବାକୁ ଘୋଷଣା କରିଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଏବେ ନିଜେ ଯୁଦ୍ଧ ଶେଷ ସମୟକୁ ନେଇ ସନ୍ଦେହରେ। ଇରାନର ଶତ୍ରୁ ମୁକାବିଲା କରିବାର ସାମର୍ଥ୍ୟ ତାଙ୍କ ଆକଳନ ବାହାରେ ବୋଲି ଏବେ ସେ ହୃଦୟଙ୍ଗମ କରୁଛନ୍ତି। ହେଲେ ଏକଥା ସେ କହିବେ କାହାକୁ । ବିଶ୍ୱର ଏକନମ୍ବର ଶକ୍ତି ଭାବରେ ଆମେରିକା ଯେଉଁଭଳି ମୁହଁ ଫୁଟାଣି ଦେଖାଇ ଆସିଛି, ତାହା ଏବେ ବି ଜାରି ରହିଛି । ତେଣିକି କୋଟି କୋଟି ଡଲାର କ୍ଷତି ଏବଂ ନିଜ ସୈନ୍ୟଙ୍କ ଜୀବନ ଗଲେ ବି ତାହା ଆଉ ପଛକୁ ଫେରିପାରୁ ନାହିଁ। ସବୁଠାରୁ ବଡ କଥା ହେଉଛି, ଇରାନ ନିଜର ବଡ ଅସ୍ତ୍ର ଭାବରେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି । ଏହା ଉପସାଗରୀୟ ଅଞ୍ଚଳରେ ଇରାନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରଣକୌଶଳାତ୍ମକ ସାମୁଦ୍ରିକ ପଥ ଭାବରେ ବିବେଚିତ ହେଉଛି । କାରଣ ଏହି ବାଟ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ପେଟ୍ରୋଲିୟମ ଇନ୍ଧନ ଜାହାଜରେ ଭର୍ତ୍ତିହୋଇ ବିଭିନ୍ନ ରାଷ୍ଟ୍ର ଅଭିମୁଖେ ଯାତ୍ରା କରିଥାଏ । ଭାରତ ମଧ୍ୟ ଏହି ବାଟଦେଇ ନିଜର ପେଟ୍ରୋଲିୟମ ଇନ୍ଧନ ଆମଦାନୀ କରୁଛି । ଚୀନର ୯୦ ପ୍ରତିଶତ ଇନ୍ଧନ ହର୍ମୁଜ ପ୍ରଣାଳୀ ଦେଇ ଆମଦାନୀ କରାଯାଇଥାଏ । ଯୁଦ୍ଧ ଆରମ୍ଭ ହେବାପରେ ହର୍ମୁଜ ଦେଇ ଯାଉଥିବା ଶତ୍ରୁପକ୍ଷ ଜାହାଜ ଉପରେ ଇରାନ ଆକ୍ରମଣ କରି ସେମାନଙ୍କ ଉପରେ ଚାପ ପକାଇବାର ପ୍ରଚେଷ୍ଟା ଜାରି ରଖିଛି। ଏହାଦ୍ୱାରା ବିଭିନ୍ନ ତୈଳ ଆମଦାନୀକାରୀ ରାଷ୍ଟ୍ରର ପାଖାପାଖି ଏକ ହଜାର ତୈଳବାହୀ



ନିହାର ପଟ୍ଟନାୟକ

ଜାହାଜ ହର୍ମୁଜ ପ୍ରଣାଳୀ ବାହାରେ ଅଟକି ରହିଛି। ଇରାନର ସର୍ବୋଚ୍ଚ ନେତା ମୁଜତାବା ଖାମେନଇ ସ୍ପଷ୍ଟ କରି ଦେଇଛନ୍ତି ଯେ, ସେମାନେ କେବଳ ସେମାନଙ୍କର ଶତ୍ରୁ ଆମେରିକା ଓ ଇସ୍ରାଏଲ ଜାହାଜକୁ ସେହି ସାମୁଦ୍ରିକ ପଥ ଦେଇ ଯାତାୟତକୁ ସୁଯୋଗ ଦେବେନାହିଁ । ଅନ୍ୟ ରାଷ୍ଟ୍ରଗୁଡିକର ତୈଳବାହୀ ଜାହାଜ ଚଳାଚଳରେ କୌଣସି ପ୍ରତିବନ୍ଧକ ନାହିଁ। ତେବେ ଉକ୍ତ ଅଞ୍ଚଳରେ ଯୁଦ୍ଧ ଯେଭଳି ବ୍ୟାପକ ରୂପ ଧାରଣ କରିଛି ଏବଂ ଉଭୟ ପକ୍ଷରୁ କ୍ଷେପଣାସ୍ତ୍ର, ଡ୍ରୋନ ଆକ୍ରମଣ ଚାଲିଛି; ସେଥିରେ କୌଣସି ରାଷ୍ଟ୍ର ସାହସ କରି ସେମାନଙ୍କ ଜାହାଜ ହର୍ମୁଜ ଦେଇ ଚଳାଚଳ କରିପାରୁନାହାନ୍ତି । ଇରାନ ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରପ୍ତାନିକାରୀ ରାଷ୍ଟ୍ର ହୋଇଥିବା ବେଳେ ଯୁଦ୍ଧ ଆରମ୍ଭ ହେବା ପରେ ଚୀନ, ଜାପାନ, ଭାରତ, ୟୁରୋପୀୟ ରାଷ୍ଟ୍ରସମୂହ ଆଦି ପ୍ରମୁଖ ତୈଳ ଆମଦାନୀକାରୀ ରାଷ୍ଟ୍ରଗୁଡିକରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି, ପିଏନ୍‌ଜି ଆଦିର ସଙ୍କଟ ଦେଖାଦେଇଛି । ଭାରତର ଗ୍ରାମାଞ୍ଚଳ ଠାରୁ ନେଇ ବିଭିନ୍ନ ସହରରେ ଗ୍ୟାସଗୋଦାମଗୁଡିକ ସମ୍ମୁଖରେ ସିଲିଣ୍ଡର ଧରି ଜନସାଧାରଣଙ୍କର ଲମ୍ବାଧାଡି ଦେଖିବାକୁ ମିଳୁଛି । ଏପରିକି ଭିଡରେ ଛିଡାହୋଇ ଜଣେ ବୟସ୍କ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ଘଟିଛି ମଧ୍ୟ । ଭାରତରେ ଗଚ୍ଛିତ ତୈଳ ଓ ଭଣ୍ଡାର ହ୍ରାସ ପାଉଥିବା ବେଳେ ଏହାକୁ ନେଇ ଜନଅସନ୍ତୋଷ ଓ ରାଜନୀତି ମଧ୍ୟ ଦିନକୁ ଦିନ ବ୍ୟାପକ ରୂପ ନେଉଛି । ସଂସଦରେ ଓ ସଂସଦ ବାହାରେ ଏହାକୁ ନେଇ ହୋ ହାଲ୍ଲା, ଆନ୍ଦୋଳନ କରାଯାଉଛି । କିନ୍ତୁ ଦେଶର ସରକାର ନୀରବ । କେବଳ ଆଶ୍ୱାସନା ଦେଉଛନ୍ତି- ଖାଉଟିମାନେ ଆତଙ୍କିତ ହୁଅନ୍ତୁ ନାହିଁ । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧ ହଟାଇବାକୁ ବିଶ୍ୱର ସମସ୍ତ ରାଷ୍ଟ୍ରଗୁଡିକୁ ଆହ୍ୱାନ ଦେଇଥିବା ବେଳେ ତାଙ୍କର ମିତ୍ର ନାଟୋ ରାଷ୍ଟ୍ରଗୁଡିକ ମଧ୍ୟ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି । ଶେଷରେ ଡୋନାଲଡ ଟ୍ରମ୍ପ ନିଜର ଶତ୍ରୁ ରାଷ୍ଟ୍ର ଚୀନକୁ ଏଥିପାଇଁ ଅନୁରୋଧ କରିଥିବାବେଳେ ଚୀନ ସରକାର ମଧ୍ୟ ଏଭଳି ପରିସ୍ଥିତିରେ ନିଜର ଯୁଦ୍ଧ ଜାହାଜ ସେଠାକୁ ନପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ବାଉଳା ହେଉଛନ୍ତି ଟ୍ରମ୍ପ । ଭୋକ ବିକଳରେ ଟାଟିଆ କାମୁଡିବା ଭଳି ଏହିସବୁ ରାଷ୍ଟ୍ରକୁ ଦେଖିନେବାର ଧମକ ଦେବାକୁ ମଧ୍ୟ ସେ ପଛାଇ ନାହାନ୍ତି । ହେଲେ ତାଙ୍କ କଥା କେହି ଶୁଣୁନାହାନ୍ତି । ଭାରତ ନିଜର ଶାନ୍ତିପୂର୍ଣ୍ଣ ସମାଧାନ ନୀତିକୁ ବଜାୟ ରଖିଥିବାବେଳେ ହର୍ମୁଜ ଦେଇ ଦୁଇ ଭାରତୀୟ ଗ୍ୟାସ୍ ବୋଝେଇ ଜାହାଜ ନନ୍ଦାଦେବୀ ଓ ସିୱାଲିକ ଭାରତୀୟ ଉପକୂଳରେ ପହଞ୍ଚି ସାରିଛି। ଏଥିସହିତ ଏକ ଅଶୋଧିତ ଇନ୍ଧନ ବୋଝେଇ ଜାହାଜ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି । କିନ୍ତୁ ଏହାଦ୍ୱାରା ଭାରତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ସମସ୍ୟାର ସମାଧାନ ହୋଇପାରିବ ତ ? ଯେତିକି ଗ୍ୟାସ୍ ଆମଦାନୀ କରାଯାଇଛି ତାହା ଗୋଟିଏ ଦିନ ଓ କେଇ ଘଣ୍ଟା ବ୍ୟବହାର ପାଇଁ ପର୍ଯ୍ୟାପ୍ତ ହେବ । ସେହିଭଳି ଗୋଟିଏ ଜାହାଜରେ ଆସିଥିବା ଅଶୋଧିତ ତୈଳ ବିଶୋଧନ ପରେ ଯେତିକି ପେଟ୍ରୋଲ ଓ ଡିଜେଲ ପ୍ରସ୍ତୁତ ହେବ, ତାହା ଗୋଟିଏ ଦିନର ଆବଶ୍ୟକତା ମଧ୍ୟ ପୂରଣ କରିପାରିବ ନାହିଁ । ତେଣୁ ସରକାରଙ୍କ ପକ୍ଷରୁ ଏହି ତିନି ଜାହାଜ ଆସିବା ନେଇ ଯେଉଁଭଳି ବ୍ୟାପକ ପ୍ରଚାର, ପ୍ରସାରା କରାଯାଇ ଦେଶବାସୀଙ୍କୁ ଆଶ୍ୱସ୍ତ କରାଯିବାର ପ୍ରଚେଷ୍ଟା କରାଯାଉଛି; ତାହା ଭୂଆଁ ବୁଲାଇବା ଭଳି ହୋଇଛି । ଭାରତୀୟ ରୋଷେଇ ଘରେ ଗ୍ୟାସ୍‌ର ପ୍ରଭାବ ଦେଖିବାକୁ ମିଳିଲାଣି । ଅନେକ ସ୍ଥାନରେ ରେଷ୍ଟୁରାଣ୍ଟଗୁଡିକରେ ପରଷା ଯାଉଥିବା ଖାଦ୍ୟର ମେନୁ ହ୍ରାସ କରାଯାଇଥିବାବେଳେ ଆଉ କିଛି ସ୍ଥାନରେ ଗ୍ୟାସ୍ ବଦଳରେ କାଠକୁ ଜାଳେଣି ଭାବରେ ବ୍ୟବହାର କରାଯାଉଛି । ସହର ଠୁ ନେଇ ଗ୍ରାମାଞ୍ଚଳରେ ଜନସାଧାରଣ ଗ୍ୟାସ୍ ଅଭାବରୁ ପୁରାତନ କାଠ, ଗୋବର ଘଷି ଭଳି ଜାଳେଣି ବ୍ୟବସ୍ଥାକୁ ଆପଣେଇଥିବା ଚିତ୍ର ଗଣମାଧ୍ୟମ ଗୁଡିକରୁ ଦେଖିବାକୁ ମିଳୁଛି । ବଡ କଥା ହେଉଛି, ଦେଶର ସରକାର ଜନସାଧାରଣଙ୍କୁ ବାସ୍ତବ ପରିସ୍ଥିତି ସମ୍ପର୍କରେ ଅବଗତ କରାଇ ସେମାନଙ୍କୁ ବିକଳ୍ପ ପନ୍ଥା ଆପଣେଇବା ଏବଂ ପରିସ୍ଥିତିର ସମ୍ମିଳିତ କରିବା ନିମନ୍ତେ ନିବେଦନ କରିବାକୁ ଆଗଭର ହେଉନାହାନ୍ତି । ଟ୍ରମ୍ପଙ୍କ ଠାରୁ ନେଇ ସମସ୍ତେ ନିଜ ନିଜ 'ଇଗୋ' ଏବଂ ଜିଦ୍‌ରେ ଅଟଳ । ଯେଉଁଥିପାଇଁ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଯୁଦ୍ଧ ଯେତେ ଅଧିକ ଦିନ ଚାଲିବ, ବିଶ୍ୱରେ ତୈଳ ଓ ଗ୍ୟାସ୍ ସଙ୍କଟ ସେତିକି ଅଧିକ ଘନୀଭୂତ ହେବ ଏଥିରେ ସନ୍ଦେହ ନାହିଁ । ଟ୍ରମ୍ପ ନିଜର ଜିଦ୍‌ଖୋର ଭାବକୁ ନେଇ ଯୁଦ୍ଧ ଜାରି ରଖିଥିବାବେଳେ ଇରାନ ଓ ଉପସାଗରୀୟ ରାଷ୍ଟ୍ରଗୁଡିକ ଏହାର କୁପରିଣତି ଭୋଗୁଛନ୍ତି । ଅନ୍ୟପକ୍ଷରେ ଭାରତ ଭଳି ରାଷ୍ଟ୍ରଗୁଡିକ ଏହାଦ୍ୱାରା ଗୁରୁତର ପ୍ରଭାବିତ ହେଉଛନ୍ତି । ଭାରତରେ ଇନ୍ଧନ ସଙ୍କଟ ସହିତ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ତାହାର ପ୍ରଭାବ ଦେଖିବାକୁ ମିଳୁଛି । ଖାଇବା ତେଲ, ଡାଲି ଦର ଇତିମଧ୍ୟରେ ବଢିସାରିଛି। ଗ୍ୟାସ୍ ସିଲିଣ୍ଡର କଳାବଜାରରେ ବିକ୍ରି ହେଉଛି । ସାଧାରଣ ଖାଉଟି ଏହାର ପ୍ରଭାବ ଭୋଗୁଛନ୍ତି । କହିବାକୁ ଗଲେ ସାଧାରଣ ଲୋକଙ୍କ ପାଇଁ ବାଘ କାମୁଡା ଠାରୁ ଘୋଷଡା ବାଧୁଛି ।

### ମହାଯୁଦ୍ଧର ପ୍ରଭାବ



ବରିଷ୍ଠ ସାମ୍ବାଦିକ
କଟକ

# ଦୁର୍ନୀତିର ପୀଠସ୍ଥଳ ପାରଳାଖେମୁଣ୍ଡି ନଗର ନିଗମ



ଗଜପତି, ୨୧/୦୩ (ସୁନୀଲ କୁମାର ପଟ୍ଟନାୟକ) : ଗଜପତି ଏକ ଆଦିବାସୀ ଅଧ୍ୟୁଷିତ ପଛୁଆ ବର୍ଗର ଜିଲ୍ଲା ଯାହାକି ଅବିଭକ୍ତ ଗଞ୍ଜାମ ଜିଲ୍ଲାରୁ ଅକ୍ଟୋବର ମାସ ୧୯୯୨ମସିହାରେ ଗଜପତି ମହାରାଜାଙ୍କ ନାମାନୁସାରେ ଗଜପତି ଜିଲ୍ଲାର ମାନ୍ୟତା ପାଇଛି। ଏହି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହର ଓଡ଼ିଶାର ତିରିଶ ଗୋଟି ଜିଲ୍ଲା ଭିତରୁ ତୃତୀୟ ସ୍ଥାନ ଜନସଂଖ୍ୟା ବିଶିଷ୍ଟ ଜିଲ୍ଲା । ପାରଳାଖେମୁଣ୍ଡି ସଦର ମହକୁମାରେ ୧୮୮୫ ମସିହାରେ ମୁନିସିପାଲିଟି ସ୍ଥାପିତ ହୋଇଥିଲା ଯାହାକି ଓଡ଼ିଶାରେ ସବୁଠାରୁ ପୁରୁଣା ମୁନିସିପାଲିଟି କହିଲେ କିଛି ଅସୁବିଧା ହେବ ନାହିଁ। ଆଜି ଦେଖିବାକୁ ଗଲେ କୌଣସି ଡେଭଲପର ଆକାର ନାହିଁ। ସମୟ କ୍ରମେ ଯେଉଁମାନେ ଶାସନ ଗାଦିକୁ ଆସିଛନ୍ତି ଖାଲି ଶିକାର ପରେ ଶିକାର କରି ଚାଲିଛନ୍ତି। ଜନସଂଖ୍ୟାର ସମାଗମ ଯାନବାହାନର ଦ୍ରୁତ ଅଗ୍ର ଗତିରେ ପାରଳାଖେମୁଣ୍ଡି ମୁନିସିପାଲିଟି ଆଜି ଶ୍ୱାସରୁଦ୍ଧ। ଜିଲ୍ଲା ପ୍ରଶାସନ ଆଜି ନୀରବଦ୍ରଷ୍ଟା ପାଲଟିଛି। ଜିଲ୍ଲା ପ୍ରଶାସନଙ୍କ ଜାଣତରେ ପାରଳାଖେମୁଣ୍ଡି ସହରର ଉନ୍ନତି ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଖାଲି ଚୂନ ମାରି କୋଟି କୋଟି ଟଙ୍କା ଆତ୍ମସାତ କରିବାରେ ଲାଗିଛନ୍ତି । ବିଗତ ଦୀର୍ଘ ଦିନରୁ ମୁନିସିପାଲିଟିର ଜନଗହଳିକୁ ହଟାଇବା ପାଇଁ ମୁନିସିପାଲିଟିର ହାଟପଦା ଷ୍ଟେସନ ରୋଡ ଛକ ଠାରେ କୋଟି କୋଟି ଟଙ୍କା ବ୍ୟୟରେ ଡେଲି ମାର୍କେଟ କଂପ୍ଲେକ୍ସ ସ୍ଥାପନ କରିବା ପାଇଁ ସ୍ଥାନ ଚିହ୍ନଟ କରି ଅନେକ ଗୁଡିଏ ଦୋକାନ ଗୃହ ନିର୍ମାଣ କରି ଛାଡିଦେଇଛନ୍ତି । ଏହି ଦୋକାନ ଘର ଗୁଡିକ ବହୁତ ଦିନ ପଡି ରହିବା ଫଳରେ ତାହାର ରକ୍ଷଣା ବେକ୍ଷଣ ଅଭାବରୁ ତାହା ଆଜି ପୁନର୍ବାର ମରାମତି ଅପେକ୍ଷାରେ। ଏହି ଜାଗା ଜନସାଧାରଣଙ୍କ ଝାଡା ପଡିଆ ପାଲଟିଛି । ମଦୁଆ ଆଉ ଅସାମାଜିକ ଲୋକମାନଙ୍କ କବଜାରେ ଏହି ଘର ଗୁଡିକ। ସେହିପରି ପୁରୁଣା ପାଟଣା ରୋଡ ମେଡିକାଲ ଛକ ଠାରେ ଭେଣ୍ଡିଙ୍ଗ ଜୋନ ଜରିଆରେ ଦୋକାନ ଘର ଗୁଡିକୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରି ଭବିଷ୍ୟତକୁ ଦୁରଦୃଷ୍ଟି ନ ଦେଇ ସରକାରଙ୍କ ପଇସାକୁ ଆତ୍ମସାତ କରିଦେଇଛନ୍ତି । କୌଣସି ଲୋକଙ୍କୁ ଗୋଟିଏ ହେଲେ ବି ଦୋକାନ ଦେଇନାହାନ୍ତି ଯାହାଫଳରେ ପାଞ୍ଚ ସହ ବାର ଦୋକାନୀଙ୍କୁ ଦୁଇ ହଜାର ସତର ମସିହାରୁ ମୁକ୍ତା ଯୋଜନାମାଧମରେ ଚିହ୍ନଟ କରି ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ବି ଦୋକାନୀଙ୍କୁ ଦୋକାନ ଗୃହ ହସ୍ତାନ୍ତର କରିପାରିନାହାନ୍ତି । ବିଶେଷ ସୂତ୍ରରୁ ଜଣାଯାଏ କି ଅଳ୍ପ ଦିନ ଭିତରେ ସେହି ରାସ୍ତା ସମ୍ପ୍ରସାରଣ କରାଯିବ ଯାହାଫଳରେ ମୁନିସିପାଲିଟି କର୍ତୃପକ୍ଷ ସେହି ଦୋକାନ ଗୁଡିକୁ ଉଚ୍ଛେଦ କରିବାକୁ ବାଧ ହେବେ। ଯଦି ଏହି ଦୋକାନ ଗୁଡିକ ଉଚ୍ଛେଦ ହୋଇଯାଏ ତେବେ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କାର ଦାୟୀ କିଏ ରହିବ ?ଏବଂ ମୁନିସିପାଲିଟି କର୍ତୃପକ୍ଷ କାହା ଚାପରେ ଚେପା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ପାରଳାଖେମୁଣ୍ଡି ମଧ ଭାଗରେ ଥିବା ନୂତନ ବସ୍‌ଷ୍ଟାଣ୍ଡ ଠାରେ କୋଟି କୋଟି ଟଙ୍କା ବ୍ୟୟରେ ଫୁଂକ୍ସନ ହଲ ଏବଂ ଶୁଳ୍କ ଦେୟ ଯାତ୍ରୀ ନିବାସ ତିଆରି କରାଯାଇ ଅନେକ ଦିନରୁ ଖୋଲାରେ ଛାଡି ଦିଆଯାଇଛି ଯାହା ଫଳରେ ସେହି ମଦ ବୋତଲ ମୟ କୋଠାଘରଟି ଆଜି ଅସାମାଜିକ ଲୋକମାନଙ୍କ ଅଡ୍ଡା ସ୍ଥଳୀ ପାଲଟି ଯାଇଛି। ବସ୍‌ଷ୍ଟାଣ୍ଡରେ ନିର୍ମିତ ଦୋକାନ ଘରଗୁଡିକ ଧନୀ ଲୋକମାନଙ୍କ କବଜାରେ ଗୋଟିଏ ଗୋଟିଏ ପରିବାରକୁ ଅନେକ ଘର କିପରି କେଉଁ ନିୟମ ରେ ମୁନିସିପାଲିଟି ଅଧିକାରୀମାନେ ବଣ୍ଟନ କରିଛନ୍ତି କିଛି ଜଣା ପଡୁନାହିଁ। ଗରିବ ବେକାରୀ ପିଲାମାନେ ଖଣ୍ଡେ ହେଲେ ବି ଦୋକାନ ପାଇନାହାନ୍ତି । କେତେକ ଦୋକାନୀ ମାନେ ସେହି ପାଇଥିବା ଦୋକାନ ଘର ଗୁଡିକରେ ଦୋକାନ ନ ଖୋଲି ଅନ୍ୟ ଲୋକମାନଙ୍କୁ ଅଧିକ ଲାଭରେ ଭଡା ଲଗାଇ ରାସ୍ତା ମାନଙ୍କରେ ଦୋକାନ ଖୋଲି ରାସ୍ତା ଅବରୋଧ କରୁଛନ୍ତି ଯାହା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖା ଯାଉଛି । ମୁକ୍ତ ବ୍ୟାୟାମ ଶାଳା ନାମରେ କୋଟି କୋଟି ଟଙ୍କା କାଗଜ କଲମରେ ମିଳିମିଶି ହରିଲୁଟ୍ କରିଦେଇଛନ୍ତି । ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରି ସ୍ୱତନ୍ତ୍ର ଭାବରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପାରଳାବାସିଙ୍କ ଅନୁରୋଧ ।

## ଦୁର୍ଦ୍ଦାନ୍ତ ଅପରାଧୀ ଟିମାକୁ ଏନକାଉଣ୍ଟର

ସମ୍ବଲପୁର, ୨୧/୦୩ (ଜେଏନ୍‌ଏସ୍) : ରେଢ଼ାଖୋଲରେରେ ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର । ରେଢ଼ାଖୋଲ ଥାନା ଡୁମଚାଲି ଜଙ୍ଗଲ ଅଞ୍ଚଳରେ ପୋଲିସ୍ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ଧନେଶ୍ୱର ଝାଙ୍କର ଓରଫ୍ ଟିମା ଆହତ ହୋଇଛି। ଟିମାର ଡାହାଣ ଗୋଡରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାକୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସକାଳ ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ତିନି ସହଯୋଗୀଙ୍କ ସହ ରେଢ଼ାଖୋଲ ଥାନା ସୀମା ଅନ୍ତର୍ଗତ ଡୁମଛାଲି ଜଙ୍ଗଲ ଅଞ୍ଚଳରେ ଥିବା ଜଣାପଡ଼ିଥିଲା । ତେବେ ଅଭିଯୁକ୍ତମାନେ ପଳାୟନ କରିବାକୁ ଉଦ୍ୟମ ବେଳେ ଏନକାଉଣ୍ଟର କରିଥିଲା ପୋଲିସ। ଅଭିଯୁକ୍ତ ଧନେଶ୍ୱର ମଧ୍ୟ ପୋଲିସ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା । ତେବେ ପୋଲିସର ଜବାବୀ ଗୁଳି ସିଧା ଧନେଶ୍ୱରର ଡାହାଣ ଗୋଡ଼ରେ ବାଜିଥିଲା । ଟିମା ନାଁରେ ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ମାମଲା ଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ବୋଲେରୋ, ତାର କଟର୍ ଏବଂ ବିଦ୍ୟୁତ ଟ୍ରାନ୍ସମିସନ୍ ତାର କାଟିବା ପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ର ଜବତ କରିଛି ପୋଲିସ। ଧନେଶ୍ୱର ସହ ତା'ର ତିନି ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି ।

## ଝାରସୁଗୁଡ଼ା ସବୁଠୁ ପ୍ରଦୂଷଣ ସହର

ଝାରସୁଗୁଡା, ୨୧/୦୩ (ଜେଏନ୍‌ଏସ୍) : ଅଣନିଶ୍ୱାସୀ ହେଉଛି ଓଡ଼ିଶା । ନିଶ୍ୱାସ ନେବାରେ ହେଲାଣି କଷ୍ଟ । କାରଣ ଏଠି ନିଶ୍ୱାସରେ ବିଷ । ରାଜ୍ୟରେ ବଢିବାରେ ଲାଗିଛି ପ୍ରଦୂଷମ ମାତ୍ରା । ଆଗକୁ ଦିଲ୍ଲୀ ଭଳି ସ୍ଥିତି ଲାଗୁ ହେବ ଏହା ନିସନ୍ଦେହ । ପ୍ରଦୂଷଣ ରୋକିବାରେ ବି ମୁସ୍କିଲ ହୋଇପଡିଲାଣି । ସେଥିପାଇଁ ତ ଭାରତ ବର୍ଷର ଶହେ ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶାର ୫ ସହର । ଅନୁଗୁଳ ଓ ତାଳଚେର ସହ ଝାରସୁଗୁଡା, ବାଲେଶ୍ୱର, ଭୁବନେଶ୍ୱର, କଟକ ସହ ବାରିପଦା ମଧ୍ୟ ଏହି ତାଲିକାରେ ସ୍ଥାନିତ ହୋଇଛି। ୨୦୨୫-୨୬ ବର୍ଷର ସୂଚକାଙ୍କରେ ଏହି ସହର ଗୁଡିକୁ ଅଧିକ ପ୍ରଦୂଷିତ ସହରର ମାନ୍ୟତା ମିଳିଛି । ତେବେ ଝାରସୁଗୁଡାରେ ପ୍ରଦୂଷଣର ମାତ୍ରା ସର୍ବାଧିକ ରହିଛି । କାରମ ଜିଲ୍ଲାର ଇବ ଉପତ୍ୟକା ଏଥିରେ ଅନ୍ତର୍ଭୁକ୍ତ । ଝାରସୁଗୁଡା ଜିଲ୍ଲା ଇବ ଉପତ୍ୟକାରେ ଥିବା କୋଇଲା ଖଣି ଓ ଜିଲ୍ଲାର ବିଭନ୍ନ ସ୍ଥାନରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ଓ ତାପଜ ବିଦ୍ୟୁତ କେନ୍ଦ୍ର ରୁ ନିର୍ଗତ ପାଉଁଶର ତୃଟି ପୂର୍ଣ୍ଣ ପରିଚାଳନା ଓ ବ୍ୟାପକ ପ୍ରଦୂଷଣ ସହ ବହୁ ସଂଖ୍ୟକ ଯାନବାହନ ଚଳାଚଳ କୁ ଦାୟୀ କରାଯାଇଛି । ପୂର୍ବରୁ ପ୍ରଦୂଷଣ ମାତ୍ରା ବଢିବାରୁ ତାଳଚେର ଓ ଅନୁଗୁଳ ପାଇଁ ଲାଗିଥିଲା କଡ଼ା କଟକଣା ।

## ଗ୍ୟାସ ଓ ପେଟ୍ରୋଲ ପମ୍ପ ମାଲିକଙ୍କ ମନମାନୀ, ମିଳୁନି ଗ୍ୟାସ, ଭରସା ହୋଇଛି କାଠ




ଭଞ୍ଜନଗର,୨୧/୦୩ (ଜେଏନ୍‌ଏସ୍) : ବିଶ୍ୱ ଖାଉଟି ଦିବସ ଅବସରରେ ଭଞ୍ଜନଗରଠାରେ ଖାଉଟି ସୁରକ୍ଷା ଓ ଅଧିକାରକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ସୋମବାର କାରଗିଲ ଭବନଠାରେ ଉପଭୋକ୍ତା ଓକିଲାତି ସଂଘ (ବାର୍ଡ), ଅବସରପ୍ରାପ୍ତ ସୈନିକ ସଂଘ ଏବଂ ଗ୍ରାହକ ପଞ୍ଚାୟତର ମିଳିତ ସହଯୋଗରେ ବିଶ୍ୱ ଗ୍ରାହକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖାଉଟିମାନଙ୍କୁ ଶୋଷଣ କରାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି ମହେନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ। ସେ ସମସ୍ତ ବ୍ୟବସାୟିକ ଅନୁଷ୍ଠାନରେ ଖାଉଟିଙ୍କ ଅଧିକାର ଓ କର୍ତ୍ତବ୍ୟ ସୂଚନାକୁ ଓଡ଼ିଆ ଭାଷାରେ ଲେଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିଭଳି ଯୋଗାଣ ବିଭାଗ ଅଧିକାରୀ ଶୁଭଶ୍ରୀ ଜେନା କହିଥିଲେ ଯେ, ବର୍ତ୍ତମାନ ଗ୍ୟାସ ବା ପେଟ୍ରୋଲର କୌଣସି ଅଭାବ ନାହିଁ। ଯଦି କେହି କଳାବଜାରରେ ରନ୍ଧନ ଗ୍ୟାସ ବିକ୍ରି କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସଭାରେ ଖାଉଟି ସଂଘ ପକ୍ଷରୁ କେତେକ ଗୁରୁତର ଅଭିଯୋଗ ଅଣାଯାଇଛି। ଭଞ୍ଜନଗର ଇଣ୍ଡେନ ଗ୍ୟାସ ବିତରକ ଜାଣିଶୁଣି ସଭାକୁ ଅନୁପସ୍ଥିତ ରହିବାକୁ ନେଇ ଖାଉଟିମାନେ କ୍ଷୋଭ ପ୍ରକାଶ କରିଥିଲେ। ଘରୋଇ ଖାଉଟିଙ୍କୁ ନିୟମ ଅନୁସାରେ ଗ୍ୟାସ ମିଳୁ ନ ଥିବା ବେଳେ ବାହାର ହୋଟେଲ ଓ ବ୍ୟବସାୟୀଙ୍କ ପାଖରେ ଘରୋଇ ସିଲିଣ୍ଡର ୧୫୦୦ ଟଙ୍କାରେ ଚୋରାରେ ମିଳୁଥିବା ଅଭିଯୋଗ ହୋଇଛି। ବିତରକଙ୍କ ହେଲ୍ପଲାଇନ ନମ୍ବର ନଲାଗିବା ଏବଂ ହ୍ୱାଟସଆପ୍‌ରେ କୌଣସି ଉତ୍ତର ନ ମିଳିବା ଯୋଗୁ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପେଟ୍ରୋଲ ପମ୍ପଗୁଡ଼ିକରେ ମାଗଣା ପବନ, ଶୁଦ୍ଧ ଜଳ, ଫାଷ୍ଟ-ଏଡ ଏବଂ ଓଡ଼ିଆରେ ଖାଉଟି ଫଳକ ଭଳି ସୁବିଧା ଏବେ ସୁଦ୍ଧା ଉପଲବ୍ଧ ହୋଇନାହିଁ। ଘୁମୁସର ଉପଖଣ୍ଡର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୨୨ଟି ଗ୍ୟାସ ବିତରକ ସଂସ୍ଥା ଖାଉଟିଙ୍କ ଅଧିକାରକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରୁଥିବା ନେଇ ବୋର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ଗ୍ରାହକ ପଞ୍ଚାୟତ ସଭାପତି ତ୍ରିନାଥ ଗୌଡ଼ ଅଭିଯୋଗ କରିଛନ୍ତି। ଯୁଦ୍ଧ ବାହାନାରେ ଖାଉଟିଙ୍କୁ ଲୁଟୁଥିବା ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି।

## ରାଷ୍ଟ୍ରପତିଙ୍କ ଦ୍ୱାରା ଖୋଲାଯାଇଥିବା ସବୁଠୁ ପୁରୁଣା ଜଳ ବିଦ୍ୟୁତ୍ କେନ୍ଦ୍ରକୁ ପୁରିଲା ୭୦ ବର୍ଷ



କୋରାପୁଟ, ୨୧/୦୩ (ଶରତ ନାୟକ): କୋରାପୁଟରେ ଥିବା ସବୁଠୁ ପୁରୁଣା ଜଳ ବିଦ୍ୟୁତ କେନ୍ଦ୍ର ମୂଳତଃ ୧୯୨୦ ଦଶକରେ ଜୟପୁର ର ମହାରାଜା ବିକ୍ରମ ଦେବ ବର୍ମାଙ୍କ ଦ୍ୱାରା ତାଙ୍କ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଇବା ପାଇଁ ପ୍ରସ୍ତାବିତ ହୋଇଥିଲା। ଭାରତର ପ୍ରଥମ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଉଦ୍ଘାଟିତ ରାଜ୍ୟର ସର୍ବପୁରାତନ ଇଞ୍ଜିନିୟରିଂ ଚମତ୍କାର ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ (ଏମଏଚଇପି) ୧୯ ଅଗଷ୍ଟ, ୧୯୫୫ରେ କାର୍ଯ୍ୟକ୍ଷମ ହେବା ପରଠାରୁ ଏହାର ସେବାର ୭୦ ବର୍ଷ ପୂରଣ କରିଛି।

ବିଶାଖାପାଟଣାରୁ ୧୮୫ କିଲୋମିଟର ଦୂରରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଆନ୍ତଃରାଜ୍ୟ ସୀମାରେ ପୂର୍ବଘାଟ ପର୍ବତମାଳାର ଢାଲ ଉପରେ ଅବସ୍ଥିତ ଏହି ପ୍ରକଳ୍ପର ସ୍ଥାପିତ କ୍ଷମତା ୧୨୦ ମେଗାୱାଟ୍ ଥିଲା। ଏହା ଏବେ ବି ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ୬୩ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରୁଛି।

ପ୍ରତିଦିନ ସର୍ବାଧିକ ୨.୮୮ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ। ଏକ ମାସରେ ସର୍ବାଧିକ ରେକର୍ଡ ହୋଇଥିବା ଉତ୍ପାଦନ ଥିଲା ୭୯.୦୪୨ ନିୟୁତ ୟୁନିଟ୍ (ଜୁନ୍, ୨୦୨୩)। ଯଦି ଆଧୁନିକୀକରଣ ଟର୍ବାଇନ୍, ଟ୍ରାନ୍ସଫର୍ମର ବଦଳାଯିବା ଭଳି କାର୍ଯ୍ୟ କରେ, ତେବେ ସ୍ଥାପିତ କ୍ଷମତା ୧୨୦ ମେଗାୱାଟ୍‌ରୁ ୧୫୦ ମେଗାୱାଟ୍‌କୁ ବୃଦ୍ଧି କରାଯାଇପାରିବ। ଏଥିରେ ବର୍ତ୍ତମାନ ଆମେରିକା, ୟୁନାଇଟେଡ୍ କିଙ୍ଗଡମ୍ ଏବଂ ଜର୍ମାନୀରୁ ଆମଦାନୀ ହୋଇଥିବା ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରପାତି ସହିତ ଛଅଟି ଜେନେରେଟର ଅଛି।

ଆଜି ଆମେ ପ୍ଲାଣ୍ଟର କମିଶନିଂ ଦିବସ ପାଳନ କରୁଛୁ। ୧୯୫୫ ମସିହାରେ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ ଏହି ପ୍ଲାଣ୍ଟକୁ ଉଦଘାଟନ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଏଠାକୁ ଆସିଥିଲେ। ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ, ଆମେ ୧୨୦ ମେଗାୱାଟ୍ ସ୍ଥାପିତ କ୍ଷମତା ବିରୁଦ୍ଧରେ ୬୩ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିପାରିଛୁ,' ଏମଏଚଇପି ଡେପୁଟି ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଏନ. ରାଜ କୁମାର ସୋମବାର (୧୯ ଅଗଷ୍ଟ) ଦି ହିନ୍ଦୁକୁ କହିଥିଲେ।

ଏମଏଚଇପି ଅଧିକାରୀଙ୍କ ଅନୁଯାୟୀ, ଏହି ପ୍ଲାଣ୍ଟଟି ପ୍ରଥମେ ୧୯୨୦ ଦଶକରେ ଓଡ଼ିଶାର ଜୟପୁରର ମହାରାଜା ବିକ୍ରମ ଦେବ ବର୍ମା ତାଙ୍କ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ସେ ଏହି କାର୍ଯ୍ୟ ବ୍ରିଟିଶ ଇଞ୍ଜିନିୟର ହେନରୀ ହାୱାର୍ଡଙ୍କୁ ଦେଇଥିଲେ, ଯିଏ ଡୁଡୁମା ଜଳପ୍ରପାତ ଆବିଷ୍କାର କରିଥିଲେ ଏବଂ ୧୯୨୯ରୁ ପ୍ରକଳ୍ପ ଉପରେ କାମ ଆରମ୍ଭ କରିଥିଲେ ଏବଂ ୫୦୦ ମିଟର ତଳେ ଡୁଡୁମା ଜଳପ୍ରପାତ ନିକଟରେ ପ୍ଲାଣ୍ଟ ପାଇଁ ଏକ ଉପଯୁକ୍ତ ସ୍ଥାନ ପରାମର୍ଶ ଦେଇଥିଲେ।

ଶେଷରେ, ୧୯୪୬ ରୁ, ଟ୯୮ କୋଟି ବିନିଯୋଗରେ, ତିନୋଟି ଜେନେରେଟର ସହିତ କାମ ଆରମ୍ଭ ହୋଇଥିଲା। ପ୍ଲାଣ୍ଟ ନିର୍ମାଣ ପାଇଁ ଆବଶ୍ୟକ ମାନବସମ୍ବଳ ଏବଂ ଯନ୍ତ୍ରପାତି ପରିବହନ ପାଇଁ ଟ୬୦ ଲକ୍ଷ ଟଙ୍କା ବିନିଯୋଗରେ ଏକ ସ୍ୱତନ୍ତ୍ର ୱିଞ୍ଚ (୨,୭୫୦ ଫୁଟ) ମଧ୍ୟ ସ୍ଥାପନ କରାଯାଇଥିଲା।

ପ୍ଲାଣ୍ଟଟି ଓଡ଼ିଶାର କୋରାପୁଟ ଜିଲ୍ଲାର ଜୋଲାପୁଟରେ ମାଛକୁଣ୍ଡ ନଦୀ (ସ୍ଥାନୀୟ ଭାବରେ ମତ୍ସ୍ୟଗେଡା ଭାବରେ ଜଣାଶୁଣା) ଉପରେ ଅବସ୍ଥିତ। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଉଭୟଙ୍କ ଦ୍ୱାରା ବିଦ୍ୟୁତ୍ ବଣ୍ଟନ ପଛର କାରଣ ହେଉଛି ଏହା ଓଡ଼ିଶାରେ ଅବସ୍ଥିତ, କିନ୍ତୁ ପ୍ରକଳ୍ପ ପାଇଁ ଆବଶ୍ୟକ ପାଣି ଆନ୍ଧ୍ର ପ୍ରଦେଶରୁ ଆସେ।

ଆନ୍ତଃରାଜ୍ୟ ଚୁକ୍ତିନାମା (ଜାନୁଆରୀ ୧୪, ୧୯୪୫) ଅନୁଯାୟୀ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଯଥାକ୍ରମେ ୭୦:୩୦ ଅନୁପାତରେ ବିଦ୍ୟୁତ୍ ଲାଭ ବାଣ୍ଟିଛନ୍ତି। ପରବର୍ତ୍ତୀ ସମୟରେ, ୨୦୨୦ ଅକ୍ଟୋବର ୨୩ ତାରିଖରେ ରାଜ୍ୟଗୁଡ଼ିକ ମଧ୍ୟରେ ୫୦:୫୦ ଅନୁପାତରେ ଖର୍ଚ୍ଚ ଏବଂ ଲାଭ ବାଣ୍ଟିବା ପାଇଁ ଏକ ନୂତନ ଚୁକ୍ତିନାମା ହୋଇଥିଲା।

## ମିଥ୍ୟା ଅଭିଯୋଗରେ ନବନିର୍ମାଣ କୃଷକ ସଂଗଠନ ନେତା ଗିରଫ

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ନବନିର୍ମାଣ କୃଷକ ସଂଗଠନ ଛାମୁଆ ନେତା ତଥା ସୋନପୁର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀଙ୍କୁ ପୋଲିସ ଯେଭଳି ଭାବରେ ମିଥ୍ୟା ମକଦ୍ଦମାରେ ସଙ୍ଗିନ ଦଫା ଲଗାଇ ଜେଲ୍ ପଠାଇଛି ଏହା ଓଡ଼ିଶାର ରାଜନୈତିକ ଇତିହାସରେ କଳଙ୍କିତ କାହାଣୀ। ସଂପୂର୍ଣ୍ଣ ମିଥ୍ୟା କେଶ୍ ଉପରେ ଆଧାରିତ ଅଭିଯୋଗରେ ଉପମୁଖ୍ୟମନ୍ତ୍ରୀଙ୍କ ପୁରୁଣା ରାଗ ଥାଇ ଜଣେ କୃଷକ ନେତାଙ୍କୁ ଗିରଫ କରି ଜେଲ ପଠାଇ ଦେବା ବିଜେପି କଳା ଶାସନର ଏକ ଚରମ ଅଧ୍ୟାୟ। ଜଣେ ଶିକ୍ଷିତ ସମ୍ପନ୍ନ ସଂସ୍କାରିତ ନେତା ଚାଷୀମାନଙ୍କ ପାଇଁ ନୀରବଚ୍ଛିନ୍ନ ଭାବେ ବିକ୍ଷୋଭ କରୁଥିଲେ। କଟନୀ ଛଟନୀ ଠାରୁ ଆରମ୍ଭ କରି ରାଜାଙ୍କ ସାମନ୍ତବାଦ ଶାସନ ବିରୁଦ୍ଧରେ ଲଢ଼େଇ କରି ଏହାର ଫଳ ତାଙ୍କୁ ଭୋଗିବାକୁ ପଡ଼ିଛି। ରାଜ୍ୟ ସରକାର ଏବଂ ତାଙ୍କ ପୋଲିସ ପ୍ରଶାସନ ଇଚ୍ଛାକୃତ ଭାବରେ ଏକ ନାଟକ ପ୍ରୟୋଜିତ କରି ତାଙ୍କ ସମର୍ଥକମାନଙ୍କ ଦ୍ୱାରା ପ୍ରଦ୍ୟୁମ୍ନ ପାଢ଼ୀ ତାଙ୍କୁ ବନ୍ଧୁକ ଦେଖାଇ ଚାନ୍ଦା ମାଗିବାର ସଂପୂର୍ଣ୍ଣ ମିଥ୍ୟା ମକଦ୍ଦମା କରି ତାଙ୍କୁ ଗିରଫ କରାଯାଇଛି। ଏହି ଗିରଫକୁ ନବନିର୍ମାଣ କୃଷକ ସଂଗଠନ ଦୃଢ ନିନ୍ଦା କରୁଛି। ଏହାରି ବିରୁଦ୍ଧରେ ତମାମ ଓଡ଼ିଶାରେ ପ୍ରତିବାଦ କରାଯିବ। ସାରା ଓଡ଼ିଶାର ବିଭିନ୍ନ ସଂଗଠନମାନେ ଏହାର ପ୍ରତିବାଦ କରିବେ ଏବଂ ନିସର୍ତ୍ତରେ ପ୍ରଦ୍ୟୁମ୍ନ ପାଢ଼ୀ କିଭଳି ଖଲାସ ହେବେ ସେଥିପାଇଁ ସରକାରଙ୍କ ପାଖରେ ଦାବୀ କରାଯାଉଛି। ସରକାର ତୁରନ୍ତ ଏହି ଘଟଣାର ତଦନ୍ତ କରି ତାଙ୍କୁ ନିସର୍ତ୍ତରେ ଖଲାସ କରନ୍ତୁ। ଯେଉଁମାନେ ମିଥ୍ୟା ମକଦ୍ଦମା ଦାୟର କରିଛନ୍ତି, ତୁରନ୍ତ ସେମାନଙ୍କୁ ଗିରଫ କରନ୍ତୁ। ଚାଷୀମାନଙ୍କ ପାଇଁ ନ୍ୟାୟ ସଂଗତ ଭାବେ ଲଢ଼େଇ କଲେ କିଭଳି ମିଥ୍ୟା ମକଦ୍ଦମା କରି ଗିରଫ କରାଯାଏ ଏଭଳି ଏକ ନୂଆ ଘଟଣା ବିଜେପି ଶାସନରେ ଦେଖିବାକୁ ମିଳିଛି। ଆମେ ବିଗତ ଦିନରେ ବହୁ ଲଢ଼େଇ କରିଛୁ, କିନ୍ତୁ ଏଭଳି ମିଥ୍ୟା ସଙ୍ଗିନ ଦଫା ଲଗାଯାଇ ଗିରଫ କରିବା ଦୃଷ୍ଟାନ୍ତ କେବେ ଦେଖାଯାଇନଥିଲା। ସରକାର ନିଜର ବିବେକ ବୁଦ୍ଧି ଖଟାଇ ଏଭିଳି କଦର୍ଯ୍ୟଚିତ ଘଟଣାରୁ ନିଜକୁ ପ୍ରତ୍ୟାହର କରି ତୁରନ୍ତ ପ୍ରଦ୍ୟୁମ୍ନ ପାଢ଼ୀଙ୍କୁ ନିସର୍ତ୍ତରେ ଖଲାସ କରିବାକୁ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ଦାବୀ କରିଛନ୍ତି।



## ୭ମ ଦିନରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ : ସରକାରୀ କାର୍ଯ୍ୟାଳୟରେ ଅଚଳାବସ୍ଥା, ହସ୍ପିଟାଲ ସେବା ବାଧାପ୍ରାପ୍ତ




ବୌଦ୍ଧ, ୨୧/୦୩ (ଜେଏନ୍‌ଏସ୍) : ରାଜ୍ୟ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଜାରି ରହିଥିବା ଆନ୍ଦୋଳନ ଆଜି ସପ୍ତମ ଦିନରେ ପହଞ୍ଚିଛି। ଗତ ମାର୍ଚ୍ଚ ୧୦ ତାରିଖରୁ ସମୂହ ଛୁଟିରେ ଯାଇଥିବା ଏହି କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁଁ କଣ୍ଟାମାଳ ବ୍ଲକ, ତହସିଲ, ହସ୍ପିଟାଲ ଏବଂ ବନ ବିଭାଗ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।

ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଥିବାରୁ ବିଭିନ୍ନ ସରକାରୀ ସେବା ପାଇଁ ଆସୁଥିବା ହିତାଧିକାରୀଙ୍କ ସଂଖ୍ୟା କମିବାରେ ଲାଗିଛି, ଫଳରେ ଅଫିସଗୁଡ଼ିକ ଖାଁ ଖାଁ ଲାଗୁଛି । ଆଜି ମହାସଂଘର ଅଧକ୍ଷ ପ୍ରଭାତ ମହାନ୍ତିଙ୍କ ନିର୍ଦ୍ଦେଶରେ ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟରତ କର୍ମଚାରୀମାନେ ସକାଳ ୯ଟାରୁ ୧୧:୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ଯେଉଁ କର୍ମଚାରୀମାନେ ଭୁବନେଶ୍ୱର ଲୋୟର ପିଏମଜି ଯାଇପାରି ନାହାନ୍ତି, ସେମାନେ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି କ୍ଷ ଏହାଦ୍ୱାରା ରୋଗୀ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି ।

ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ରଖିଛନ୍ତି: ଚାକିରୀର ନିରାପତ୍ତା ଓ ନିୟମିତକରଣ ବା ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା ଭଳି ଦରମା ବୃଦ୍ଧି କରିବା, ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଆଉଟସୋର୍ସିଂ ବ୍ୟବସ୍ଥାରେ 'ଡେଲି ୱେଜସ୍' ବନ୍ଦ କରିବା ତଥା ସରକାର ଏହି ମୌଳିକ ଦାବିଗୁଡ଼ିକ ଉପରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସଂଘର ଉପ-ସଭାପତି ନରେଶ କୁମାର ସାହୁ, ସହକର୍ମୀ ସୌମ୍ୟ କୁମାର ପାଣିଗ୍ରାହୀ, ଲାଲମନ ବେହେରା, ସ୍ମିତିରଞ୍ଜନ ମହାକୁଡ଼, ତୃପ୍ତିମୟୀ ସେଠୀ ଓ ଅନ୍ୟ ସହଯୋଗୀ କର୍ମୀ ମାନେ ପ୍ରମୁଖ ପ୍ରକାଶ କରିଛନ୍ତି ।

## ଡାଲ୍‌ମାରେ ସାପ, ଡାକ୍ତରଖାନାରେ ଲମ୍ବା ଲାଇନ



ପଟ୍ଟାମୁଣ୍ଡାଇ, ୨୧/୦୩ (ଜେଏନ୍‌ଏସ୍) : ଗାଁରେ ପ୍ରାୟ ୪୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଡାଲମାରେ ସାପ ପଡ଼ିଥିବା କଥା ଜଣାପଡ଼ିବା ପୂର୍ବରୁ ୨୦୦ରୁ ଅଧିକ ଲୋକ ଖାଇସାରିଥିଲେ। ଡାଲ୍‌ମା ବାଢୁଥିବା ଜଣେ ବ୍ୟକ୍ତି ମୃତ ସାପଟିକୁ ଠାବ କରିଥିଲେ। ଭାଗବତ ସପ୍ତାହ ଅବସରରେ ଗାଁରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ହେଲେ ପ୍ରସାଦ ସେବନ ବେଳେ ଜଣାପଡ଼ିଲା ଯେ ଡାଲମାରେ ସାପଟିଏ ପଡ଼ିଛି। ସାପ ସିଝି ଯାଇଥିଲା। ଏହି ଖବର ବ୍ୟାପୀ ଯିବା ମାତ୍ରେ ଖାଉଥିବା ଓ ଖାଇସାରିଥିବା ଲୋକେ ଛାନିଆ ହୋଇଯାଇଥିଲେ ଏବଂ ପିଲାଛୁଆ ଧରି ଡାକ୍ତରଖାନା ଦୌଡ଼ିଥିଲେ। ଏହି ଘଟଣାଟି ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମ୍ୟୁନିସପାଲିଟିର ୧୦ୱାର୍ଡ ଅନ୍ତର୍ଗତ ନୂଆଗାଁରେ।

ସୂଚନା ଅନୁଯାୟୀ, ଗାଁରେ ପ୍ରାୟ ୪୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଡାଲମାରେ ସାପ ପଡ଼ିଥିବା କଥା ଜଣାପଡ଼ିବା ପୂର୍ବରୁ ୨୦୦ରୁ ଅଧିକ ଲୋକ ଖାଇସାରିଥିଲେ। ଡାଲ୍‌ମା ବାଢୁଥିବା ଜଣେ ବ୍ୟକ୍ତି ମୃତ ସାପଟିକୁ ଠାବ କରିଥିଲେ। ସାପଟି ପ୍ରାୟ ଦେଢ଼ ଫୁଟ୍ ଲମ୍ବ ଥିଲା। ଏହା ପରେ ଗାଁରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଅନେକ ଲୋକ ଡରି ଯାଇ ବାନ୍ତି କରିଥିଲେ। ପ୍ରସାଦ ଖାଇଥିବା ବହୁ ଲୋକ ପଟ୍ଟାମୁଣ୍ଡାଇ ଡାକ୍ତରଖାନାକୁ ଯାଇଥିଲେ। ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନେକ ଲୋକଙ୍କୁ ଡାକ୍ତରଖାନାରେ ନିରୀକ୍ଷଣରେ ରଖାଯାଇଥିଲା। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ତେଣୁ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିଲା।

ଡାକ୍ତରଙ୍କ କହିବା ଅନୁଯାୟୀ, ଯେତେ ବିଷାକ୍ତ ସାପ ହେଲେ ମଧ ସିଝି ଗଲେ ଆଉ ବିଷ ନଥାଏ। ସାପର ବିଷ ସିଧାସଳଖ ଶିରାପ୍ରଶିରା ଦେଇ ମଣିଷ ଶରୀରରେ ପ୍ରବେଶ କଲେ ବିପଦ ଥାଏ। ତେଣୁ ଯେଉଁମାନେ ସେହି ଖାଦ୍ୟ (ଡାଲ୍‌ମା) ଖାଇଛନ୍ତି, ତାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କିଛି ପ୍ରଭାବ ପକାଇବ ନାହିଁ।

ସାପଟି କେମିତି ଡାଲମାରେ ପଡ଼ିଲା, ତାହା ଜଣାପଡ଼ିନାହିଁ। ସାପଟି ଜୀବିତାବସ୍ଥାରେ ନା ମୃତାବସ୍ଥାରେ ଡାଲ୍‌ମାରେ ପଡ଼ିଲା, ତାହା ଜଣାପଡ଼ିନାହିଁ। ଯେତେବେଳେ ଡାଲ୍‌ମାରୁ ସାପଟି ବାହାରିଲା, ସେତେବେଳକୁ ତାହା ସିଝି ଯାଇଥିଲା। ସାପ ପଡ଼ିବା ଦ୍ୱାରା ଡାଲମା ବିଷାକ୍ତ ହୋଇଥିଲା କି ନାହିଁ ସେ ନେଇ, କୌଣସି ଯାଞ୍ଚ କରାଯାଇନି। ଖବର ଲେଖାଯିବା ପର୍ଯ୍ୟନ୍ତ ଡାଲମାର ନମୁନା ମଧ ସଂଗ୍ରହ କରାଯାଇ ନଥିବା ଜଣାପଡ଼ିଛି। ତେବେ ସେହି ଡାଲମା ଖାଇଥିବା ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଭୋଜି ପାଇଁ ଖାଦ୍ୟ ପ୍ରସ୍ତୁତି ବେଳେ ଅଧିକ ସତର୍କ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଆରମ୍ଭ ହେଲା ମାଟ୍ରିକ୍ ଖାତାଦେଖା

କଟକ, ୨୧/୦୩ (ଜେଏନ୍ଏସ୍) : ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ଦେଖା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ରାଜ୍ୟର ୫୧ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ ହଜାର ଶିକ୍ଷକ ଖାତା ଦେଖିବେ। ଏଥିପାଇଁ ସବୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବୋର୍ଡ କର୍ତ୍ତୃପକ୍ଷ ଚିଠି ଲେଖିଛନ୍ତି। ଏପ୍ରିଲ ୨ ତାରିଖ ସୁଦ୍ଧା ଅର୍ଥାତ ୧୫ଦିନ ମଧ୍ୟରେ ଖାତାଦେଖା ସାରିବାକୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ପରୀକ୍ଷକ, ଉପ ମୁଖ୍ୟ ପରୀକ୍ଷକ, ସହକାରୀ ନିରୀକ୍ଷକଙ୍କ ସମେତ ନିୟୋଜିତ ଥିବା ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ବୁଧବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୂଲ୍ୟାୟନ ପୂର୍ବରୁ ଅର୍ଥାତ୍ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟା ସୁଦ୍ଧା କେନ୍ଦ୍ରରେ ପହଞ୍ଚିବେ। କ୍ୟାମ୍ପ ଅଧିକାରୀ ଓ କର୍ମଚାରୀ ସକାଳ ୯ଟା ୩୦ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ସେହିଭଳି ମୂଲ୍ୟାୟନ କେନ୍ଦ୍ରରେ ମୌଳିକ ସୁବିଧା ସହ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା କରିବାକୁ ବୋର୍ଡ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି। ଚଳିତବର୍ଷ ରାଜ୍ୟର ୫ ଲକ୍ଷ ୬୨ ହଜାର ୬୧୨ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ଏଥିପାଇଁ ବୋର୍ଡ ଦ୍ୱାରା ମୋଟ ୩,୦୮୨ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଗତ ଫେବୃଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ପାଖାପାଖି ୧୨ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ମେ ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଫଳ ପ୍ରକାଶ ପାଇ ବୋର୍ଡ ପକ୍ଷରୁ ଯୋଜନା ରହିଛି। ଏଥିନିମନ୍ତେ ଆସନ୍ତା ୧୯ ତାରିଖ ଅର୍ଥାତ ଗୁରୁବାର ଠାରୁ ସବ୍‌ଜେକ୍ଟିଭ ଉତ୍ତରଖାତା ମୂଲ୍ୟାୟନ କରାଯିବ। ହାତରେ ଆଉ ଗୋଟିଏ ଦିନ ଥିବାରୁ ବୋର୍ଡ ମୂଲ୍ୟାୟନକାରୀ ବା ପରୀକ୍ଷକ, ସୁପରଭାଇଜରଙ୍କ ସମେତ ନିୟୋଜିତ ପ୍ରତ୍ୟେକ ପଦାଧିକାରୀଙ୍କ ନିମନ୍ତେ ମାର୍ଗଦର୍ଶିକା ଜାରି ହୋଇଛି। ମୂଲ୍ୟାୟନ କେନ୍ଦ୍ରରେ ମୋବାଇଲକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ ଏସଓପି କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସୁପରଭାଇଜରଙ୍କୁ ଠାରୁ କ୍ୟାମ୍ପ ଅଧିକାରୀ ଗ୍ରହଣ କରିଥିବା ଉତ୍ତରଖାତା ପ୍ୟାକେଟର ତଥ୍ୟ ୧୮ ତାରିଖ ସୁଦ୍ଧା ଅନଲାଇନ୍ ସୁପରଭାଇଜରଙ୍କୁ ଜଣାଇବେ। ଖାତାଦେଖା ପାଇଁ ଜଣେ ମୁଖ୍ୟ ପରୀକ୍ଷକ, ଦୁଇ ଜଣ ଉପ ମୁଖ୍ୟ ପରୀକ୍ଷକ, ୨୦ରୁ ୨୪ ଜଣ ପରୀକ୍ଷକ, ୨ ଜଣେ ଲେଖାଏଁ ସ୍କ୍ରୁଟିନାଇଜରଙ୍କୁ ନେଇ ଗୋଟିଏ ଲେଖାଏଁ ୟୁନିଟ ଗଠନ କରାଯାଇଛି। ପ୍ରତି ପରୀକ୍ଷକ ସବୁଦିନ ୩୦ରୁ ୪୦ଟି ଖାତାର ମୂଲ୍ୟାୟନ କରିବେ ବୋଲି ବୋର୍ଡ ପକ୍ଷରୁ ମାର୍ଗଦର୍ଶିକାରେ ଦର୍ଶାଯାଇଛି।




# ବାଲୁକା ଶିଳ୍ପୀଙ୍କୁ ବଡ଼ ଦାୟିତ୍ୱ, କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି

ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ଗୁରୁ ଦାୟିତ୍ୱ । କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଏନେଇ ପ୍ରକାଶ ପାଇଛି ବିଜ୍ଞପ୍ତି । ଜନଗଣନା ପୂର୍ବରୁ ଦାୟିତ୍ୱ ଦେଇ ଦେଲେ କେନ୍ଦ୍ର ସରକାର। ଏଣିକି ଜନଗଣନାରେ ଲୋକଙ୍କୁ କରିବେ ସଚେତନ । କାରଣ ସେ ଜାତୀୟ ଜନଗଣନା-୨୦୨୭ ବ୍ରାଣ୍ଡ୍ ଆମ୍ବାସଡର ହୋଇଛନ୍ତି । ଫଳରେ ଜନଗଣନା ସଚେତନତାକୁ ଅଧିକ ପ୍ରଭାବୀ କରିବେ ବାଲୁକା ଶିଳ୍ପୀ ସୁଦର୍ଶନ । ଖାସ୍ କରି ସେ ବାଲୁକା କଳା ମଧ୍ୟରେ ଲୋକଙ୍କୁ ସଚେତନ କରିବେ ସୁଦର୍ଶନ । ଦେଶରେ ପରବର୍ତ୍ତୀ ଜନଗଣନା ୨୦୨୭ରୁ ଆରମ୍ଭ ହେବ। ଏଥିରେ ଲୋକଙ୍କ ଜାତି ଓ ସାମାଜିକ-ଆର୍ଥିକ ବିବରଣୀକୁ ମଧ୍ୟ ସାମିଲ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜନଗଣନା ୨୦୨୭ ଓ ଜାତି ଜନଗଣନା ଭାରତର ରାଜନୀତିକ ଓ ସାମାଜିକ ସଂରଚନାରେ ଏକ ଐତିହାସିକ ମୋଡ଼ ପ୍ରମାଣିତ ହୋଇପାରେ। ଏହାଦ୍ୱାରା ମହିଳା ସଶକ୍ତିକରଣ, କ୍ଷେତ୍ରୀୟ ସନ୍ତୁଳନ, ସାମାଜିକ ନ୍ୟାୟ ଓ ଲୋକତାନ୍ତ୍ରିକ ପ୍ରତିନିଧିତ୍ୱର ନୂଆ ଅଧ୍ୟାୟ ଆରମ୍ଭ ହେବ। ୨୦୨୭ ଜନଗଣନା ଆଧାରରେ ନୂଆ ସୀମା ସ୍ଥିର କରାଯିବ। ଏହାଦ୍ୱାରା ଲୋକସଭା ଓ ବିଧାନସଭା କ୍ଷେତ୍ରର ସଂଖ୍ୟା, କ୍ଷେତ୍ରଫଳ ଓ ପ୍ରତିନିଧିତ୍ୱରେ ବଡ଼ ପରିବର୍ତ୍ତନ ଆଣିପାରେ। ପ୍ରସ୍ତୁତି ଚୂଡ଼ାନ୍ତ, ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ । ରାଜ୍ୟରେ ଜନସଂଖ୍ୟା କେତେ ତାହାର ହିସାବ କିତାବ ହେବ । ଏପ୍ରିଲ ମାସରୁ ଓଡ଼ିଶାରେ ଜନଗଣନା ପାଇଁ ନିଷ୍ପତ୍ତି ହୋଇଛି । ସମଗ୍ର ଦେଶ ସହ ମାର୍ଚ୍ଚ ୨୦୨୭ରୁ ହେବ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା । ଏହାପୂର୍ବରୁ ୨୦୧୧ ମସିହାରେ ଶେଷଥର ପାଇଁ ହୋଇଥିଲା ଜନଗଣନା । କରୋନା ପାଇଁ ୨୦୨୧ ଜନଗଣନା ସ୍ଥଗିତ ରହିଥିଲା । ଓଡ଼ିଶାରେ ୨ଟି ପର୍ଯ୍ୟାୟରେ ହେବ ଜନଗଣନା । ପ୍ରଥମ ପର୍ଯ୍ୟାୟରେ ଘର ଓ ଆସବାବପତ୍ର ମାର୍କ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା । ୨୦୨୭ ଫେବ୍ରୁଆରି ୧ରୁ ପୂରା ଦେଶରେ ହେବ ଜନଗଣନା। ୱେବ୍ସାଇଟ୍‌ରେ ମଧ୍ୟ ଲୋକେ ନିଜେ ନିଜର ତଥ୍ୟ ଦେଇପାରିବେ । ଜନଗଣନାର ୯୦ ପ୍ରତିଶତ କାମ ଅନଲାଇନରେ ହେବ ।




# ବିଜୁ-ନବୀନ ଟ୍ରଷ୍ଟ ତଦନ୍ତ ପାଇଁ ପିଆଇଏଲ୍



ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : ଟ୍ରଷ୍ଟର ଟ୍ରଷ୍ଟି ଥିବା ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜାଙ୍କ ଯାଜପୁରରେ ଝାଟି ଜଙ୍ଗଲ କିସମ ଜମି ମାଡ଼ି ବସିଥିବା କଥା ଟମକା ଫରେଷ୍ଟ ରେଞ୍ଜରଙ୍କ ମିଳିତ ତଦନ୍ତ ରିପୋର୍ଟରୁ ପ୍ରମାଣ ମିଳିଛି। ଚର୍ଚ୍ଚାରେ ଥିବା ବିଜୁ ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍'ର ଆର୍ଥିକ କାରବାର ନେଇ ଇଓଡବ୍ଲୁ/ ସିବିଆଇ/ ଇଡି ଦ୍ୱାରା ତଦନ୍ତ କରାଯିବାକୁ ଆଜି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହି ଟ୍ରଷ୍ଟ ଗଠନର ଭିତିରି ଉଦ୍ଦେଶ୍ୟ ଜାଣିବା ପାଇଁ ଟ୍ରଷ୍ଟର ଆକାଉଣ୍ଟର ଆର୍ଥିକ ଓ ଫରେନସିକ୍ ଅଡିଟ୍ ହେଉ ବୋଲି ଚଉଖରେ ଆବେଦନ କରିଛନ୍ତି ଆଡଭୋକେଟ୍ ଶିବଶଙ୍କର ମହାନ୍ତି। ଆବେଦନକାରୀ ଓକିଲ ଦର୍ଶାଇଛନ୍ତି- ଟ୍ରଷ୍ଟର ସଭାପତି ଥିବା ଭି କେ ପାଣ୍ଡିଆନଙ୍କୁ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କର ରାଜନୈତିକ ଓ ମାର୍ଗଦର୍ଶକ ବୋଲି ବିଚାର କରାଯାଏ। ସଚିବ ଥିବା ସନ୍ତୃପ୍ତ ମିଶ୍ର ଜଣେ ରାଜନେତା ଓ ଏବେ ରାଜ୍ୟସଭା ଯାଇଛନ୍ତି। ଟ୍ରଷ୍ଟର ଟ୍ରଷ୍ଟି ଥିବା ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜାଙ୍କ ଯାଜପୁରରେ ଝାଟି ଜଙ୍ଗଲ କିସମ ଜମି ମାଡ଼ି ବସିଥିବା କଥା ଟମକା ଫରେଷ୍ଟ ରେଞ୍ଜରଙ୍କ ମିଳିତ ତଦନ୍ତ ରିପୋର୍ଟରୁ ପ୍ରମାଣ ମିଳିଛି। ଏପରି ସ୍ଥଳେ ଟ୍ରଷ୍ଟକୁ ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରାଯିବା ପରିବର୍ତ୍ତେ ରାଜନୈତିକ ଚାନ୍ଦା କାରବାରରେ ଏକ ଆୟୁଧ ଭାବରେ ବ୍ୟବହାର କରାଯାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ସେ ଅର୍ଥନୈତିକ ଅପରାଧ ଶାଖାକୁ ଚିଠି ଲେଖିସାରିଛନ୍ତି। ତେଣୁ ଖୁବ୍ ଶୀଘ୍ର ଏ ନେଇ ବିଭିନ୍ନ ତଦନ୍ତକାରୀ ଏଜେନ୍ସି ଦ୍ୱାରା ବିସ୍ତୃତ ତଦନ୍ତ କରିବାକୁ ସେ ଆବେଦନ କରିଛନ୍ତି। ନୀତି ଆୟୋଗ ଫଦର୍ପଣ' ପୋର୍ଟାଲରେ ସର୍ବସାଧାରଣରେ ଉପଲବ୍ଧ ତଥ୍ୟକୁ ଦେଖିଲେ ଫବିଜୁ ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍'ର ଶିକ୍ଷା, ସାହିତ୍ୟ, ପରିବେଶ, ଦାରିଦ୍ର୍ୟ ଦୂରୀକରଣ ଭଳି ବିଭିନ୍ନ ଦାତବ୍ୟ କାର୍ଯ୍ୟ କରିବ ବୋଲି ବର୍ତ୍ତମାନ ପାଇଁ ଉଲ୍ଲେଖ ରହିଛି। ନବୀନ ପଟ୍ଟନାୟକଙ୍କ ଜାଣତରେ ଏହି ଟ୍ରଷ୍ଟ ଗଠନ ହୋଇଛି ବା ନବୀନ ନିଜେ ଏହି ଟ୍ରଷ୍ଟ ଗଢ଼ିଥିବା ବିଜେଡିର ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର ଟ୍ରଷ୍ଟ ଦଲିଲର କିଛି ପ୍ରମାଣକୁ ଦେଖାଇ ସୋଶିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଗୋଟିଏ ରାଜନୀତିକ ବିବାଦ ତୀବ୍ର ହୋଇଥିବା ବେଳେ ଅନ୍ୟପଟେ ପିଆଇଏଲ ଦାଖଲ ହୋଇଛି।

# ଅଗ୍ନିକାଣ୍ଡ ଘଟଣା : ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ନବୀନ

ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : କଟକର ଏସସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ପାଇଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ, ତାଙ୍କ ସରକାର ଥିବା ବେଳେ ଏକ ଘରୋଇ ହସ୍‌ପିଟାଲରେ ଏଭଳି ଘଟଣା ଘଟିଥିଲା। ସେଥିପାଇଁ ସେତେବେଳର ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ତେଣୁ ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମଧ୍ୟ ଦେବା ଉଚିତ୍। ଏହା ସହିତ ପ୍ରତି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉ। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗରୁ ଅର୍ଥ ଲୁଟିବା ଚିନ୍ତାରେ ସରକାର ରହିଛନ୍ତି। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ତା'ପରେ ଯାଇ ତଦନ୍ତ କରାଯାଉ। ଅନ୍ୟପକ୍ଷରେ ଏହି ଘଟଣାରେ ଆଜି ବିଧାନସଭାରେ ବିବୃତ୍ତି ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି ଯେ ଅଗ୍ନିକାଣ୍ଡ ଘଟିବା ତୁରନ୍ତ ପରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଗୁରୁତର ରୋଗୀଙ୍କୁ ଅନ୍ୟ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ମୋଟ ୧୨ ଜଣ ପ୍ରାଣ ହରାଇଛନ୍ତି। ଦେବଦୂତ ଭଳି ଯେଉଁ ମେଡିକାଲ କର୍ମଚାରୀମାନେ ଉଦ୍ଧାରକାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରୁ ୧୧ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ନିଜେ ଘଟଣାସ୍ଥଳ ପରିଦର୍ଶନ କରି ଆହତଙ୍କୁ ଭେଟିଥିଲେ। ଏହାସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଯାହା ଆବଶ୍ୟକୀୟ ପଦକ୍ଷେପ ସରକାର ଗ୍ରହଣ କରୁଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏହା ଭିତରେ ରାଜ୍ୟରେ ଥିବା ୨୦୧୦ଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ଯାଞ୍ଚ ସରିଛି। ସେଗୁଡ଼ିକର କ'ଣ ଆବଶ୍ୟକତା ଅଛି, ତାହା ଅନୁଧ୍ୟାନ କରାଯିବା ସହ ପୂରଣ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୪୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ସରକାର ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଇଣ୍ଟର ଡିପାର୍ଟମେଣ୍ଟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ଗଠନ କରାଯାଇଛି। ଉନ୍ନୟନ କମିଶନର କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି।




# ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପରେ ଜେଏମ ରୀତିକାଙ୍କ ସଫଳତା

ଭୁବନେଶ୍ୱର, ୨୧/୦୩ (ଜେଏନଏସ) : ଚଳିତ ମାସ ତା ୧୪ ରୁ ୧୬ ରିଖ ରେ ଚଣ୍ଡିଗଡ, ପଞ୍ଜାବ ୟୁନିଭରସିଟିରେ ଅନୁଷ୍ଠିତ ହୋଇଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗୀତାରେ ଜେଏମ ରୀତିକା ଦାସ ପଞ୍ଜାବ ୟୁନିଭରସିଟି ତରଫରୁ ଅଂଶ ଗ୍ରହଣ କରି ବ୍ୟକ୍ତିଗତ ଭାବେ ବାଲାସିଂଗ ବିମ ରେ ୧୦.୨୦୦ ପଏଣ୍ଟ ରଖି ରୋପ୍ୟ ପଦକ ହାସଲ କରିଥିବା ବେଳେ ୧୯୬. ୬୦୦ ପଏଣ୍ଟ ରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୀତିକା ମାତ୍ର ୬ ବର୍ଷ ବୟସରୁ ଜେଏମ ସ୍ପୋର୍ଟସ ଏକାଡେମୀରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରି ଏବେ କଳିଙ୍ଗ ଷ୍ଟାଡିୟମ ହାଇ ପରଫରମାଂସ୍ ସେଣ୍ଟର ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ, କ୍‌ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ ସ୍ପୋର୍ଟସ ଏକାଡେମୀ ର ଅଧକ୍ଷା ମୀରାରାଣି ଦାସ, ଏକ୍‌ଜୁକେଟିଭ ମେମ୍ବର ତଥା ଜେଏମ ସ୍ପୋର୍ଟସ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଚିଫ ପାର୍ଟନ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଓ ଏକାଡେମୀର ସମସ୍ତ କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ବିଜୟ ପରେ ମହାପ୍ରଭୁଙ୍କ ଶରଣରେ ଦିଲ୍ଲୀପ ରାୟ



ପୁରୀ/ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନ ଜିତିବା ମହାପ୍ରଭୁଙ୍କ ଦର୍ଶନ କଲେ ପରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ । ସକାଳୁ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ ସହ ଆର୍ଶୀବାଦ ଲାଭ କରିଛନ୍ତି । ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମଙ୍କୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ମହାପ୍ରଭୁଙ୍କ ଆର୍ଶୀବାଦରୁ ଓଡିଶାବାସୀଙ୍କ ପାଇଁ ଆଗକୁ ଭଲ କାମ କରିବି। ତେଣୁ ଏଥିପାଇଁ ମହାପ୍ରଭୁ ଧର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ରାଜ୍ୟସଭା ନିର୍ବାଚନ ଜିତିବା ପାଇଁ ନିଶ୍ଚିତ ଥିଲି। ସେଥିପାଇଁ ଦୁଇମାସ ପୂର୍ବରୁ ସମସ୍ତ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ କରିଥିଲି। ଯେଉଁ ବିଧାୟକ ମାନେ ମତେ କ୍ରସ ଭୋଟିଂ କରି ସମର୍ଥନ ଜଣାଇଛନ୍ତି ସେମାନଙ୍କ ମଧ୍ୟରୁ କିଛିଙ୍କ ସହ ବ୍ୟକ୍ତିଗତ ଭାବରେ ସମ୍ପର୍କ ରହିଛି। କିଛି ବିଧାୟକ ମାନଙ୍କ ଭଲପାଇବା ଓ ସମର୍ଥନ ରହିଥିଲା ବୋଲି ମୁଁ ନିର୍ବାଚନ ଜିତିଲି ବୋଲି କହିଛନ୍ତି ଦୀଲିପ ରାୟ। ତେବେ ଆଜି ସମସ୍ତ ବିଧାୟକ ମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ଆପାୟିତ କରିବା ସହ କୃତଜ୍ଞତା ଜ୍ଞାପନ କରିବି ବୋଲି ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ପରେ ପ୍ରତିକ୍ରିୟା ରଖିଛନ୍ତି ଦୀଲିପ ରାୟ।

# ଟ୍ରମା ଆଇସିୟୁରେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍‌ର ଯାଞ୍ଚ

କଟକ, ୨୧/୦୩ (ଜେଏନ୍ଏସ୍) : କଟକ ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର କାରଣ ଖୋଜିଲେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ । କିନ୍ତୁ କ୍ୟାମେରା ଆଗରେ ଧାଡ଼ିଏ କହିଲେନାହିଁ ଟିମ୍ ସଦସ୍ୟ । ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂଙ୍କ ନେତୃତ୍ୱରେ ଏହି ଟିମ୍ ଆଜି ଏସସିବି ମେଡିକାଲ ପରିସରରେ ପହଞ୍ଚିଥିଲେ । ପ୍ରଥମେ ଟ୍ରମା ଆଇସିୟୁ ବୁଲି ଦେଖିବା ପରେ ଅନ୍ୟ ବିଭାଗ ଗୁଡିକର ନିରୀକ୍ଷଣ କରିଛି ଟିମ୍ । ହେଲେ କ୍ୟାମେରା ଆଗରେ ଧାଡ଼ିଏ ବି କହିଲେ ନାହିଁ ଉନ୍ନୟନ କମିଶନର । ସେପଟେ କିନ୍ତୁ ଅଗ୍ନିଶମ ଆଇଜି ଉମାଶଙ୍କର ଦାସ କହିଛନ୍ତି, ତଦନ୍ତ ଚାଲିଛି, କିଛି କହିବାଟା ଠିକ୍ ହେବନାହିଁ ।
ସେପଟେ କଟକ ଏସସିବି ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ଆକ୍ସନ ନେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସସ୍‌ପେଣ୍ଡ ହୋଇଛନ୍ତି ୪ ଜଣ ଅଧିକାରୀ । କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଜୀବ କୁମାର ବେହେରା, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସସିବି ସବ୍ ଡିଭିଜନ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ରଞ୍ଜନ କୁମାର ବିଶ୍ୱାଳଙ୍କୁ ନିଲମ୍ବନ କରାଯାଇଛି । ଉନ୍ନୟନ କମିଶନରଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ଏହି ଅଧିକାରୀମାନଙ୍କୁ ସସ୍‌ପେଣ୍ଡ କରାଯାଇଛି ।

# ଏପ୍ରିଲ ୧୬ରୁ ଜନଗଣନା

ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : ଏପ୍ରିଲ ୧୬ରୁ ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବାକୁ ଯାଉଛି। ମେ' ୧୫ ପର୍ଯ୍ୟନ୍ତ ଅର୍ଥାତ୍ ଏକ ମାସ ଧରି ଚାଲିବାକୁ ଥିବା ଜନଗଣନାରେ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହାପୂର୍ବରୁ ଏପ୍ରିଲ ୧ରୁ ୧୫ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ସେଲ୍ଫ ଇନ୍ୟୁମେରେସନ୍(ଏସ୍ଇ) ପୋର୍ଟାଲ୍ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ ବୋଲି ଜନଗଣନା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଛନ୍ତି। ଜନଗଣନା ଭବନରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କଲ୍ୟାଣ ଆହୁରି କହିଛନ୍ତି ଯେ ଜନଗଣନାର ପ୍ରଚାର ପ୍ରସାର ସକାଶେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବ୍ରାଣ୍ଡ ଆମ୍ବାସାଡର୍ ଭାବରେ କାର୍ଯ୍ୟ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି।

# ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କଲା ବିଜେଡି, ୩ଦିନ ସୁଦ୍ଧା ଜବାବ ନଦେଲେ ଏକପାଖିଆ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୧/୦୩ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ଅଭିଯୋଗରେ କଂଗ୍ରେସ ଆଜି ପୂର୍ବାହ୍ନରେ ନିଜର ୩ଜଣ ବିଧାୟକଙ୍କୁ ନିଲମ୍ବନ କରିବା ପରେ ସନ୍ଧ୍ୟାରେ ବିଜେଡି ମଧ୍ୟ ନିଜର ୬ଜଣ ବିଧାୟକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛି ।ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୁଦ୍ଧରେ ଯାଇ ୬ଜଣ ବିଜେଡି ବିଧାୟକ କ୍ରସଭୋଟିଂ କରିଥିବାର ଅଭିଯୋଗ ଆଣି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି କାରଣଦର୍ଶାଅ ନୋଟିସ୍ ଜାରି କରିବା ସହ ୩ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନରେ ନିଆଯାଇଥିବା ଏହି ପଦକ୍ଷେପ ଦଳର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଓ ନେତୃତ୍ୱଙ୍କ ପ୍ରତି ଅବମାନନାକୁ ପଦାରେ ପକାଇ ଦେଇଛି।

ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦସ୍ତଖତରେ ଦଳର ୬ଜଣ ବିଧାୟକଙ୍କୁ ଗୋଟିଏ ଚିଠିରେ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ସେମାନେ ହେଲେ - ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡ଼ମ୍ବା ବିଧାୟକ ସୁବାସିନୀ ଜେନା, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କୁ ଏହି ନୋଟିସ୍ ଜାରି ହୋଇଛି। ପ୍ରମିଳା ତାଙ୍କ ନୋଟିସରେ ଦର୍ଶାଇଛନ୍ତି ଯେ, ଗତକାଲି ଅର୍ଥାତ୍ ମାର୍ଚ୍ଚ ୧୬ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଏହି ବିଧାୟକମାନେ ବିଜେଡି ଦ୍ୱାରା ସମର୍ଥିତ ନଥିବା ଜଣେ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି, ଯାହାକୁ ଦଳ ପ୍ରତି ବିଶ୍ୱାସଘାତକତା ଓ ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯାଇଛି। ବିଶେଷକରି ମାର୍ଚ୍ଚ ୧୫ତାରିଖରେ ଅନୁଷ୍ଠିତ ବିଧାୟକ ଦଳ ବୈଠକର ନିଷ୍ପତ୍ତିକୁ ଏହି ବିଧାୟକମାନେ ଖୋଲାଖୋଲି ଉଲ୍ଲଘଂନ କରିଛନ୍ତି। ଭୋଟ୍ ଦେବାବେଳେ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଯାଇଥିବା ବାଲାଟ୍ ପେପରରୁ ସେମାନେ କ୍ରସଭୋଟିଂ କରିଥିବାର ମଧ୍ୟ ପ୍ରମାଣିତ ହୋଇଛି।



ତେଣୁ ସମ୍ପୃକ୍ତି ବିଧାୟକମାନଙ୍କ ବିରୁଦ୍ଧରେ କାହିଁକି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରାଯାଇଛି। ସେହିପରି ବିଧାୟକମାନଙ୍କର ଏଭଳି ଆଚରଣ ପ୍ରମାଣିତ କରୁଛି ଯେ ସେମାନେ ସ୍ୱଇଚ୍ଛାରେ ବିଜେଡିର ସଦସ୍ୟତା ତ୍ୟାଗ କରିଛନ୍ତି। ଏଥିପାଇଁ ସେମାନଙ୍କ ବିରୋଧରେ କାହିଁକି ଆଇନଗତ ପଦକ୍ଷେପ ଆରମ୍ଭ କରାନଯିବ ତା'ର ଜବାବ ମଗାଯାଇଛି।
ଯଦି ବିଧାୟକମାନେ ୨୦ତାରିଖ ଅପରାହ୍ନ ୫ଟା ସୁଦ୍ଧା ନିଜର ସନ୍ତୋଷଜନକ ଉତ୍ତର ନରଖନ୍ତି ଅବା କୌଣସି ଉତ୍ତର ନଦେବେ ତା'ହେଲେ ସେମାନେ ଦଳରୁ ନିଲମ୍ବିତ କରାଯିବା ସହ ସେମାନେ ସ୍ୱଇଚ୍ଛାରେ ଦଳୀୟ ସଦସ୍ୟତା ତ୍ୟାଗ କରିଛନ୍ତି ବୋଲି ଧରି ନିଆଯାଇ ସାମ୍ବିଧାନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରମିଳା ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ, ରାଜ୍ୟସଭା(ଙ୍ୟସତ୍ପଷବ ଜବହଚ୍ଚବ ଝବଭଷବ ରକ୍ଷରମସ୍ପସକ୍ଟଭ)ରେ କ୍ରସଭୋଟିଂ ପ୍ରସଙ୍ଗରେ ବରିଷ୍ଠ ଆଇନଜୀବୀ ସୌର ମହାପାତ୍ର ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଦଳ ଜଣେ ବିଧାୟକଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରିପାରିବ, କିନ୍ତୁ ଏହାଦ୍ୱାରା ସିଧାସଳଖ ଭାବେ ସେମାନଙ୍କ ବିଧାୟକ ପଦ ରଦ୍ଦ ହୋଇଯାଏ ନାହିଁ। ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁସାରେ, ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିବା ଦଳର ଏକ ଆଭ୍ୟନ୍ତରୀଣ ବ୍ୟାପାର। ଏହି କାରଣରୁ ବାଚସ୍ପତି ଜଣେ ସଭ୍ୟଙ୍କ ସଦସ୍ୟତା ତୁରନ୍ତ ରଦ୍ଦ କରିପାରିବେ ନାହିଁ।ଦଳ ଜଣେ ସଭ୍ୟଙ୍କୁ ବାହାର କରିଦେଲେ ମଧ୍ୟ ସେ ଗୃହରେ ଜଣେ ସ୍ୱାଧୀନ ସଦସ୍ୟ ଭାବେ ରହିପାରିବେ। ତେଣୁ ଏହି କାରଣଦର୍ଶାଅ ନୋଟିସ ପରେ ବିଜେଡି ବିଧାୟକମାନେ କି ଆଭିମୁଖ୍ୟ ପୋଷଣ କରୁଛନ୍ତି ଓ ଦଳ କିଭଳି ଆଇନଗତ ପଦକ୍ଷେପ ନେଉଛି ତା'ଉପରେ ସମସ୍ତଙ୍କ ନଜର। ଉଲ୍ଲେଖଯୋଗ୍ୟ, ବିଜେଡି ବିଧାନସଭାରୁ ୨ଜଣ ବିଧାୟକଙ୍କୁ ନିଲମ୍ବିତ କରିସାରିଛି। ଏହି ୬ଜଣ ନିଲମ୍ବିତ ହେଲେ ଦଳର ବିଧାୟକ ସଂଖ୍ୟା ହ୍ରାସ ପାଇଁ ୪୨ରେ ପହଂଚିବ।

# ବାଜି ମାରିନେଲେ ଦିଲ୍ଲୀପ, ମନମୋହନ-ସୁଜିତ୍ ଓ ସନ୍ତୃପ୍ତ



ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ପ୍ରଥମ ପସନ୍ଦର ଭୋଟ ଭାବେ ବିଜେପିର ମନମୋହନ ସାମଲଙ୍କୁ ୩୫୦୦ ଭୋଟ ଓ ସୁଜିତ୍ କୁମାରଙ୍କୁ ୩୫୦୦, ବିଜେଡିର ସନ୍ତୃପ୍ତ ମିଶ୍ରଙ୍କୁ ୩୧୦୦ ଭୋଟ ମିଳିଛି । ବିଜେଡି-କଂଗ୍ରେସ-ସିପିଆଇଏମ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ୨୩୦୦ ଓ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ୨୩୦୦ ମିଳିଥିଲା। ରାଜ୍ୟସଭା ନିର୍ବାଚନକୁ ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ସତ ପ୍ରମାଣିତ ହୋଇଛି। ବିଜେଡି ଓ କଂଗ୍ରେସ ମେଂଟକୁ ଶକ୍ତଝଟକା ଦେଇ ବିଜେପି ସମର୍ଥିତ ଦିଲ୍ଲୀପ ରାୟ ୩୪୧୮ ଭୋଟରେ ବିଜୟୀ ଲାଭ କରିଛନ୍ତି। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ୩୫୦୦ଲେଖାଏଁ ପ୍ରଥମ ପସନ୍ଦ ଭୋଟ୍ ପାଇଁ ଜିତିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ର ମଧ ୩୧୦୦ଭୋଟରେ ବିଜୟୀ ହୋଇଛନ୍ତି। ଦୀର୍ଘ ଅଢ଼େଇ ଦଶନ୍ଧି ପରେ ରାଜ୍ୟସଭା ନିର୍ବାଚନ(ଡ଼ଯସବ୍ବଷବ ଜବହଢବ ଝବଭଷବ ରକ୍ଷରମବ୍ବସକ୍ଟଭ) ରେ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକ କ୍ରସଭୋଟିଂ କରି ଦିଲ୍ଲୀପଙ୍କ ଜିତିବା ମାର୍ଗ ପ୍ରଶସ୍ତ କରି ଇତିହାସର ପୁନରାବୃତ୍ତି କରାଇଛନ୍ତି। ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ଓ ସୁଜିତଙ୍କ ସପକ୍ଷରେ ଜିତିବା ପାଇଁ ଆବଶ୍ୟକ(୨୯୪୧ ଭୋଟ)ଠୁ ଢ଼େର ଅଧିକ ଭୋଟ୍ ପକାଇ ମଧ ଦିଲ୍ଲୀପ ରାୟ ବିରୋଧୀଙ୍କ କ୍ରସଭୋଟିଂ ସହାୟତାରେ ଏହି ନିର୍ବାଚନ ବାଜି ଜିଣିବାରେ ସକ୍ଷମ ହୋଇଛନ୍ତି। ବିଧାନସଭା ସୂତ୍ରରୁ ଜଣାପଡ଼ିଛି ଯେ,୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ଥିବାରୁ ଆଜି ମତଦାନ ହୋଇଥିଲା। ସମସ୍ତ ୧୪୭ ବିଧାୟକ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ରାଜ୍ୟସଭା ନିର୍ବାଚନ ଗଣିତ ଅନୁସାରେ ପ୍ରତ୍ୟେକ ବିଧାୟକଙ୍କର ଭୋଟ୍ ମୂଲ୍ୟ ୧୦୦ ହୋଇଥିବାବେଳେ ଜଣେ ପ୍ରାର୍ଥୀ ଜିତିବା ନିମନ୍ତେ ପ୍ରଥମ ପସନ୍ଦର ୨୯୪୧ (୩୦ ବିଧାୟକଙ୍କ ସମର୍ଥନ) ଆବଶ୍ୟକ। ତେବେ ପ୍ରଥମ ପସନ୍ଦର ଭୋଟ ଭାବେ ବିଜେପିର ମନମୋହନ ସାମଲଙ୍କୁ ୩୫୦୦(ଅର୍ଥାତ୍ ୩୫ଜଣ ବିଧାୟକଙ୍କ ଭୋଟ) ଓ ସୁଜିତ୍ କୁମାରଙ୍କୁ ୩୫୦୦ ମିଳିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ରଙ୍କୁ ୩୧୦୦(୩୧ଜଣ ବିଧାୟକଙ୍କ ଭୋଟ) ମିଳିଛି। ସେହିପରି ବିଜେଡି-କଂଗ୍ରେସ-ସିପିଆଇଏମ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ୨୩୦୦ ଓ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ୨୩୦୦ ମିଳିଥିଲା। ତେବେ ଦ୍ୱିତୀୟ ପସନ୍ଦର ଭୋଟ ହିଁ ଦିଲ୍ଲୀପଙ୍କୁ ବୃହତ୍ ବିଜୟ ଆଡ଼କୁ ନେଇଯାଇଥିଲା। ଦ୍ୱିତୀୟ ପସନ୍ଦର ଭୋଟ ଭାବେ ଦିଲ୍ଲୀପଙ୍କ ସପକ୍ଷରେ ଭୋଟ୍ ୧୧୧୮ ମିଳିବା ପରେ ତାଙ୍କର ମୋଟ୍ ଭୋଟ୍ ୩୪୧୮ ହୋଇଥିଲା। ଆଉ ଡାକ୍ତର ହୋତାଙ୍କୁ ବାଜିମାତ୍ କରି ସେ ବିଜୟୀ ଲାଭ କରିଛନ୍ତି । ତେବେ ଦିଲ୍ଲୀପଙ୍କ ଜିତିବାରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ କ୍ରସଭୋଟିଂ ସହାୟକ ହୋଇଛି। ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରଥମ ପସନ୍ଦର ୭୦ଜଣ ବିଧାୟକଙ୍କ ଭୋଟ୍ ଦେଇଦେବା ପରେ ଦିଲ୍ଲୀପଙ୍କ ସପକ୍ଷରେ ମାତ୍ର ୧୨ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ୍ ରହିଥିଲା। ଆଉ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟରେ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ଭୋଟ୍ ୨୩୦୦(୨୩ବିଧାୟକଙ୍କ ଭୋଟ) ମିଳିଥିଲେ ମଧ ଦ୍ୱିତୀୟ ପସନ୍ଦର ଭୋଟଗୁଡ଼ିକ ଦିଲ୍ଲୀପଙ୍କ ପାଖକୁ ଚାଲିଯାଇଥିବାରୁ ସେ ସହଜରେ ୩୪୧୮ ଭୋଟ୍ ପାଇ ବିଜୟୀ ହୋଇଥିବା ଜଣାପଡ଼ିଛି। ବିଜେଡି ଓ କଂଗ୍ରେସର ମୋଟ ୧୧ଜଣ ବିଧାୟକ କ୍ରସଭୋଟିଂ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ପ୍ରଥମ ପସନ୍ଦ ଭୋଟ ଟେକି ଦେଇଛନ୍ତି । ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ତାଙ୍କ ଦଳର ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦ୍ଦୋଷ କ୍ରସଭୋଟିଂ କରଛନ୍ତି। ସେମାନେ ଦଳ ଓ ଚିହ୍ନରେ ଜିତି ମଧ ଆଜି ଦଳ ସହ ବିଶ୍ୱାସଘାତକତା କରିଛନ୍ତି। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇବୁ ଓ ଦରକାର ପଡ଼ିଲେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ସୁପ୍ରିମକୋର୍ଟ ମଧ ଯିବୁ। ସେହିପରି ବିଜେଡିର ଅଧିକୃତ ଏଜେଣ୍ଟ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ଦଳର ୮ଜଣ ବିଧାୟକ କ୍ରସଭୋଟିଂ କରିଛନ୍ତି। ଦୁଇ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ସମେତ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ଚକ୍ରମଣି କହଁର, ରମାକାନ୍ତ ଭୋଇ ଓ ନବକିଶୋର ମଲ୍ଲିକ କ୍ରସ ଭୋଟିଂ କରିଛନ୍ତି ।ଏହି ନେତାମାନେ ଦଳର ନିର୍ଦ୍ଦେଶକୁ ଉଲ୍ଲଘଂନ କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ମଧ କରିଛି । ୧୦ଜଣ ଠିକଣା ଲୋକ ରହିବା ଦରକାର, ୫୦ଜଣ ବେଇମାନ ରଖି ଲାଭ କ'ଣ? ଯେଉଁମାନେ କ୍ରସଭୋଟ କରିଛନ୍ତି ସେମାନଙ୍କ ନାଁ ଦଳର ସଭାପତିଙ୍କୁ ଜଣାଇଛି, ଯାହା କାର୍ଯ୍ୟାନୁଷ୍ଠାନ ସେ ନେବେ। ଦଳ ସଭାପତି ନବୀନ ପଟ୍ଟନାୟକ ଆଗରୁ ଘୋଡା ବେପାର କଥା କହିଥିଲେ ଓ ତା ହିଁ ହେଲା। ଏବେ ଯେଉଁ ନେତାମାନେ ଦଳରେ ଅସନ୍ତୋଷ ଓ ବିଜୁ ଲିଗାସୀ କଥା କହୁଛନ୍ତି ସେମାନେ ଦଳରେ କେବେ ନଥିଲେ,କେବଳ ଆଳ ଦେଖାଉଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି। ଆଉ ଯେଉଁ ବିଜେଡି ବିଧାୟକମାନେ କ୍ରସଭୋଟିଂ କରିଛନ୍ତି ସେ ସେମାନଙ୍କୁ ବେଇମାନ କହିବା ସହ ଠାକୁର ଧଣ୍ଡା(ନିର୍ମାଲ୍ୟ) କାହିଁକି ଛୁଉଁଥିଲେ ବୋଲି ପ୍ରଶ୍ନ କରିଛନ୍ତି। ସେମାନେ ଘର ଭିତରେ ରହି ବିଶ୍ୱାସରେ ବିଷ ମିଶାଇଥିବାରୁ ସେମାନେ ବେଇମାନେ ନୁହେଁ ତ ଆଉ କ'ଣ ବୋଲି ପ୍ରତାପ ଦେବ କହିଛନ୍ତି। ଆଉ କଥା ଆଳରେ ନବୀନ ନିବାସରେ ବିଧାୟକମାନଙ୍କୁ ଦଳ ପକ୍ଷରୁ ନିର୍ମାଲ୍ୟ ଛୁଆଇଁଥିବାକୁ ମଧ ସେ ସ୍ୱୀକାର କରିଛନ୍ତି। ଯଦିଓ ବିଜେଡି ବିଧାୟକମାନେ ଗତ ୩ଦିନ ପୂର୍ବରୁ ଏହାକୁ ଖାରଜ କରି ଆସୁଥିଲେ। 'ଓଡ଼ିଶା ରିପୋର୍ଟର' ଏହି ନିର୍ମାଲ୍ୟ ଛୁଆଇଁବା ଖବର ପ୍ରକାଶିତ କରିଥିଲା। ପ୍ରତାପ ଦେବ ମଧ ରାଜ୍ୟରେ ବିଜେଡି ଓ କଂଗ୍ରେସ ମେଂଟ ଫେଲ୍ ମାରିନାହିଁ ବୋଲି ଦମ୍ଭୋକ୍ତି ବାଢ଼ିଛନ୍ତି। ପ୍ରଥମ ପସନ୍ଦର ଭୋଟ ଏହାର ପ୍ରମାଣ ବୋଲି କହି ସେ ଏହି ମେଂଟର ସଫଳତା କଥା କହି ଯୁକ୍ତି ବାଢ଼ିବାକୁ ପଛାଇନାହାନ୍ତି। ସୂଚନାଯୋଗ୍ୟ, ମନମୋହନ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାବେଳେ ସୁଜିତ୍ କୁମାର ଓ ଦିଲ୍ଲୀପ ରାୟ ତୃତୀୟ ଥର ପାଇଁ ସନ୍ତୃପ୍ତ ପ୍ରଥମଥର ନିର୍ବାଚିତ ହୋଇଛନ୍ତି।

## କ୍ରସ୍ ଭୋଟିଂ : ୩ ବିଧାୟକଙ୍କୁ ନିଲମ୍ବନ କଲା କଂଗ୍ରେସ




ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ନିଲମ୍ବିତ ହୋଇଥିବା ବିଧାୟକମାନେ ହେଉଛନ୍ତି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ଆଜି କଂଗ୍ରେସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୋମବାର ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ଦଳର ତିନି ବିଧାୟକଙ୍କୁ ନିଲମ୍ବନ କରିଛି କଂଗ୍ରେସ। ନିଲମ୍ବିତ ହୋଇଥିବା ବିଧାୟକମାନେ ହେଉଛନ୍ତି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ଆଜି କଂଗ୍ରେସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି ୩ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଦଳୀୟ ହୁଇପ୍ ଉଲ୍ଲଘଂନ କରି ସେମାନେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ୍ ଦେଇଥିଲେ। ଏପରି କରି ସେମାନେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବାରୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ସହିତ ନିଲମ୍ବିତ ହୋଇଥିବା ଏହି ୩ ବିଧାୟକଙ୍କ ବିଧାନସଭା ସଦସ୍ୟ ପଦ ରଦ୍ଦ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏଥିପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ସେହିପରି ବିଜେଡିରୁ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ସହିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ (ବାଙ୍କୀ), ସୌଭିକ ବିଶ୍ୱାଳ (ଚୌଦ୍ୱାର-କଟକ), ସୁବାସିନୀ ଜେନା (ବସ୍ତା), ଚକ୍ରମଣି କହଁର (ବାଲିଗୁଡ଼ା) ଓ ନବକିଶୋର ମଲ୍ଲିକ (ଜୟଦେବ) କ୍ରସ୍ ଭୋଟିଂ କରିଛନ୍ତି। ସେହିପରି ବିଜେଡିରୁ ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ମଧ କ୍ରସ୍ ଭୋଟିଂ କରିଛନ୍ତି। ଅରବିନ୍ଦ ଓ ସନାତନଙ୍କୁ ବିଜେଡି ନିଲମ୍ବନ କରିଥିଲେ ମଧ ରବିବାର ସେମାନଙ୍କୁ ଦଳୀୟ ନିଷ୍ପତ୍ତି ମାନିବାକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା।

## ଏସ୍‌ଜେଏଫ୍‌ଆଇ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ସମାପିତ




ଭୁବନେଶ୍ୱର/ନୂଆଦିଲ୍ଲୀ: ଭାରତୀୟ କ୍ରୀଡା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ)ର ୫୦ତମ ଜାତୀୟ ସମାରୋହ ରାଜଧାନୀ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସୋମବାର ରାତିରେ ସମାପିତ ହୋଇଛି। ୨୩ ବର୍ଷ ପରେ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍‌ଜେଏ) ଏହାକୁ ଆୟୋଜନ କରିଥିବା ବେଳେ ଘରୋଇ ଉତ୍ତରାଞ୍ଚଳ ଦଳ ଏକ ଦଶନ୍ଧିର ଲମ୍ବା ବ୍ୟବଧାନ ପରେ ଜେକେ ବୋଷ ଟ୍ରଫି ଅନ୍ତଃଜୋନ କ୍ରିକେଟ୍ ପ୍ରତିଯୋଗିତା ଜିତି ଏହାକୁ ଅଧିକ ସ୍ମରଣୀୟ କରିଛି। ଲିଗ୍ ଭିତ୍ତିକ ଏହି ପ୍ରତିଯୋଗିତାରେ ଉତ୍ତରାଞ୍ଚଳ ନିଜ ସମସ୍ତ ୩ ମ୍ୟାଚ୍ ଜିତି ଅପରାଜିତ ରହି ଶୀର୍ଷରେ ଅଭିଯାନ ଶେଷ କରିଥିଲା। ଦୁଇଟି ବିଜୟ ସହ ପଶ୍ଚିମାଞ୍ଚଳ ଉପବିଜେତା ହୋଇଥିଲା। ସେହିଭଳି ଏସି ବାଲି ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ମୁମ୍ବାଇ କ୍ରୀଡ଼ା ସାମ୍ବାଦିକ ସଂଘକୁ ହ୍ୟାଟ୍ରିକ୍ ସଫଳତା ମିଳିଛି। ଅମୋଲ କାରାହଦକର, ଅଶ୍ୱିନ ଫେରୋଙ୍କ ମୁମ୍ବାଇ ଦଳ ଦଳଗତ ଓ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅମୋଲ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବି ଜିତିଥିଲେ। ବାସ୍କେଟ୍‌ବଲ୍ ଥ୍ରୋ ଓ ଫୁଟ୍‌ସାଲ୍ ଫ୍ରି କିକ୍‌ରେ ମଧ ମୁମ୍ବାଇ ଦଳ ବିଜେତା ହୋଇ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରତି ସଂଧାରେ ଅନୁଷ୍ଠିତ କ୍ରୀଡ଼ା ସମାରୋହରେ 'ଦିଲ୍ଲୀ ରଙ୍ଗ' ଉନ୍ମୋଚିତ ହୋଇ ପାରମ୍ପରିକ ଧାରାକୁ ଜାରି ରଖିଥିଲା। ସବୁଠାରୁ ବଡ଼ କଥା ହେଲା ସୋମବାରର ଉଦ୍‌ଯାପନୀ ଉତ୍ସବରେ ଡିଡିସିଏ ସଭାପତି ରୋହନ ଜେଟଲୀ ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଅବସରରେ ବିଶ୍ୱକପ୍ ବିଜୟିନୀ ମହିଳା କ୍ରିକେଟର୍ ପ୍ରତୀକା ରାଓ୍ୱଲଙ୍କୁ ମଧ ୫୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ସମ୍ମାନିତ କରିଥିଲା ଡିଡିସିଏ। ଏସ୍‌ଜେଏଫ୍‌ଆଇକୁ ପୁନଃଜୀବନ ପ୍ରଦାନ କରିଥିବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସହ ଦୀପ୍ତି ରଂଜନ ସାମଲ, ବିମଳ କୁମାର ରାଉଳ, ତୁଷାର ସେନାପତି ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସନ୍ଦୀପ, ବିମଳ, ତୁଷାର ଜେକେ ବୋଷ ଟ୍ରଫିରେ ପ୍ରଥମ ପଦାର୍ପଣ କରିଥିଲେ। ମାର୍ଚ୍ଚ ୧୩ ତାରିଖରେ ଉଦ୍‌ଘାଟିତ ଏହି ୪ଦିନିଆ ଉତ୍ସବର ବିଭିନ୍ନ ଦିବସରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଆଇସିସି ଅଧକ୍ଷ ଜୟ ଶାହ, ଭାରତୀୟ ଅଲିମ୍ପିକ୍ ସଂଘ ସଭାନେତ୍ରୀ ପିଟି ଉଷା, ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା, ତୀରନ୍ଦାଜ ଜ୍ୟୋତି ସୁରେଖା ଭେନ୍ନମ, ବିଶ୍ୱକପ୍ ପଦକ ବିଜୟିନୀ ସ୍କ୍ୱାସ୍ ଖେଳାଳି ଅନାହତ ସିଂହ, ପଞ୍ଜାବ କିଙ୍ଗ୍ସ ମାଲିକ ନେସ ଓ୍ୱାଡିଆ ପ୍ରମୁଖ ଅତିଥି ଯୋଗ ଦେଇ ଖେଳାଳି, ଖେଳ ପ୍ରଶାସକ, ଖେଳ ସାମ୍ବାଦିକଙ୍କ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଡିଏସ୍‌ଜେଏ ସଭାପତି ଅଭିଷେକ ତ୍ରିପାଠୀ, ସମ୍ପାଦକ ସବୁ ହୁସେନ, ଏସ୍‌ଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ, ସମ୍ପାଦକ ଭି ରମେଶଙ୍କ ତତ୍ତ୍ୱାବଧାନରେ ଜାତୀୟ ସମ୍ମିଳନୀ ସଫଳତାର ସହ ପ୍ରତ୍ୟାବର୍ତନ କରିଥିଲା।

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ 'ପଖାଳ'

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢ଼ାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାନ୍ଥନିବାସରେ ରାଜ୍ୟସ୍ତରୀୟ 'ପଖାଳ ପରବ' ହୋଇଯାଇଛି। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୪ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା ଓ ଏହା ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ କରିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେ କହିଲେ, ପଖାଳ କେବଳ ଗରିବର ଖାଦ୍ୟ ନୁହେଁ; ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ। ଏହାସହିତ ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୩ୟ ଥର ପାଇଁ ରାଜ୍ୟସଭା ଗଲେ...

ମସିହାରେ କେନ୍ଦ୍ରରେ ୪ଟି ରାଜ୍ୟସଭା ଆସନ ଖାଲି ପଡ଼ିଥିଲା । ସେତେବେଳେ କଂଗ୍ରେସରୁ ଜୟନ୍ତୀ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମନିଷ କୁଜୁର ୩ଜଣ ରାଜ୍ୟସଭା ଯାଇଥିବା ବେଳେ ଜନତା ଦଳରୁ ୪ର୍ଥ ଆସନ ଭାବେ ଦିଲ୍ଲୀପ ରାଏ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

ଏହା ପରେ ଅପ୍ରେଲ ୧୭ ତାରିଖ ୧୯୯୬ ମସିହା, ଯେତେବେଳେ ଓଡ଼ିଶାରେ କଂଗ୍ରେସ ସରକାର ଥିଲା, ସେତେବେଳେ ଠିକ୍ ଏହି ସମୟରେ ଜନତା ଦଳରୁ ନେତୃତ୍ୱ ନେଉଥିବା ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିଲା । ସେହି ସମୟରେ ନବୀନ ପଟ୍ଟନାୟକ ହିଁ ଓଡ଼ିଶାକୁ ଫେରି ଭାଇ ପ୍ରେମ ପଟ୍ଟନାୟକ ଓ ଭଉଣୀ ଗୀତ ମେହେଟ୍ଟାଙ୍କ ଉପସ୍ଥିତିରେ ବାପାଙ୍କ ମୁଖାଗ୍ନି ସମୟରେ ସାରା ଓଡ଼ିଶାବାସୀ ଦେଖିବାକୁ ପାଇଥିଲେ । କିନ୍ତୁ ଦିଲ୍ଲୀପ ରାଏ ନବୀନଙ୍କ ରାଜନୀତିରେ ଯୋଗ ଦେବା ପୂର୍ବରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇ ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ଥିଲେ । ତାହାର ଠିକ୍ ଦେଢ଼ ବର୍ଷ ପରେ ଡିସେମ୍ବର ୨୬ତାରିଖ, ୧୯୯୭ ମସିହାରେ ଜନତା ଦଳରେ ରହି ବିଜୁ ବାବୁଙ୍କ ସହଯୋଗୀ ଭାବେ କାମ କରୁଥିବା ବିଜୟ ମହାପାତ୍ର, ଦିଲ୍ଲୀପ ରାଏ, ନଳିନୀ ମହାନ୍ତିଙ୍କ ଭଳି ବହୁ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସ୍ୱର୍ଗତ ବିଜୁ ବାବୁଙ୍କ ନାଁରେ ବିଜୁ ଜନତା ଦଳ ଗଠନ ହୋଇଥିଲା । ବିଜୁ ବାବୁଙ୍କ ଦେହାନ୍ତ ପରେ ଆସ୍କା ଲୋକସଭା ଆସନଟି ଖାଲି ପଡ଼ିବାରୁ ନବୀନ ନିଜେ ସେହି ସମୟରେ ପ୍ରଥମ କରି ନିର୍ବାଚନ ଲଢ଼ି ସାଂସଦ ହୋଇଥିଲେ । ଏହା ପରେ ବାଜପେୟୀ ସରକାର ପୁଣି ଭାଙ୍ଗି ଯିବାରୁ ୧୯୯୮ ମସିହାରେ ପୁର୍ନବାର ସାଧାରଣ ଲୋକସଭା ନିର୍ବାଚନରେ ଆସ୍କାରୁ ଲଢ଼ି ବିଜୟୀ ହୋଇ କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ହୋଇଥିଲେ । କିନ୍ତୁ ଯେତେବେଳେ ୧୯୯୮ ମସିହା ରାଜ୍ୟସଭା ନିର୍ବାଚନ ହୋଇଥିଲା। ସେତେବେଳେ ନବୀନ ପଟ୍ଟନାୟକ ତାଙ୍କର ବାଲ୍ୟ ବନ୍ଧୁ ଅନଙ୍ଗ ଉଦୟ ସିଂହ ଦେଓଙ୍କୁ ରାଜ୍ୟସଭା ନିର୍ବାଚନ ଲଢ଼ାଇଥିଲେ। ତେବେ ସେହି ନିର୍ବାଚନରେ ସେ ୩,୫୦୦ ଭୋଟ୍-ମୂଲ୍ୟ ପାଇଥିଲେ, ଯାହା ନିର୍ବାଚିତ ହେବା ପାଇଁ ଆବଶ୍ୟକ ଥିବା ୩,୫୫୧ କୋଟାଠାରୁ ସାମାନ୍ୟ କମ୍ ଥିଲା। ତେଣୁ ସେହି ସମୟରେ ଓଡ଼ିଶାର ତିନୋଟି ଆସନରୁ ରଙ୍ଗନାଥ ମିଶ୍ର (କଂଗ୍ରେସ), ରାମଚନ୍ଦ୍ର ଖୁଣ୍ଟିଆ (କଂଗ୍ରେସ) ଏବଂ ମନ୍ମଥ ନାଥ ଦାସ ବିଜୟୀ ହୋଇଥିଲେ। ନିର୍ବାଚନରେ ହାରିବା ପରେ ସେ ଅନ୍ୟ ପ୍ରାର୍ଥୀଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ, କିନ୍ତୁ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲା। ଅନଙ୍ଗ ଉଦୟ ସିଂହ ଦେଓ ସେତେବେଳେ ଜଣେ ବିଧାୟକ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ୧୯୯୮ ମସିହା ରାଜ୍ୟସଭା ନିର୍ବାଚନ ସମୟରେ ନବୀନ ପଟ୍ଟନାୟକ ଦଳ ବିରୋଧୀ କାର୍ଯ୍ୟ ଏବଂ 'ଘୋଡ଼ା ବେପାର' ଅଭିଯୋଗରେ ପାଞ୍ଚ ଜଣ ବିଜେଡି ନେତାଙ୍କୁ ନିଲମ୍ବିତ କରିଥିଲେ। ସେମାନେ ହେଲେ - ପ୍ରଭାତ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ପାତ୍ର, ବିଜୟଶ୍ରୀ ରାଉତରାୟ, କଳ୍ପତରୁ ଦାସ ଏବଂ ବିଷ୍ଣୁ ଚରଣ ଦାସ। ପରବର୍ତ୍ତୀ ସମୟରେ (ଜୁଲାଇ ୧୯୯୮ରେ), ଏହି ନେତାମାନେ ବିନା ସର୍ତ୍ତରେ କ୍ଷମା ମାଗିବା ପରେ ନବୀନ ପଟ୍ଟନାୟକ ସେମାନଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲେ।

କିନ୍ତୁ ତାହାର ବହୁ ପୂର୍ବରୁ ବିଜୁ ବାବୁଙ୍କ ଆଶୀର୍ବାଦରେ ଦିଲ୍ଲୀପ ରାଏ ରାଜ୍ୟସଭାକୁ ଯାଇ କେନ୍ଦ୍ରରେ ମନ୍ତ୍ରୀ ହୋଇପାରିଥିଲେ । ରାଜ୍ୟସଭାରୁ ଦିଲ୍ଲୀପ ରାଏ ଓ ଲୋକସଭାରୁ ନବୀନ ପଟ୍ଟନାୟକ ଦୁହେଁ ସାଂସଦ ଭାବେ ରହି କେନ୍ଦ୍ରରେ ମନ୍ତ୍ରୀ ରହିଥିଲେ। କିନ୍ତୁ ୧୯୯୯ ମସିହା ବାତ୍ୟା ପରେ ୨୦୦୦ ମସିହାରେ ସାଧାରଣ ନିର୍ବାଚନ ହୋଇଥିଲା। ବିଜେଡି ବିଜେପି ଗଠବନ୍ଧନ କରି ନିର୍ବାଚନ ମଇଦାରେ ଓହ୍ଲାଇଥିଲେ। ଉଭୟ ଲୋକସଭା ଓ ବିଧାନ ସଭା ନିର୍ବାଚନ ହୋଇଥିଲା, ସେତେବେଳେ ଆଂଚଳିକ ଦଳ ଭାବେ ବିଜୁ ଜନତା ଦଳ ନିର୍ବାଚନ ଲଢ଼ି ବିଜେପି ସହାୟତାରେ ପ୍ରଥମେ ସରକାରକୁ ଆସି ନବୀନ କ୍ଷମତାସୀନ ହୋଇଥିଲେ । ଏହା ପରେ ନବୀନ ପଟ୍ଟନାୟକ ନିଜ ଆସନର ସୁରକ୍ଷା ଦୃଷ୍ଟିରୁ ଦଳରୁ ଦିଲ୍ଲୀପ ରାଏଙ୍କ ଭଳି ଅନେକ ନେତାଙ୍କୁ ବାହାର କରି ଦେଇଥିଲେ। କିନ୍ତୁ ୧୯୯୬ରୁ ୨୦୦୨ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଭାବେ ଦିଲ୍ଲୀପ ରାଏ ସାଂସଦ ରହିଥିଲେ। ୨୦୦୨ ମସିହାରେ ଯେତେବେଳେ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଲା, ଓଡ଼ିଶାରୁ ୪ଟି ରାଜ୍ୟସଭା ଆସନ ଖାଲି ପଡିଲା, ସେତେବେଳେ ବିଜେଡି-ବିଜେପି ମିଳିତ ସରକାରରେ ବିଜେଡିରୁ ୨ଜଣ, ବିଜେପିରୁ ମନମୋହନ ସାମଲ ଏବଂ ସ୍ୱାଧୀନ ଭାବେ ଦିଲ୍ଲୀପ ରାଏ ସାଂସଦ ଭାବେ ନିର୍ବାଚିତ ହେବାକୁ ସକ୍ଷମ ହୋଇଥିଲେ। ଓଡ଼ିଶାରେ ସେତେବେଳେ ଦିଲ୍ଲୀପ ରାଏ ହିଁ ଏକମାତ୍ର ବ୍ୟକ୍ତି ନବୀନଙ୍କ ବିରୋଧ ସତ୍ତ୍ୱେ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ୨୦୦୪ ପର୍ଯ୍ୟନ୍ତ ମନ୍ତ୍ରୀ ଏବଂ ୨୦୦୮ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସଂସଦ ରହିଥିଲେ।

୨୦୦୨ ମସିହା ରାଜ୍ୟସଭା ନିର୍ବାଚନରେ ନବୀନ ପଟ୍ଟନାୟକ ଏବଂ ଦିଲୀପ ରାୟଙ୍କ ମଧ୍ୟରେ ପ୍ରକୃତ ଲଢ଼େଇ ହୋଇଥିଲା। ସେହି ସମୟରେ ଦିଲୀପ ରାୟ ବିଜେଡିରୁ ବହିଷ୍କୃତ ହେବା ପରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ। ନବୀନ ପଟ୍ଟନାୟକ ତାଙ୍କୁ ହରାଇବା ପାଇଁ ପୂରା ଚେଷ୍ଟା କରିଥିଲେ ଏବଂ ବିଜେଡିର ପ୍ରାୟ ୧୫ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଦିଲୀପ ରାୟଙ୍କୁ ଭୋଟ୍ ଦେଇଥିଲେ। ଫଳରେ ନବୀନଙ୍କ ବିରୋଧ ସତ୍ତ୍ୱେ ଦିଲୀପ ରାୟ ସେହି ନିର୍ବାଚନରେ ଜିତିଥିଲେ। ୧୯୯୮ ମସିହାରେ ରାମଚନ୍ଦ୍ର ଖୁଣ୍ଟିଆ (ବିଜେଡି), ମନ୍ମଥ ନାଥ ଦାସ (କଂଗ୍ରେସ), ରଙ୍ଗନାଥ ମିଶ୍ର (କଂଗ୍ରେସ) ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।

ଏବେ ପୁଣି ସେହି ଇତିହାସର ପୁନରାବୃତି ହୋଇଛି । ନବୀନଙ୍କ ଲଗାତାର ଚକ୍ରାନ୍ତ ଓ ବିରୋଧ ସତ୍ତ୍ୱେ ସେ ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ବିଜେପି ଟିକେଟ୍‌ରେ ଓଡ଼ିଶା ବିଧାନସଭାରେ ବିଧାୟକ ହୋଇ ପାରିଥିଲେ । ୨୦୧୯ ଓ ୨୦୨୪ ମସିହାରେ ସାଧାରଣ ନିର୍ବାଚନରେ ସେ ଲଢ଼ି ଅଳ୍ପ ଭୋଟ ବ୍ୟବଧାନରେ ହାରି ଯାଇଥିଲେ । ତେବେ ରାଜନୀତି ପ୍ରତି ରଚି ଥିବାରୁ ପୁଣି ୨୦୨୬ ମସିହାରେ ପ୍ରତ୍ୟକ୍ଷ ରାଜନୀତିକୁ ଆସିବା ପାଇଁ ମନ ବଳାଇଥିଲେ । ୨୦୨୬ ମସିହାରେ ୪ଟି ରାଜ୍ୟସଭା ଆସନ ଖାଲି ପଡ଼ିବାରୁ ଶାସକ ବିଜେପି ୨ଟି, ବିଜେଡି ଗୋଟିଏ, ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଏବଂ କଂଗ୍ରେସ-ବିଜେଡି ମିଳିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ ଜୋରଦାର ଲଢ଼େଇ ହୋଇଥିଲା । ଦିଲ୍ଲୀପ ରାଏ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ବିଜେଡି-ବିଜେପିର ଚକ୍ରାନ୍ତ ସତ୍ତ୍ୱେ ସେ ପୁଣି ସ୍ୱାଧୀନ ଭାବେ ଲଢ଼ି ରାଜ୍ୟସଭା ଯିବାକୁ ସଫଳ ହୋଇ ପାରିଛନ୍ତି ।

### ବିଜେପି ପ୍ରାର୍ଥୀ ଅଶ୍ୱିନୀଙ୍କୁ...

ପ୍ରକାଶ ପାଇଛି। ତେବେ ଶୁଣାଯାଏକି "ରାଜ୍ୟର ରେଲୱେ ଓ ଟେଲିକମ୍ ଉନ୍ନତିର ବଡ଼ ହିତକୁ ଆଖି ଆଗରେ ରଖି ବିଜେଡି ସମର୍ଥନ କରିଥିଲା ବୋଲି ଶୁଣିବାକୁ ମିଳେ। ଓଡ଼ିଶା ବିଧାନସଭାରେ ପର୍ଯ୍ୟାପ୍ତ ସଂଖ୍ୟା ଥିବା ସତ୍ତ୍ୱେ, ବିଜେଡି ସୁପିମୋ ନବୀନ ପଟ୍ଟନାୟକ ତିନୋଟି ଆସନ ପାଇଁ କେବଳ ଦୁଇଜଣ ପ୍ରାର୍ଥୀ ଦାଉଡ଼ାଇଥିଲେ ଏବଂ ତୃତୀୟଟିକୁ ବୈଷ୍ଣବଙ୍କ ପାଇଁ ଛାଡ଼ିଦେଇଥିଲେ।

### ଘୋଡ଼ାକୁ ନୁହଁଇ...

ହୋଇଛି । ଦିଲ୍ଲୀପ ରାଏ ଅତୀତରେ ୨୦୦୨ ମସିହା ମାର୍ଚ୍ଚ ୨୯ ତାରିଖରେ ନବୀନଙ୍କଠାରୁ ଧୋକା ଖାଇଲେ ମଧ୍ୟ ରାଜ୍ୟସଭାକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ସେହି ନିର୍ବାଚନରେ ବିପେ ପକ୍ଷରୁ ପ୍ରାର୍ଥୀ ହୋଇଥିବା ସୁଶ୍ରୀ ଦେବୀ ଓ ପ୍ରମିଳା ବହିଦାର ଏବଂ ବିଜେପି ପ୍ରାର୍ଥୀ ଥିଲେ ସୁରେନ୍ଦ୍ର କୁମାର ଲାଟ୍ । କଂଗ୍ରେସରୁ ପ୍ରାର୍ଥୀ ହୋଇଥିଷଲ ମୋହିସ ଖୁଜୁର । କିନ୍ତୁ ତାଙ୍କ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ନବୀନ ପଟ୍ଟନାୟକ ଦିଲ୍ଲୀପ ରାଏଙ୍କୁ ରାଜ୍ୟସଭା ପଠାଇବାକୁ ଚାହିଁଥିଲେ । ଦିଲ୍ଲୀପ ରାଏ ୬ବିଜେପି ବିଧାୟକ, ୩ କଂଗ୍ରେସ ବିଧାୟକ ଏବଂ ୩ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ନାମାଙ୍କନ ଭରିଥିଲେ । ଦିଲ୍ଲୀପ ରାୟଙ୍କୁ ହରାଇବା ପାଇଁ ସେତେବେଳେ ନବୀନ ପଟ୍ଟନାୟକ କଂଗ୍ରେସର ଭିତିରିଆ ବୁଝାମଣା କରିଥିଲେ ବୋଲି କହାଯାଉଛି । କଂଗ୍ରେସ ପ୍ରାର୍ଥୀ ମୋରିସ୍ କୁଜୁରଙ୍କୁ ବିଜେଡିର ବଳକା ଭୋଟ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ରାଜ୍ୟସଭା ନିର୍ବାଚରେ ୧୪୩ ଝର ବିଧାୟକ ମତଦାନ କରିଥିଲେ । ତତ୍‌କାଳୀନ ଜଙ୍ଗଲ ପରିବେଶ ମନ୍ତ୍ରୀ ଅଦୈତ ପ୍ରସାଦ ସିଂ ଅସୁସ୍ଥ ଥିଲେ ବି ଭୋଟ ଦେବାକୁ ଆସିଥିଲେ । ଠିକ୍ ଭାବେ ବାଲାଟ ପେପର୍‌ରେ ଷ୍ଟାମ୍ପ ମାରିନପାରିବାରୁ ଭୋଟ ନାକଚ ହୋଇଥିଲା । ବିଜେଡିର ୧୪ଜଣ ବିଧାୟକ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଦିଲ୍ଲୀପଙ୍କୁ ପ୍ରଥମ ପ୍ରିଫରେନ୍ସରେ ଭୋଟ ଦେଇଥିଲେ । ବିଜେପିର ୬ ବିଧାୟକ ତାଙ୍କୁ ଦ୍ୱିତୀୟ ପ୍ରିଫରେନ୍ସ ଭୋଟ ଦେଇଥିଲେ । ତାରା ପ୍ରସାଦ ବାହିନୀପତି ଓ ମମତା ମାଢ଼ୀ କଂଗ୍ରେସକୁ ଭୋଟ ନ ଦେଇ ଦିଲ୍ଲୀପଙ୍କୁ ଦେଇଥିଲେ । ପୁନର୍ବାର ଦିଲ୍ଲୀପ ସେହିଭଳି ରାଜ୍ୟସଭା ପାଇଁ ଓ ରାଜନୀତି ଅଙ୍କ କଷି ଦ୍ୱିତୀୟ ବାର୍ ସଫଳତା ପାଇଛନ୍ତି ।

### କାରଣ ଦର୍ଶାଅ...

ଜାଣିଶୁଣି ଦଳ ବିରୋଧରେ ଭୋଟ୍ ଦେଲେ ଓ ଗୋଟିଏ ଏଜେଣ୍ଡା ନେଇ ଦଳ ବିରୋଧରେ ଭୋଟ୍ ଦେଇଛନ୍ତି। ଦଳ କାହାକୁ ଧମକ ଦେଇନାହିଁ, ଆମେ କେବଳ ନିୟମ ଅନୁଯାୟୀ ଚିଠି ଲେଖିଛୁ। ବିଧାୟକମାନଙ୍କ ଜବାବ ଉପରେ ଦଳର ସଭାପତି ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ପ୍ରମିଳା କହିଛନ୍ତି।

## ଶକ୍ତି ଏ ସପ୍ତାହରେ

### ରାଶି ଅନୁଯାୟୀ ଏ ସପ୍ତାହର ଶକ୍ତି....

**ମେଷ ରାଶି :** ଚାକିରି କରୁଥିବା ଲୋକମାନେ ଅସୁବିଧାରା ସମ୍ମୁଖୀନ ହେବେ କିନ୍ତୁ ବ୍ୟବସାୟିକ ଲୋକ ମନାକର ଲାଭ ହେବ। ଦମ୍ପତି ମାନଙ୍କର ତାଙ୍କ ବାପା କିମ୍ବା ଭାଇମାନଙ୍କ ସହ ମତାନ୍ତର ରହିପାରେ । ଆପଣ ଏ ସପ୍ତାହ ବଡ ଖର୍ଚ୍ଚ କରିପାରନ୍ତି ଯାହାକୁ ନେଇ ଆପଣ ପଶ୍ଚାତାପ କରିବେ । ନିବେଶ କରିଥିବା ପାଣ୍ଠିରୁ ଲାଭବାନ ହେବେ । ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ କିଛି ଅସୁସ୍ଥତା ବେଳେ ବେଳେ ହୋଇପାରେ, ଯାହା ଔଷଧ ଦ୍ୱାରା ଠିକ ହୋଇଯିବ ।

**ବୃଷ ରାଶି :** ଆପଣ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବେ । ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଛୁଆଙ୍କ ସହ ଯୁକ୍ତି ତର୍କ ହୋଇପାରେ । କୌଣସି କାମ ପାଇଁ ଆପଣ ଗର୍ବ ଅନୁଭବ କରିବେ, ଆପଣ ଭଲ ନାଁ କରିବେ । ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବ ଦରକାର । ବିବାହିତା ଲୋକ ମାନେ ମତାନ୍ତରୁ ଦୁରେଇ ରହିବ ଉଚିତ, ନଚେତ ବହୁତ କଷ୍ଟ ପାଇବେ। ବୁଲା ବୁଲି କରିବା ପାଇଁ ଆପଣ ଯାଇ ପାରିବେ ।

**ମିଥୁନ ରାଶି :** ଯଦି ଆପଣ ଗୀତ ଗାଆନ୍ତି, ତାହାଲେ ଏ ସପ୍ତାହ ଆପଣଙ୍କ ପ୍ରଦର୍ଶନ ଖୁବ ଭଲ ରହିବ । ପରିବାରକୁ ନେଇ ଧର୍ମ ସ୍ଥାନକୁ ଯାଇ ପାରନ୍ତି । ଆପଣଙ୍କ ଡିପ୍ଲୋମାଟିକ ଗୁଣ ଯୋଗୁଁ କଠିନରୁ କଠିନ ପରିସ୍ଥିତି କୌଶଳରେ ବାହାରି କରି ପାରିବେ । ବିଦେଶ ଯାଉଥିବା ଲୋକ ସୁରକ୍ଷିତ ରହିବେ । କୌଣସି ଲୋକ ଆପଣଙ୍କ ବିରୁଦ୍ଧରେ ଲାଗି ପାରନ୍ତି । ସାଙ୍ଗସାଥି ମାନଙ୍କର ସାହାଯ୍ୟ ରହିବ, କୌଣସି ଅସୁବିଧାରୁ ବାହାରିବା ପାଇଁ ।

**କର୍କଟ ରାଶି :** ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଖାଇବା ପିଇବାକୁ ନେଇ ଧ୍ୟାନ ଦେବାକୁ ପଡ଼ିବ । ପଇସାକୁ ଦେଖିକି ଖର୍ଚ୍ଚ କରନ୍ତୁ, କାରଣ କୌଣସି ଠକାମିରେ ପଡ଼ିପାରନ୍ତି। ଏ ସପ୍ତାହରେ ଆପଣ ହଠାତ ଭ୍ରମଣ କରିପାରନ୍ତି । ନିଜ ଲୋକଙ୍କ ଦ୍ୱାରା ଅପମାନିତ ହବାର ସମ୍ଭାବନା ରହିଛି । କିଣା କିଣି କରିବାକୁ ଗଲେ ଆପଣ ନିର୍ଦ୍ଧାରିତ ଠାରୁ ଅଧିକ ଖର୍ଚ୍ଚ କରିବେ । ଲୋକଙ୍କ ପଛରେ କଥା ହେବାଠୁ ଦୁରେଇ ରହିବ ଦରକାର । ଜୀବନ ସାଥୀଙ୍କ ସ୍ୱାସ୍ଥ୍ୟ କୁ ନେଇ ଚିନ୍ତା ରହିବ ।

**ସିଂହ ରାଶି :** ରକ୍ତ ଚାପ ଓ ଆଣ୍ଠୁଗଣ୍ଠିରେ ପୀଡ଼ିତ ବ୍ୟକ୍ତି ଏ ସପ୍ତାହରେ ଶାରିରିକ ପୀଡା ପାଇବେ । କାମ କାର୍ଯ୍ୟରେ ମଧ୍ୟ ଧ୍ୟାନ ରହିବ ନାହିଁ ଏବଂ ଆପଣ ବ୍ୟସ୍ତ ରହିବେ। କୋଟ କଚେରୀ ମାମଲା ମଧ ହୋଇପାରେ । ଜୀବନ ସାଥୀଙ୍କ ସହ ମନୋମାଳିନ୍ୟ ହୋଇପାରେ । ନୂଆ କାମ ମିଳିବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟକୁ ନେଇ ଆପଣଙ୍କ ଖର୍ଚ୍ଚ ଏ ସପ୍ତାହରେ ବଢ଼ିବ । କୌଣସି ଲୋକକୁ ଧାର ଦେଲେ ପଇସା ଫେରସ୍ତ ପାଇବେ ନାହିଁ । ଜମି ବାଡ଼ି ବିକ୍ରି ପାଇଁ ପ୍ରସ୍ତାବ ଆସିବ ।

**କନ୍ୟା ରାଶି :** କାମରେ ମନ ଲାଗିବନି। ପ୍ରଦର୍ଶନ ଖରାପ ହେବ ଏବଂ ଉଚ୍ଚ ଅଧିକାରୀଙ୍କ ଠାରୁ କିଛି ଅପ୍ରିୟ କଥା ଶୁଣି ପାରନ୍ତି । ଏ ସପ୍ତାହରେ କିଛି ଚିନ୍ତା ନକରି ହଠାତ ଖର୍ଚ୍ଚ କରିବେ। ଚିନ୍ତା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିଯିବ । ବାପା ଏବଂ ଭାଇଙ୍କ ଜାଗା ଜମି ମାମଲାରେ ପଶିବା ହେତୁ ଜୀବନସାଥିଙ୍କ ସହ ଝଗଡ଼ା ହେୟାଇପାରେ । ଜୀବନ ସାଥୀଙ୍କ ସ୍ୱାଥ୍ୟ ମଧ୍ୟ ଖରାପ ହେୟାଇପାରେ । କାଳରେ ଇଚ୍ଛା ରଖୁଥିବା ଲୋକ ମାନେ ନିଜ କାଳରେ ଆଗେଇ ପାରିବେ ।

**ତୁଳା ରାଶି :** ଆର୍ଥିକ ଦୃଷ୍ଟିରୁ ଏ ସପ୍ତାହ ଲାଭଜନକ ରହିବ, ଖାସ କରିକି ଯେଉଁମାନେ ବିଦେଶରେ ରହୁଛନ୍ତି । ଛୁଆଙ୍କ ସହ ଆପଣଙ୍କର ମତ ଭେଦ ହୋଇପାରେ । ଏ ସପ୍ତାହ ପେଟ ଗୋଳ ମାଳ ରହିପାରେ । ଚାକିରୀ କ୍ଷେତ୍ରରେ ଖୁବ ଉନ୍ନତି କରିପାରିବେ, ଉଚ୍ଚ ପଦବୀକୁ ମଧ ଯାଇ ପାରନ୍ତି । ଜୀବନସାଥୀଙ୍କ ସହ ସମ୍ପର୍କ ଭଲ ରହିବ ହେଲେ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ପରେ । କୌଣସି ଦୂର ଜାଗାକୁ ଯିବାର ସୁଯୋଗ ରହିଛି ।

**ବିଛା ରାଶି :** ଶ୍ୱାସ ରୋଗରୁ ପୀଡିତ ଲୋକ ମାନେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଦରକାର । ଘରେ କଳି ଝଗଡ଼ା ହେବାର ବହୁତ ସୁଯୋଗ ଆସିବ । ଯେଉଁ ଲୋକଙ୍କ ସହ ମିଶୁଛନ୍ତି ଦେଖିକି ମିଶନ୍ତୁ, ହୁଏତ ତାଙ୍କ ପାଇଁ ଆପଣକୁ କେହି କଥା ଶୁଣାଇପାରନ୍ତି । ଦୂର ଜାଗାକୁ ଭ୍ରମଣର ଯୋଗ ରହିଛି । କୌଣସି ଅସୁବିଧାରେ ଥିଲେ କେହି ସମ୍ପର୍କୀୟ ଆପଣକୁ ହଠାତ ସାହାର୍ଯ୍ୟ କରିବେ । ଗର୍ଭବତୀ ମହିଳା ମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଖାସ ଧ୍ୟାନ ଦେବା ଉଚିତ ।

**ଧନୁ ରାଶି :** ଖାଇବା ପିଇବାରେ ଅବହେଳା ହେତୁ ଦେହ ଖରାପ ହବାର ସମ୍ଭାବନା ଅଛି । କର୍ମ କ୍ଷେତ୍ରରେ କିଛି ଅସୁବିଧା ରହିପାରେ । ଜମି ବାଡ଼ି ମାମଲାଠୁ ଦୁରେଇ ରୁହନ୍ତୁ । ଜୀବନସାଥିଙ୍କ ସହ ସମୟ ଭଲରେ ବିତିବ। ବିଜ୍ଞାନରେ ଗବେଷଣା କରୁଥିବା ଲୋକମାନେ ସଫଳ ହେବେ । କୌଣସି ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇପାରନ୍ତି । ନଦୀ ବା ଜଳାଶୟ ପାଖକୁ ଗଲେ ସାବଧାନ ରକ୍ଷା କରିବା ଦରକାର ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

**ମକର ରାଶି :** ଏ ସପ୍ତାହ ବିଦେଶ ଯାତ୍ରାର ଯୋଗ ରହିଛି । ମାତା ପିତାଙ୍କର କଷ୍ଟର କାରଣ ହେଇ ପାରନ୍ତି । ଛୁଆମାନଙ୍କର ପ୍ରଦର୍ଶନରୁ ଆପଣ ଦୁଃଖୀ ହେବେ । ଆପଣଙ୍କ ତଳ କର୍ମଚାରୀ ଏ ସପ୍ତାହ ଆପଣଙ୍କୁ ସହଯୋଗ ଦେବେ, ତେଣୁ କାମ ସୁରୁଖୁରୁରେ ହୋଇଯିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ କରିବେ । କଥା କହିବାର କୌଶଳ ଯୋଗୁଁ ଆପଣଙ୍କର ଅର୍ଥାଭାବ ରହିବ ନାହିଁ । ପଶୁ ପକ୍ଷୀଙ୍କ ଠାରୁ ଆଘାତ ପାଇପାରନ୍ତି ।

**କୁମ୍ଭ ରାଶି :** କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାକୁ ପଡ଼ିବ, ଯାହା ଆପଣଙ୍କ ମନକୁ ଟାଣ କରିବାକୁ ପଡ଼ିବ । ଜୀବନସାଥିଙ୍କ ଠାରୁ ଆପଣଙ୍କୁ କୌଣସି କାରଣ ହେତୁ ଦୂରରେ ରହିବାକୁ ପଡ଼ିପାରେ । ପ୍ରେମିକମାନେ ସାଥୀଙ୍କ ପାଇଁ ବହୁତ ପଇସା ଖର୍ଚ୍ଚ କରିବେ। ଜାଗାବାଡ଼ିରୁ ଆପଣଙ୍କୁ ଲାଭ ହେବ । ଆପଣଙ୍କ ସମ୍ପତି ବଢ଼େଇ ପାରିବେ । ସାଙ୍ଗରେ କାମ କରୁଥିବା ଲୋକ ମନକୁ ଘରକୁ ଯିବା ପାଇଁ ନିମନ୍ତ୍ରଣ କରିବେ ।

**ମୀନ ରାଶି :** ଜାଗାବାଡ଼ି ମାମଲା ଆପଣଙ୍କୁ ଲାଭ ଦେଇ ପାରିବ । ଇର୍ଷାରେ ଆପଣଙ୍କ ପଛରେ ଯେଉଁମାନେ ଲାଗିଛନ୍ତି ଏ ସପ୍ତାହରେ ଆପଣ ତାଙ୍କୁ ଭଲ ଭାବରେ ସମ୍ଭାଳି ପାରିବେ । ଆପଣ ଚାକିରିରେ ଉନ୍ନତି କରିବେ କିନ୍ତୁ ସେଥିପାଇଁ ଆପଣଙ୍କୁ ବହୁତ କଷ୍ଟ କରିବାକୁ ହେବ । ଛୁଆଙ୍କ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ନଚେତ ସେ ପାଠ ପଢ଼ାରେ ଅବହେଳା କରିବେ । ଆପଣ କୌଣସି ଦୂର ସ୍ଥାନକୁ ଭ୍ରମଣ କରିପାରନ୍ତି । ଆଖି ଓ ଅଣ୍ଡା ଜନିତ ରୋଗରୁ କଷ୍ଟ ପାଇପାରନ୍ତି ।

# ୟୁଟ୍ୟୁବର ଏଲ୍‌ଭିସ୍ ଯାଦବଙ୍କୁ ଆଶ୍ୱସ୍ତି, ସାପ ବିଷ ମାମଲାରେ ଏଫ୍‌ଆଇଆର ରଦ୍ଦ କଲେ ସୁପ୍ରିମ୍‌କୋର୍ଟ




ମୁମ୍ବାଇ, ୨୧/୦୩ : ଲୋକପ୍ରିୟ ୟୁଟ୍ୟୁବର ଏଲଭିସ ଯାଦବଙ୍କୁ ବଡ଼ ଆଶ୍ୱସ୍ତି । ୨୦୨୩ ମସିହାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ''ସାପ ବିଷ'' ବ୍ୟବହାର ମାମଲାରେ ସୁପ୍ରିମ୍‌କୋର୍ଟ ଏଫ୍‌ଆଇଆରକୁ ରଦ୍ଦ କରିଛନ୍ତି । ଏହି ନିଷ୍ପତ୍ତି ପରେ ଏଲଭିଶଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ମିଳିବା ସହ ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି ।
କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଏଲଭିଶଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ କୌଣସି ଠୋସ ପ୍ରମାଣ ରେକର୍ଡରେ ନାହିଁ । ପୋଲିସ ଦ୍ୱାରା ରୁଜୁ ହୋଇଥିବା ଏଫ୍‌ଆଇଆରରେ ପ୍ରକ୍ରିୟାଗତ ଓ ତଥ୍ୟଗତ ଗମ୍ଭୀର ତ୍ରୁଟି ରହିଛି । ଏହି ଆଧାରରେ କୋର୍ଟ ଏଲଭିଶଙ୍କ ବିରୋଧରେ ହୋଇଥିବା ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୩ରେ ଏକ ରେଭ୍ ପାର୍ଟିରେ ସାପ ବିଷକୁ ନିଶା ଭାବରେ ବ୍ୟବହାର କରାଯାଉଥିବା ''ପିପୁଲ୍ସ ଫର୍ ଆନିମଲ୍ସ'' ସଂଗଠନର ଅଧିକାରୀ ଗୌରବ ଗୁପ୍ତାଙ୍କ ଅଭିଯୋଗ କ୍ରମେ ଏଲଭିଶ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । ଏହି ମାମଲାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଓ ଏନଡିପିଏସ୍ ଆଇନ ଅନୁଯାୟୀ ଏଲଭିଶଙ୍କୁ ପୋଲିସ ଗିରଫ ମଧ କରିଥିଲା । ୧୨୦୦ ପୃଷ୍ଠାର ଚାର୍ଜସିଟରେ ସାପ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ସହ ଏଲଭିଶଙ୍କ ସମ୍ପର୍କ ଥିବା ଦର୍ଶାଯାଇଥିଲା । ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଏବେ ଏହି ସମସ୍ତ ଅଭିଯୋଗ ଏକ ପ୍ରକାର ମୂଲ୍ୟହୀନ ହୋଇଯାଇଛି ।

# ଫେସବୁକ୍ ବ୍ୟବହାରକାରୀଙ୍କୁ ପ୍ରତି ମାସରେ ମିଳିବ ୨,୭୮,୦୦୦ ଟଙ୍କା !




ନୂଆଦିଲ୍ଲୀ, ୨୧/୦୩ : ଯଦି ଆପଣ ଜଣେ କଣ୍ଟେଣ୍ଟ କ୍ରିଏଟର । ଏବଂ ସୋସିଆଲ ମିଡିଆରେ ଅଧିକ ରୋଜଗାର କରିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି । ଫେସବୁକ୍ କ୍ରିଏଟର ଫାଷ୍ଟ ଟ୍ରାକ୍ ନାମକ ଏକ ନୂଆ ପ୍ରୋଗ୍ରାମ୍ ଲଞ୍ଚ ହୋଇଛି । ଯାହା କ୍ରିଏଟରମାନଙ୍କୁ ଦ୍ରୁତ ଗତିରେ ବୃଦ୍ଧି ଏବଂ ରୋଜଗାର କରିବାର ସୁଯୋଗ ପ୍ରଦାନ କରେ । ଫେସବୁକର ଏହି ନୂତନ କାର୍ଯ୍ୟକ୍ରମ ବିଶେଷ ଭାବରେ ସେହି କ୍ରିଏଟରମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ଯେଉଁମାନେ ପ୍ଲାଟଫର୍ମରେ ନୂଆ କିମ୍ବା ପୁନଃ ଯୋଗଦାନ କରିବାକୁ ଚାହୁଁଛନ୍ତି । ଏହି ପ୍ରୋଗ୍ରାମରେ ରୋଜଗାର ଆପଣଙ୍କ ଫଲୋଅର୍ସଙ୍କ ଉପରେ ନିର୍ଭର କରେ । ଇନଷ୍ଟାଗ୍ରାମ, ୟୁଟ୍ୟୁବରେ ଅତି କମରେ ୧ ଲକ୍ଷ ଫଲୋଅର୍ସ ଥିବା କ୍ରିଏଟରମାନେ ପ୍ରତି ମାସରେ ୧୦୦୦ ଟଙ୍କା ରୋଜଗାର କରିପାରିବେ । ୧ ନିୟୁତରୁ ଅଧିକ ଫଲୋଅର୍ସ ଥିବା କ୍ରିଏଟରମାନେ ପ୍ରତି ମାସରେ ୩ ଲକ୍ଷ (ପ୍ରାୟ ୨୭୮,୦୦୦) ଟଙ୍କା ରୋଜଗାର କରିପାରିବେ ।

## ମାଟ୍ରିକ ପରୀକ୍ଷା ଦେଲେନି ୯୯୩୦ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ଗୃହରେ ଏକ ବଡ଼ ବୟାନ ଦେଇଛନ୍ତି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୯୩୦ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି । ଚଳିତ ବର୍ଷ ୫ଲକ୍ଷ ୪୬ହଜାର ୮୭୬ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ଫିଲଅପ୍ କରିଥିଲେ । ସେମାନଙ୍କ ମଧ୍ୟରୁ ୫ଲକ୍ଷ ୩୬ ହଜାର ୯୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ହେଲେ କୌଣସି କାରଣରୁ ୯୯୩୦ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ । ଏହି ଅନୁପସ୍ଥିତ ହାର ୧.୮୧ ପ୍ରତିଶତ ।

## ଜଙ୍ଗଲରେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

କାମାକ୍ଷାନଗର, ୨୧/୦୩ (ଜେଏନ୍‌ଏସ୍) : କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ମିଳିଛି । ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଲୋକେ ସନ୍ଦେହ କରୁଛନ୍ତି । ସୂଚନା ଅନୁସାରେ, ଛାତ୍ରୀଙ୍କ ଅଜାଙ୍କ ଘର କାମାକ୍ଷାନଗର ଅଞ୍ଚଳରେ ହୋଇଥିବାବେଳେ ସେ ସେଠାରେ ରହି ଏକ କଲେଜରେ ଯୁକ୍ତ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ । ମଝିରେ ମଝିରେ ସେ ନିଜ ଗାଁକୁ ଯାଉଥାନ୍ତି । ଗତକାଲି କଲେଜରେ ପରୀକ୍ଷା ଦେବା ପରେ ସେ ଘରକୁ ଫେରି ନ ଥିଲେ । ରାତିରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ । ଆଜି ସକାଳୁ ଛାତ୍ରୀଙ୍କ ମୃତଦେହ ସାରୁଆଳି ଗାଁ ରାସ୍ତାକଡ଼ ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଗାଁର କିଛି ବ୍ୟକ୍ତି ଏ ସଂପର୍କରେ ପୋଲିସକୁ ଖବର ଦେଇଥିଲେ । ଛାତ୍ରୀ ଜଣକ କଲେଜ ୟୁନିଫର୍ମରେ ଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।

## ୟୁଏଇକୁ ୭୦୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଦେବ ଆମେରିକା

ୱାଶିଂଟନ, ୨୧/୦୩ : ଯୁକ୍ତରାଷ୍ଟ୍ର ଆମେରିକା ଏହାର ସହଯୋଗୀ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୭୦୦ କୋଟି ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଅନୁମୋଦନ କରିଛି । ଏହା ପୂର୍ବରୁ ଗୁରୁବାର ପଶ୍ଚିମ ଏସିଆର ୩ଟି ରାଷ୍ଟ୍ରକୁ ଆମେରିକା ୧୬୫୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ଅନୁମୋଦନ କରିଥିଲା । ମାତ୍ର ୟୁଏଇ ପାଇଁ ଆମେରିକା ଅତିରିକ୍ତ ୭୦୦ କୋଟି ଡଲାରର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛି । ୟୁଏଇକୁ ଯୋଗାଇ ଦିଆଯିବାକୁ ଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ପାଟ୍ରିଅଟ୍ ପିଏସି-୩ କ୍ଷେପଣାସ୍ତ୍ର । ଯାହାର ମୂଲ୍ୟ ୫୬୦ କୋଟି ଡଲାର । ଏହା ଆକାଶରୁ ଆସୁଥିବା ଶତ୍ରୁ ମିସାଇଲ୍‌କୁ ଧ୍ୱଂସ କରିବାରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ୟବସ୍ଥା । ଏହା ସହିତ ୧୩୨ କୋଟି ଡଲାର ମୂଲ୍ୟର ଚିନୁକ ହେଲିକପ୍ଟର । ଏହି ହେଲିକପ୍ଟରଗୁଡ଼ିକ ସାମରିକ ସାମଗ୍ରୀ ଓ ସୈନ୍ୟ ପରିବହନ ପାଇଁ ବ୍ୟବହୃତ ହେବ । ଆମେରିକା ଚଳାଇଥିବା ଯୁଦ୍ଧର ପ୍ରତିଶୋଧ ନେବା ଲାଗି ଇରାନ ଏବେ ୟୁଏଇକୁ ଟାର୍ଗେଟ କରିବାରେ ଲାଗିଛି ।

## ଆସାମରେ ପ୍ରାର୍ଥୀ ଘୋଷଣା କଲେ ମମତା

ଗୁଆହାଟୀ, ୨୧/୦୩ : ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ମମତା ବାନାର୍ଜୀ ତାଙ୍କର କାର୍ଡ ଖୋଲିବା ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଟିଏମସି ୧୭ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି । ଅଖିଳ ଭାରତ ତୃଣମୂଳ କଂଗ୍ରେସ (ଟିଏମସି) ଶୁକ୍ରବାର ଆସାମ ରାଜ୍ୟ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି । ଦଳର ରାଷ୍ଟ୍ରୀୟ ଅଧକ୍ଷା ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମାର୍ଗଦର୍ଶନରେ ଏହି ଘୋଷଣା କରାଯାଇଛି ।

## ଦକ୍ଷିଣ କୋରିଆରେ ଅଗ୍ନିକାଣ୍ଡ : ୧୦ ମୃତ

ସିଓଲ, ୨୧/୦୩ : ଦକ୍ଷିଣ କୋରିଆର ମଧ୍ୟଭାଗରେ ଥିବା ଏକ କାର୍ ପାର୍ଟସ କାରଖାନାରେ ଶନିବାର ଦିନ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତି କମରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଅଧିକାରୀଙ୍କ ଅନୁଯାୟୀ, ଏହି ଦୁର୍ଘଟଣାରେ ୫୯ ଜଣ ଆହତ ହୋଇଛନ୍ତି । ୨୫ ଜଣଙ୍କ ଅବସ୍ଥା ଗୁରୁତର ଅଛି । ଉଦ୍ଧାରକାରୀ ଦଳ ଏବେ ବି ଭଗ୍ନାବଶେଷରେ ନିଖୋଜ ଥିବା ଅନ୍ୟ ଚାରି ଜଣଙ୍କୁ ଖୋଜୁଛନ୍ତି । ଗୃହ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ଶନିବାର ସକାଳ ୫ଟା ସୁଦ୍ଧା ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଛି । ଆହତଙ୍କ ମଧ୍ୟରେ ୨୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଅନ୍ୟ ୩୪ ଜଣଙ୍କର ସାମାନ୍ୟ ଆଘାତ ଲାଗିଛି ।

# ୨୦୦ କୋଟି କ୍ଲବରେ ଧୁରନ୍ଧର-୨




ମୁମ୍ବାଇ ୨୧/୦୩ : ଦ ରିଭେଞ୍ଜ ଗୋଟିଏ ପରେ ଗୋଟିଏ ରେକର୍ଡ କରିବାରେ ଲାଗିଛି । ରେକର୍ଡ ଭାଙ୍ଗିବା ସହ ବକ୍ସ ଅଫିସରେ ଫିଲ୍ମ ହଇଚଇ ସୃଷ୍ଟି କରିଛି । ରିଲିଜର ମାତ୍ର ୨ ଦିନ ଭିତରେ ଫିଲ୍ମ ରେକର୍ଡ ୨୦୦ କୋଟି କ୍ଲବରେ ପ୍ରବେଶ କରି ସାରିଛି । ଶୁକ୍ରବାର ଫିଲ୍ମ ସବୁ ସ୍ଥାନରେ ହାଉସ ଫୁଲ ଚାଲିଥିଲା । ସେହିପରି ଗୁରବାର ମଧ ଫିଲ୍ମ କମାଲ କରିଥିଲା । ୨ ଦିନରେ ଫିଲ୍ମ ୨୦୦ କୋଟି ଟଙ୍କା ଆୟ କରିଥିବା ବେଳେ ଆଜି ହେଉଛି ଇଦ । ତେଣୁ ଆଜି ଛୁଟି ଥିବାରୁ ଫିଲ୍ମକୁ ବୋନସ ମିଳିବା ବାକି ରହିଛି । ଇଦର ଗୋଟିଏ ଦିନ ପରେ ଅର୍ଥାତ ଆସନ୍ତାକାଲି ମଧ ରବିବାର । ଶନିବାର ଓ ରବିବାର ଫିଲ୍ମ ରେକର୍ଡ ପରିମାଣର ଆୟ କରିବ ବୋଲି କୁହାଯାଉଛି । କାରଣ ବିଭିନ୍ନ ରାଜ୍ୟର ହଲରେ ଲୋକମାନେ ଫିଲ୍ମ ଦେଖିବାକୁ ବେଶ ଭିଡ଼ ଜମାଉଛନ୍ତି । ଅନଲାଇନରେ ମଧ ଟିକେଟ ବୁକିଂ ପ୍ରାୟ ଫୁଲ ରହୁଛି ।

ପେଡ ରିଭ୍ୟୁ ସହ ପ୍ରଥମ ଦିନରେ ଫିଲ୍ମ ୧୦୩ କୋଟି ଓ ଦ୍ୱିତୀୟ ଦିନରେ ୧୪୬ କୋଟି ଟଙ୍କା ଆୟ କରିଛି । ଆଜି ଶନିବାର ଓ ରବିବାର ଥିବାରୁ ଫିଲ୍ମ ପୂର୍ବ ଦୁଇ ଦିନ ଅପେକ୍ଷା ଆହୁରି ଅଧିକ ଆୟ କରିବ । ତେଣୁ ରିଲିଜର ପ୍ରଥମ ସପ୍ତାହରେ ଧୁରନ୍ଧର ୨ ରେକର୍ଡ ୫୦୦ କୋଟି କ୍ଲବରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଭାରତରେ ବୁଧବାର ଠାରୁ ଫିଲ୍ମର ପେଡ ରିଭ୍ୟୁ ଆରମ୍ଭ ହୋଇଥିଲା । ପେଡ ରିଭ୍ୟୁ ବାବଦରେ ଫିଲ୍ମଟି ୪୩ କୋଟି ଆୟ କରିଥିଲା । ଗୁରୁବାର ଏହା ୧୦୩ କୋଟି ଆୟ କରିଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ୭୪ରୁ ୭୬ କୋଟି ରୋଜଗାର କରିଥିଲା । ବିଭିନ୍ନ ସହରରେ ବିଳମ୍ବିତ ରାତି ଯାଏ ଶୋ' ଚାଲିଥିବାରୁ ଚୂଡ଼ାନ୍ତ ଆୟର ରିପୋର୍ଟ ଆସିନାହିଁ ।

ତଥାପି ବୁଧବାର, ଗୁରୁବାର ଓ ଶୁକ୍ରବାର ସୁଦ୍ଧା ଧୁରନ୍ଧର ୨ ମୋଟ ଉପରେ କେବଳ ଭାରତରେ ୨୨୨ କୋଟି ଟଙ୍କା ଆୟ କରିଛି । ବିଶ୍ୱର ଆଉ କିଛି ସ୍ଥାନରୁ ମଧ ଫିଲ୍ମଟି ୨୪ କୋଟି ଆୟ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ବର୍ତ୍ତମାନ ଭାରତରେ ଫିଲ୍ମର ୨୦,୧୨୫ଟି ଶୋ' ଦୈନିକ ଚାଲୁଛି । ତେବେ ଦକ୍ଷିଣ ଭାରତରେ ଫିଲ୍ମ ସେତେଟା ଆଖି ଦୃଶିଆ ପ୍ରଦର୍ଶନ କରିପାରି ନାହିଁ । ତାମିଲ ଭାଷାରେ ଫିଲ୍ମଟି ଦ୍ୱିତୀୟ ଦିନ ୦.୨୪ କୋଟି, ତେଲୁଗୁ ଭର୍ସନରେ ୦.୭୬ କୋଟି, ମାଲାୟାଲମ ଭାଷାରେ ୦.୦୧ କୋଟି ଓ କନ୍ନଡ ଭାଷାରେ ମାତ୍ର ୦.୦୨ କୋଟି ଆୟ କରିପାରିଛି ।

ବକ୍ସ ଅଫିସରେ ବମ୍ପର ଆୟ ପରେ ଏହି ସ୍ପାଏ ଆକ୍ସନ ସିକ୍ୱେଲ ଫିଲ୍ମଟି ଯବାନ ଠାରୁ ଆରମ୍ଭ କରି ସୁପର ହିଟ ସିନେମା ପଠାନକୁ ପଛରେ ପକାଇ ଦେଇଛି । ଫିଲ୍ମରେ ରଣବୀର ସିଂହଙ୍କ ହମଜା ଅଲୀ ମଜାରୀ ଚରିତ୍ରକୁ ବେଶ ପସନ୍ଦ କରୁଛନ୍ତି ଦର୍ଶକ । ଫିଲ୍ମଟି ପ୍ରାୟ ୩ ଘଣ୍ଟା ୪୯ ମିନିଟର ହୋଇଥିଲେ ହେଁ ଦର୍ଶକମାନେ ଏହାକୁ ବେଶ ପସନ୍ଦ କରୁଛନ୍ତି । ଧୁରନ୍ଧର ପାର୍ଟ-୧ ଭାରତରେ ୧୪୦୦ କୋଟି ଆଦାୟ କରିଥିଲା । କିନ୍ତୁ ଏଥର ଧୁରନ୍ଧର-ଦ ରିଭେଞ୍ଜ ସବୁ ରେକର୍ଡ ଭାଙ୍ଗିବା ପାଇଁ ଯାଉଥିବା ସ୍ପଷ୍ଟ ହୋଇଛି । ଫିଲ୍ମଟି ସାରା ଦେଶରେ ୫ଟି ଭାଷାରେ ରିଲିଜ ହୋଇଛି । କିନ୍ତୁ ସବୁଠୁ ଅଧିକ ଜଲୱା ହିନ୍ଦୀ ସଂସ୍କରଣରେ ଦେଖିବାକୁ ମିଳିଛି ।

## ସୌନ୍ଦର୍ଯ୍ୟୀକରଣ ହେବ କଟକ ମହାନଦୀ ତଟ

ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳ ବିକଶିତ ହେବ । ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଅନୁଯାୟୀ, ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ



ସୃଷ୍ଟି କରାଯିବ । ବାକି ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ ସହିତ ବିଭିନ୍ନ ଜାନିଯାତ୍ରା ପାଇଁ ଉପଯୋଗ କରାଯିବ । ଯେଉଁଥିରେ ଓଡ଼ିଶା ହାଟ, ହେରିଟେଜ୍ ଭିଲେଜ, ପିକ୍‌ନିକ୍ ଅଞ୍ଚଳ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡକୋର୍ଟ, ଲନ୍, ବଗିଚା, ମହାନଦୀକୂଳସ୍ଥିତ ବିଭିନ୍ନ ଜଳାଶୟର ସୌନ୍ଦର୍ଯ୍ୟୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟ ରହିଛି । ସମସ୍ତ ନିର୍ମାଣ କାର୍ଯ୍ୟରେ ଗ୍ରିନ୍ ଟ୍ରିବ୍ୟୁନାଲ ଗାଇଡ୍‌ଲାଇନ ପାଳନ କରିବାକୁ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନଠାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପ୍ରକଳ୍ପକୁ ପର୍ଯ୍ୟଟକଙ୍କ ପାଇଁ ଏକ ଜାତୀୟସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ସହ ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ତୁରନ୍ତ ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ଆରମ୍ଭ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ କୁହାଯାଇଛି । ମହାନଦୀ କୂଳର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପଗୁଡ଼ିକର ମଧ ସୌନ୍ଦର୍ଯ୍ୟୀକରଣ କରାଯିବ । ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକଙ୍କ ପାଇଁ ମଧ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦ୍ୱିତୀୟ ପର୍ଯ୍ୟାୟ କାମ ସମୟରେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟୀକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅଧିକ ଆକର୍ଷଣୀୟ କରିବାକୁ ମହାନଦୀ ମଧ୍ୟରେ କ୍ରୁଜ୍ ଚଳାଚଳ ବ୍ୟବସ୍ଥା ହେବ । ଏହି ସବୁ ସୌନ୍ଦର୍ଯ୍ୟୀକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ କମିସନର କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତ ମହାସାଗରରେ ଆମେରିକୀୟ ଘାଟି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ

ତେହେରାନ, ୨୧/୦୩ : ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ଇରାନ ଶନିବାର ଭାରତ ମହାସାଗରରେ ଥିବା ଆମେରିକା-ୟୁକେର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରେ ଦୁଇଟି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହା ମଧ୍ୟପ୍ରାଚ୍ୟରେ ଏହାର ସୀମାଠାରୁ ଦୂରରେ ଥିବା ଏକ ଆମେରିକୀୟ ଘାଟି ଉପରେ ଇରାନର ସବୁଠାରୁ ବଡ଼ ଏବଂ ବିରଳ ଆକ୍ରମଣ ବୋଲି ବିଶ୍ୱାସ କରାଯାଉଛି । ଆମେରିକୀୟ ଅଧିକାରୀଙ୍କ ଉଦ୍ଧୃତି ଅନୁଯାୟୀ, ଇରାନ ଦ୍ୱାରା ନିକ୍ଷେପ କରାଯାଇଥିବା ଦୁଇଟି କ୍ଷେପଣାସ୍ତ୍ର ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରି ନାହିଁ ।

# 'କଳିଙ୍ଗ'ରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍



ଭୁବନେଶ୍ୱର, ୨୧/୦୩ (ଜେଏନ୍‌ଏସ୍) : ଓଡ଼ିଶା ତଥା କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ମାନଚିତ୍ରରେ ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଯୋଡ଼ି ହେବାକୁ ଯାଉଛି । ୨୦୨୮ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଆଥଲେଟିକ୍ସ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ସେବାଷ୍ଟିଆନ କୋଏ ଆଜି ଘୋଷଣା କରିଛନ୍ତି । ପୋଲାଣ୍ଡର ତରୁନଠାରେ ଗୁରୁବାର ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୨୮ ଓ ୨୦୩୦ ବିଶ୍ୱ ଇନ୍‌ଡୋର ଆୟୋଜନ ଅଧିକାର ଲାଗି ନିଷ୍ପତ୍ତି ନିଆଯାଇଛି ।
ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ଏହି ଷ୍ଟାଡିୟମ୍ ନିର୍ମାଣ ହୋଇଥିଲା । ନବୀନ ସରକାରଙ୍କ ଏହି ଦୂରଦୃଷ୍ଟି ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ପୁଣିଥରେ ସ୍ଥାନିତ କରିଛି । ୨୦୧୭ରେ ଏଠାରେ ଏସିଆନ୍ ଆଥ୍‌ଲେଟିକ୍ ମିଟ୍ ଆୟୋଜିତ ହୋଇଥିଲା ।
ୱାର୍ଲ୍ଡ ଆଥଲେଟିକ୍ସର କାଉନସିଲ୍ ବୈଠକ ପରେ ଏହି ଘୋଷଣା କରି ସେବାଷ୍ଟିଆନ କୋଏ କହିଛନ୍ତି, ବିଶ୍ୱ ଇନ୍‌ଡୋର ଚାମ୍ପିଅନସିପ୍‌ର ଆଗାମୀ ଦୁଇଟି ସଂସ୍କରଣ ଲାଗି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି । ଓଡ଼ିଶାର ଭୁବନେଶ୍ୱରଠାରେ ୨୦୨୮ ସଂସ୍କରଣ ଏବଂ କାଜାଖସ୍ତାନର ଆଷ୍ଟନରେ ୨୦୩୦ ସଂସ୍କରଣ ଅନୁଷ୍ଠିତ ହେବ । ସେହିଭଳି ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥଲେଟିକ ମହାସଂଘ (ଏଏଫ୍‌ଆଇ)ର ସଭାପତି ବାହାଦୁର ସିଂହ ସାଗୋ ନିଶ୍ଚିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣ ଏସିଆର ପ୍ରଥମ ଓ ଏକମାତ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି । ଭାରତର ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ ତାରିଖରୁ ଏଠାରେ ଆରମ୍ଭ ହେବାକୁ ଯାଉଛି । ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଏଥିପୂର୍ବରୁ ଦୁଇ ଦୁଇଥର ସିନିଅର ପୁରୁଷ ହକି ବିଶ୍ୱକପ୍, ଜୁନିଅର ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ବାଳିକା ବିଶ୍ୱକପ୍ ଏସୀୟ ଆଥଲେଟିକ୍ସ ଚାମ୍ପିଅନସିପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏବେ ଏହି ତାଲିକାରେ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଡ଼ି ହେବାକୁ ଯାଉଛି ।

## ଭାରତ ଅଭିମୁଖେ ଏଲ୍‌ପିଜି ବୋଝେଇ ଜାହାଜ

ନୂଆଦିଲ୍ଲୀ, ୨୧/୦୩ : କିଛି ଦିନର ଅଟକି ରହିବା ପରେ ଦୁଇଟି ଭାରତୀୟ ପତାକାଯୁକ୍ତ ଏଲପିଜି ଟ୍ୟାଙ୍କର୍ ହର୍ମୁଜ୍ ପ୍ରଣାଳୀ ଦେଇ ଘରକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ଉଭୟ ଟ୍ୟାଙ୍କର୍ ବର୍ତ୍ତମାନ ଉପସାଗର ଜଳରେ ଲଙ୍ଗରିଂ କରିଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ତୈଳ ଟ୍ୟାଙ୍କର୍ ଏହି ଜଳପଥ ଦେଇ ଯାଇନାହିଁ । ଗତ ସପ୍ତାହରେ ଇରାନ୍ ଦୁଇଟି ଭାରତୀୟ ପତାକାଯୁକ୍ତ ଏଲପିଜି ଟ୍ୟାଙ୍କରକୁ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେଇଥିଲା । ତେହେରାନ୍ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ଆକ୍ରମଣ କରିବାକୁ ଧମକ ଦେବା ପରଠାରୁ ଶହ ଶହ ଜାହାଜ ସମୁଦ୍ର ଅଞ୍ଚଳରେ ଲଙ୍ଗରିଂ ହୋଇ ରହିଛି । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଏହି ପ୍ରଣାଳୀ ଦେଇ ଗତି କରେ ।


Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra